

ଯା ଦେବୀ ସର୍ବଭୂତେଷୁ...


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ସୋମବାର ୨୪ ନଭେମ୍ବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 24 November 2025
Vol.No. 36 ■ No.309 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ
ସାଗରିକା ପୂଜା ସଂଖ୍ୟା
ସାଗରିକା
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net


## ୨୪ ଘଣ୍ଟାରେ ଲଘୁଚାପ ନେଇପାରେ ଅବପାତର ରୂପ: ୨୬ ରୁ ୨୭ ଭିତରେ ବାତ୍ୟା ସମ୍ଭାବନା

ଭୁବନେଶ୍ୱର, ୨୩/୧୧ (ନି.ପ୍ର): ସମ୍ଭାବ୍ୟ ବାତ୍ୟାକୁ ନେଇ ଲୋକେ ଭୟଭୀତ । ବାତ୍ୟା କେଉଁଠି ସ୍ଥଳଭାଗ ଛୁଇଁବ ଏଯାଏ ସ୍ପଷ୍ଟ ହୋଇନି । ତଥାପି ଓଡ଼ିଶାର ଲୋକେ ବାତ୍ୟାକୁ ନେଇ ଲୋକେ ଛାନିଆ ହଲେଣି । ନଷ୍ଟ ହେବା ଆଶଙ୍କାରେ ଚାଷୀ ଧାନ ବିଲରୁ ପାଚିଲା ଧାନ କାଟି ଦେଉଛନ୍ତି । ସେପଟେ ଅମଳ ଧାନକୁ କେଉଁଠି ସାଇତି ରଖିବେ ସେ ନେଇ ବି ଚିନ୍ତାରେ ପଡିଛନ୍ତି । ବଙ୍ଗୋପ ସାଗରରେ ବାତ୍ୟା ସମ୍ଭାବନା । ମାଲାକ୍କା ଓ ଦକ୍ଷିଣ ଆଣ୍ଡାମାନ ସାଗରରେ ସ୍ପଷ୍ଟ ଚିହ୍ନିତ ଲଘୁଚାପ କ୍ଷେତ୍ରରେ ପରିଣତ ହୋଇଛି ଲଘୁଚାପ । ଏହି ସମୟରେ ପାଣିପାଗର ଫୁଜିୱାରା ପ୍ରଭାବ ଦେଖିବାକୁ ମିଳିବ । ଶ୍ରୀଲଙ୍କା ନିକଟରେ ସକ୍ରିୟ ଘୂର୍ଣ୍ଣିବଳୟ ପରବର୍ତ୍ତୀ ସମୟରେ ମଲାକ୍କା ଓ ଏହାର ପାର୍ଶ୍ୱବର୍ତ୍ତୀ ଦକ୍ଷିଣ ଆଣ୍ଡାମାନ ସାଗରରେ ଥିବା ଅବପାତ ଚାରିପାଖେ ଘୂର୍ଣ୍ଣିତ ହୋଇ ସେଥିରେ ମିଶିଯିବାର ସମ୍ଭାବନା ଅଛି । ଫଳସ୍ୱରୂପ ତୀବ୍ର ହୋଇ ୨୬ରୁ ୨୭ ତାରିଖ ଭିତରେ ବାତ୍ୟାରେ ପରିଣତ ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଦକ୍ଷିଣପୂର୍ବ ବଙ୍ଗୋପସାଗରରେ ୨୫ ତାରିଖ ସନ୍ଧ୍ୟାରୁ ପବନର ବେଗ ଅଧିକ ରହିବ । ବାତ୍ୟାରେ ପରିଣତ ହେଲା ପରେ ପବନର ବେଗ ସର୍ବାଧିକ ଘଣ୍ଟାପ୍ରତି ୧୦୦ କିମି ରହିବ । ବଂଗୋପସାଗରରେ ବାତ୍ୟା ଆସୁଥିବା ସ୍ପଷ୍ଟ ହୋଇଥିଲେ ବି ଗତିଗଥ ଜଣାପଡିନାହିଁ । ଆନ୍ଧ୍ର-ପ୍ରଦେଶ, ପୁଡୁଚେରୀ, ତାମିଲନାଡୁ ଉପକୂଳରେ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି । ମତ୍ସ୍ୟଜୀବୀଙ୍କୁ ଗଭୀର ସମୁଦ୍ରକୁ ଯିବାକୁ ବାରଣ କରାଯାଇଛି । ଆଂଚଳିକ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁସାରେ ରାଜ୍ୟରେ ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ପାଗ ଶୁଖିଲା ରହିବ । ରାତି ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବ ନାହିଁ । ୨୭ ନଭେମ୍ବର ପରେ ରାଜ୍ୟକୁ ଥଣ୍ଡା ଶୁଷ୍କ, ଉତ୍ତରାପବନ ପ୍ରବେଶ କରିବା ସମ୍ଭାବନା ରହିଛି । ମୋନ୍ଥା କଥା ମନରୁ ନଯାଉଣୁ ଆଉ ଏକ ବାତ୍ୟା ଆସିବା ଲୋକଙ୍କ ଚିନ୍ତା ବଢ଼ାଇ ଦେଇଛି । କିନ୍ତୁ ଏଥର ବି ଓଡ଼ିଶା ଅପେକ୍ଷା ଆନ୍ଧ୍ର, ତାମିଲନାଡୁ ଉପରେ ବାତ୍ୟାର ପ୍ରଭାବ ପଡିବ ।



## ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାର ବିକଳ ଚିତ୍ର: ୨୪ ଘଣ୍ଟାରେ ରାଜ୍ୟରେ ୫ ହତ୍ୟାକାଣ୍ଡ

ଭୁବନେଶ୍ୱର, ୨୩/୧୧ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗରର ମାଆ ଥାନପତି ଠାକୁରାଣୀଙ୍କ ପୀଠରେ ରକ୍ତର ଛିଟା । ଗାଡ଼ି ପାର୍କିଂକୁ ନେଇ ବୃଦ୍ଧଙ୍କୁ ହତ୍ୟା । ଆଜି ଅପରାହ୍ନରେ ମନ୍ଦିର ପରିସରରେ ରନ୍ଧା ଭୋଗ ଖାଇସାରିବା ପରେ ରାସ୍ତାରେ କାର ରଖି ଯୁବକମାନେ ହୋହଲ୍ଲା କରିଥିଲେ । ଏହାକୁ ବିରୋଧ କରିଥିଲେ ଗ୍ରାମବାସୀ । ଏହି ସମୟରେ ମନ୍ଦିର କମିଟି ସଦସ୍ୟ ବୁଦ୍ଧିଆ ସାହୁ, ଯୁବକ ମାନଙ୍କୁ ବୁଝାସୁଝା କରିବା ବେଳେ ତାଙ୍କୁ ଆକ୍ରମଣ କରିଥିଲେ ଉତ୍ୟକ୍ତ ଯୁବକ । ଫଳରେ ବୁଦ୍ଧିଆଙ୍କର ମୃତ୍ୟୁ ହୋଇଛି । ରାଜନଗର ପୁଲିସ ଜଣେ ନାବାଳକ ସମେତ ୪ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି । କନ୍ଧମାଳରେ ନିଶାସକ୍ତ ଯୁବକର ନାରକୀୟ କାଣ୍ଡ । କାଠ ଫାଳିଆରେ ପିଟିପିଟି ବୃଦ୍ଧଙ୍କୁ ହତ୍ୟା । ନୂଆଗାଁ ଥାନା ଯୁଗାପଦର ଗାଁରେ ଏଭଳି ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି । ମୃତକ ହେଲେ ଅଲେଖ ନାୟକ । ତେବେ କାହିଁକି ଘଟିଛି ହତ୍ୟାକାଣ୍ଡ, ତାର କାରଣ ଖୋଜୁଛି ପୁଲିସ । ସେପଟେ କୋରାପୁଟ ଜିଲ୍ଲା ସୁନାବେଡ଼ାରେ ମା'କୁ ହତ୍ୟା କରିଛି ପୁଅ । ତଣ୍ଟି କାଟି ଅତି ବିଭତ୍ସ ଭାବେ ହତ୍ୟା କରିଛି । ତେବେ ପୁଲିସର ପ୍ରାଥମିକ ତଦନ୍ତରୁ ଅଭିଯୁକ୍ତ ବଳରାମ ଖରାର ମାନସିକ ବିକୃତି ଥିବା ଜଣାପଡିଛି । ଯାଜପୁରରେ ବି ଘଟିଛି ଅଭାବନୀୟ ଘଟଣା । ସ୍ୱାମୀର ଗୋଇଠା ମାଡ଼ରେ ସ୍ତ୍ରୀର ଯାଇଛି ଜୀବନ । ନିଶାସକ୍ତ ଅବସ୍ଥାରେ ବଚସା ପରେ ହତ୍ୟା କରିଥିଲା ଅଭିଯୁକ୍ତ ସ୍ୱାମୀ । ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ମିଳିତ ଭାବେ ଚଳାଇଛନ୍ତି ତଦନ୍ତ । ସେହିପରି ନବରଙ୍ଗପୁରରେ ଠେଙ୍ଗାରେ ପିଟିପିଟି ପିଉସୀ ପୁଅ ଭାଇକୁ ମାରିଦେଇଛି ଭାଇ । ସାମାନ୍ୟ ବଚସାକୁ ନେଇ ଏଭଳି ରକ୍ତାକ୍ତ କାଣ୍ଡ ଘଟାଇଛି ସମ୍ପର୍କୀୟ ଭାଇ । କେତେବେଳେ ସାମାନ୍ୟ ବଚସାକୁ ନେଇ କେତେବେଳେ ନିଶାସକ୍ତ ଅବସ୍ଥାରେ ମଣିଷ ହିତାହିତ ଜ୍ଞାନ ହରାଇ ହତ୍ୟାକାଣ୍ଡ ଘଟୁଛି । ଗତ ୨୪ ଘଣ୍ଟାରେ ରାଜ୍ୟରେ ଏଭଳି ୫ଟି ବର୍ବରତା ସାମ୍ନାକୁ ଆସିଛି ।

## ଏଣିକି ଆବାସିକ ହିତାଧିକାରୀଙ୍କୁ ମାଗଣାରେ ମିଳିବ ବାଲି : ବଡ଼ ଘୋଷଣା କଲେ ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର, ୨୩/୧୧ (ନି.ପ୍ର): ମାଗଣାରେ ମିଳିବ ବାଲି । ସରକାରଙ୍କ ବିଭିନ୍ନ ଗୃହ ଯୋଜନାରେ ସାମିଲ ହିତାଧିକାରୀଙ୍କୁ ମାଗଣାରେ ମିଳିବ ବାଲି । ଏନେଇ ଘୋଷଣା କରିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ଗରିବ ହିତାଧିକାରୀଙ୍କୁ ମାଗଣାରେ ବାଲି ଯୋଗାଇ ଦେବାନେଇ ବଡ଼ ଘୋଷଣା କରିଛନ୍ତି ମନ୍ତ୍ରୀ । ମାଗଣା ବାଲିରେ ଘର କରିବେ ହିତାଧିକାରୀ । ହିତାଧିକାରୀଙ୍କ ବାଲି ଟଙ୍କା ସରକାର ବହନ କରିବେ । ପୂର୍ବରୁ ବାଲି ଦରରେ ଲଗାମ ଲଗାଇଓ୍ୱା ପାଇଁ ଏମ୍ଏସପି ଘୋଷଣା କରିଛନ୍ତି ରାଜ୍ୟ ସରକାର । ସେପଟେ ସାରା ରାଜ୍ୟରେ ବାଲି ଦର ସମାନ ରହିବ । ଏଥିପାଇଁ ରାଜ୍ୟ ସରକାର ବାଲି ପାଇଁ ଏମ୍ଏସ୍ପି (ସର୍ବାଧିକ ବିକ୍ରୟ ମୂଲ୍ୟ) ଲାଗୁ କରିବେ । ଏଣିକି ସରକାର ଯେଉଁ ଦାମ୍ ଧାର୍ଯ୍ୟ କରିବେ, ବାଲିଘାଟ ଲିଜ୍‌ଧାରୀ ସେହି ଦାମ୍‌ରେ ଲୋକଙ୍କୁ ବାଲି ବିକ୍ରି କରିବେ । ଯିଏ ଅଧିକ ଦାମ୍‌ରେ ବାଲି ବିକିବେ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି । ଶୁକ୍ରବାର କ୍ୟାବିନେଟ୍ ବୈଠକରେ ଓଡ଼ିଶା ଲଘୁ ଖଣିଜ ରିହାତି ନିୟମ, ୨୦୧୬ର ସଂଶୋଧନ ଉପରେ ମୋହର ମାରିବା ପରେ ଏନେଇ ପ୍ରତିକ୍ରିୟା ରଖି ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି ଯେ ବାଲି ଚୋରି ରୋକିବା ଏବଂ ବାଲି ମାଫିଆଙ୍କୁ ସାବାଡ଼ କରିବା ପାଇଁ ରାଜ୍ୟ ସରକାର କେତେକ ନୂଆ ପଦକ୍ଷେପ ନେଇଛନ୍ତି । ଏଣିକି ଇ-ନିଲାମ ପରିବର୍ତ୍ତେ ଇ-ଲଟେରି ମାଧ୍ୟମରେ ବାଲିଘାଟଗୁଡ଼ିକୁ ଲିଜ୍ ଦିଆଯିବ ।



▶▶ପୃଷ୍ଠା ୭

## ଓଜନ ହେବ ଅଳଙ୍କାର, ହେବନି ମୂଲ୍ୟାୟନ: ୧୯୭୮ ତାଲିକା ଧରି ହେବ ରତ୍ନଭଣ୍ଡାର ଗଣତି ମଣତି

ଭୁବନେଶ୍ୱର, ୨୩/୧୧ (ନି.ପ୍ର): ଠିକ୍ ନୂଆବର୍ଷ ପରେ ଅଳଙ୍କାର ଗଣତି କାମ ଆରମ୍ଭ ହେବ ଓ ପର୍ଯ୍ୟାୟକ୍ରମେ ପ୍ରାୟ ଅଢ଼େଇରୁ ତିନି ମାସ ମଧ୍ୟରେ ଏହା ଶେଷ କରାଯିବ । ଅକ୍ଷୟ ତୃତୀୟା ଅର୍ଥାତ୍ ରଥ ନିର୍ମାଣ ଆରମ୍ଭ ପୂର୍ବରୁ ଏ କାର୍ଯ୍ୟ ସଂପନ୍ନ ପାଇଁ ଲକ୍ଷ୍ୟ ରଖାଯାଇଛି । ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ମାର୍ଗଦର୍ଶିକା ଅନୁସାରେ ଅଳଙ୍କାର ଗଣତି କରାଯିବ ଓ ଯାହାର ସମ୍ପୂର୍ଣ୍ଣ ଡିଜିଟାଇଜେସନ ହେବ । ଗଣତି ମଣତିର ଫଟୋଗ୍ରାଫି ସହ ଭିଡ଼ିଓଗ୍ରାଫି ମଧ୍ୟ କରାଯିବ । ଯଦିଓ ଏ ସମୟରେ ବାହାର ରାଜ୍ୟର ଅଭିଜ୍ଞ ଜହୁରୀ ବା ବଣିଆଙ୍କୁ ଡକାଯିବା ନେଇ କୌଣସି ସ୍ପଷ୍ଟତା ଆସିନାହିଁ କିନ୍ତୁ ସେତେବେଳେ ରିଜର୍ଭ ବ୍ୟାଙ୍କର ଦୁଇଜଣ ବରିଷ୍ଠ ଅଧିକାରୀ ନିଶ୍ଚିତ ଉପସ୍ଥିତ ରହିବେ । ଠାକୁରଙ୍କର କେଉଁ ଅଳଙ୍କାରର କି ନାଁ ? ତାର ଓଜନ କେତେ ?



▶▶ପୃଷ୍ଠା ୭

## ଛତିଶଗଡରେ ୧୮ଟି ଠିକଣାରେ ଏସିବି-ଇଓଡବ୍ଲୁ ଟିମର ରେଡ୍

ନୂଆଦିଲ୍ଲୀ, ୨୩/୧୧ :ଛତିଶଗଡ଼ରେ ରବିବାର ସକାଳେ ଏସିବି-ଇଓଡବ୍ଲୁ ଟିମ୍‌ମାନେ ଅବକାରୀ ଏବଂ ଡିଏମଏଫ ମାମଲା ସହ ସମ୍ବନ୍ଧିତ ପ୍ରାୟ ୧୮ଟି ସ୍ଥାନରେ ରେଡ୍ କରିଛନ୍ତି । ତଦନ୍ତ ଏଜେନ୍ସିଙ୍କ ସୂତ୍ର ଅନୁସାରେ, ରାୟପୁରର ରାମା ଗ୍ରିନ୍ କଲୋନୀରେ ପୂର୍ବ ଅବକାରୀ ଆୟୁକ୍ତ ନିରଞ୍ଜନ ଦାସଙ୍କ ଠିକଣାରେ ଚଢାଉ କରାଯାଇଛି । ଘଟଣାସ୍ଥଳରେ ଅଧିକାରୀମାନେ ଦଲିଲପତ୍ରମାନଙ୍କ ଯାଂଚ କରୁଛନ୍ତି । ସେହିପରି ଆମଲିଡିହରେ ଥିବା ଲାଭିଷ୍ଟା କଲୋନୀରେ ବ୍ୟବସାୟୀ ହରପାଲ ଅରୋରାଙ୍କ ଘରରେ ମଧ୍ୟ ରେଡ୍ ହୋଇଛି । ଏହାସହ ମଧ୍ୟ ବିଳାସପୁରରେ ଅଶୋକ ଟୁଟେଜାଙ୍କ ସ୍ଥାନ ଉପରେ ମଧ୍ୟ ରେଡ୍ ହୋଇଛି ।

## କର୍ଣ୍ଣାଟକ ନେତୃତ୍ୱ ପରିବର୍ତ୍ତନ ଚର୍ଚ୍ଚା ଉପରେ ବିରାମ : ବଦଳିବନି କ୍ୟାବିନେଟ

ନୂଆଦିଲ୍ଲୀ, ୨୩/୧୧ : କର୍ଣ୍ଣାଟକରେ କ୍ଷମତା କନ୍ଦଳ ମଧ୍ୟରେ ମୁଖ୍ୟମନ୍ତ୍ରୀ ସିଦ୍ଦରମୈୟା ବେଙ୍ଗାଲୁର ରେ ଅଖିଳ ଭାରତ କଂଗ୍ରେସ କମିଟି ଅଧକ୍ଷ ମଲ୍ଲିକାର୍ଜୁନ ଖଡଗେଙ୍କୁ ସାକ୍ଷାତ କରିଛନ୍ତି । କ୍ଷମତା ବଣ୍ଟନ ଓ ମନ୍ତ୍ରିମଣ୍ଡଳ ପୁନର୍ଗଠନ ନେଇ ଆଲୋଚନା ହୋଇଥିବା ସୂଚନା ମିଳିଛି । ପୂର୍ବ ନିର୍ଦ୍ଧାରିତ ଫର୍ମୁଲା ଅନୁଯାୟୀ, ଅଢ଼େଇ ବର୍ଷ ପରେ ସିଦ୍ଦରମୈୟା ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବା କଥା ଓ ଉପମୁଖ୍ୟମନ୍ତ୍ରୀ ଡି.କ ଶିବକୁମାର ନୂଆ ମୁଖ୍ୟମନ୍ତ୍ରୀ ହେବା କଥା । କିନ୍ତୁ ସିଦ୍ଦରମୈୟା ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବାକୁ ରାଜି ନଥିବାରୁ ଡେ.କେ ଶିବକୁମାରଙ୍କ କିଛି ସମର୍ଥକ ଦିଲ୍ଲୀରେ ପହଞ୍ଚି ଲବି କରୁଛନ୍ତି । ସେପଟେ ଶିବକୁମାର କହିଛନ୍ତି,ସେ ଦଳରେ ବିଭାଜନ ଚାହାନ୍ତି ନାହିଁ । ଗୋଷ୍ଠୀ ଗଠନ ତାଙ୍କ ରକ୍ତରେ ନାହିଁ । ଦଳର ରାଜ୍ୟ ସଭାପତି ଭାବେ ସମସ୍ତ ୧୪୦ ଜଣ ବିଧାୟକ ତାଙ୍କର । କ୍ୟାବିନେଟ୍ ପୁନର୍ଗଠନ ନେଇ କସରତ ଚାଲିଛି । କିଛି ବିଧାୟକ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇବାକୁ ଦିଲ୍ଲୀରେ ଚେଷ୍ଟା କରୁଛନ୍ତି । ଏଥିରେ ତାଙ୍କର କିଛି କରିବାର ନାହିଁ



▶▶ପୃଷ୍ଠା ୭

## ରାଜ୍ୟରେ କଂଗ୍ରେସ ସାଂଗଠନିକ ସ୍ଥିତିକୁ ଆହୁରି ମଜବୁତ କରାଯିବ: ଭକ୍ତ ଦାସ

ଭୁବନେଶ୍ୱର, ୨୩/୧୧ (ନି.ପ୍ର): ଗତକାଲି ରାହୁଲ ଗାନ୍ଧୀଙ୍କୁ ଭେଟି ଓଡିଶା ଫେରିବା ପରେ ପିସିସି ସଭାପତି ଭକ୍ତ ଚରଣ ଦାସ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ମୁଁ ଗତକାଲି ରାହୁଲ ଗାନ୍ଧୀଙ୍କୁ ଭେଟିଥିଲି । ରାଜ୍ୟରେ କଂଗ୍ରେସ ସାଂଗଠନିକ ସ୍ଥିତିକୁ ନେଇ ରାହୁଲ ଗାନ୍ଧୀଙ୍କ ସହ ଆଲୋଚନା ହୋଇଛି । ଆଗତ ଦିନ ଗୁଡିକରେ କଂଗ୍ରେସ ସ୍ଥିତିକୁ ଅଧିକ ମଜବୁତ କରିବା ପ୍ରସଙ୍ଗରେ ମଧ ଆଲୋଚନା ହୋଇଛି । ଏହାହ ନୂଆପଡା ଉପନିର୍ବାଚନରେ ଫଳାଫଳ ପ୍ରସଙ୍ଗରେ ମଧ ଆଲୋଚନା ହୋଇଛି ।

## ନିଶା ଦେଇ ନାବାଳିକାଙ୍କୁ ଗଣଦୁଷ୍କର୍ମ ଅଭିଯୋଗ

ଖୋର୍ଦ୍ଧା, ୨୩/୧୧ (ନି.ପ୍ର): ଗୋପାଳପୁର, ବ୍ରହ୍ମଗିରି ଦୁଷ୍କର୍ମ ଘଟଣା ମନରୁ ନ ଯାଉଣୁ ଖୋର୍ଦ୍ଧାରୁ ଆସିଛି ଛାତି ଥରାଇ ଦେବା ଭଳି ଘଟଣା । ଜଣେ ନାବାଳିକା ଗଣଦୁଷ୍କର୍ମର ଶିକାର ହୋଇ କ୍ୟାପିଟାଲ ହସ୍ପିଟାଲରେ ଜୀବନ ମରଣ ସହ ସଂଗ୍ରାମ କରୁଛନ୍ତି । କୁଣ୍ଠିତ । ବିଭତ୍ସ । ଅମାନୁସିକ । ଖୋର୍ଦ୍ଧା ନାବାଳିକାଙ୍କୁ ଦୁଷ୍କର୍ମ ନୁହେଁ, ହୋଇଛି ଗଣ ଦୁଷ୍କର୍ମ । ଖୋର୍ଦ୍ଧାରେ ଦୁଷ୍କର୍ମ ପରେ, ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ବେଡରେ ଜୀବନ ମରଣ ସହ ସଂଗ୍ରାମ କରୁଛନ୍ତି ପୀଡିତା । ବାଘମାରି ପୁଲିସ ଭୁବନେଶ୍ୱର ପହଞ୍ଚି ପୀଡିତାଙ୍କ ବୟାନ ରେକର୍ଡ ବେଳେ, ସାମାନକୁ ଆସିଛି ସାଙ୍ଘାତିକ ସତ । କେମିତି ଘଟିଲା ଏ ଲୋମଟାଙ୍କୁରା କାହାଣୀ । ଗୋଟି ଗୋଟି କରି କହିଛନ୍ତି ପୀଡିତା । ବୟାନ ରେକର୍ଡ ବେଳେ, ଏହି ବର୍ବରୋଚିତ କାହାଣୀ ସାମାନକୁ ଆସିଛି । ପ୍ରେମରେ ବିଫଳ ହେବା ପରେ, ହତାଶ ପ୍ରେମିକ ନେଇଛି ପ୍ରତିଶୋଧ । ଭୁଲେଇ ଭାଲେଇ ନାବାଳିକାଙ୍କୁ ଖୋର୍ଦ୍ଧା ନୂଆ ବସଷ୍ଟାଣ୍ଡ ପାଖକୁ ଡାକିଥିଲା । କାରରେ ବସିବାକୁ କହି ରୁମାଲରେ ନିଶା ଦେଇ ଅଚେତ କରିଥିଲା ।

▶▶ପୃଷ୍ଠା ୭

## ଜଷ୍ଟିସ ସୂର୍ଯ୍ୟକାନ୍ତ ଆଜି ଭାରତର ୫୩ତମ ମୁଖ୍ୟ ବିଚାରପତି ଭାବରେ ଶପଥ ନେବେ

ନୂଆଦିଲ୍ଲୀ, ୨୩/୧୧ : ଜଷ୍ଟିସ ସୂର୍ଯ୍ୟକାନ୍ତ ନଭେମ୍ବର ୨୪ ତାରିଖରେ ଭାରତର ମୁଖ୍ୟ ବିଚାରପତି ଭାବରେ ଶପଥ ଗ୍ରହଣ କରିବେ । ରାଷ୍ଟ୍ରପତି ଭବନରେ ଅନୁଷ୍ଠିତ ହେବାକୁ ଥିବା ଏହି ଶପଥ ଗ୍ରହଣ ଉତ୍ସବରେ ବ୍ରାଜିଲ ସମେତ ସାତଟି ଦେଶର ମୁଖ୍ୟ ବିଚାରପତି ଏବଂ ସୁପ୍ରିମକୋର୍ଟ ବିଚାରପତି ଯୋଗଦେବେ । ଏହି ସମାରୋହରେ ବ୍ରାଜିଲ ବ୍ୟତୀତ ଭୁଟାନ, କେନିଆ, ମାଲେସିଆ, ମରିସସ୍, ନେପାଳ ଏବଂ ଶ୍ରୀଲଙ୍କାର ମୁଖ୍ୟ ବିଚାରପତିମାନେ ମଧ୍ୟ ସେମାନଙ୍କ ପରିବାର ସହିତ ଯୋଗଦେବେ । ଭାରତୀୟ ନ୍ୟାୟପାଳିକାର ଇତିହାସରେ ଏହା ପ୍ରଥମ ଥର ହେବ ଯେ ଅନ୍ୟ ଦେଶରୁ ଏତେ ସଂଖ୍ୟାରେ ନ୍ୟାୟିକ ପ୍ରତିନିଧିମଣ୍ଡଳି ଜଣେ ମୁଖ୍ୟ ବିଚାରପତିଙ୍କ ଶପଥ ଗ୍ରହଣ ଉତ୍ସବରେ ଉପସ୍ଥିତ ରହିବେ । ଜଷ୍ଟିସ ସୂର୍ଯ୍ୟକାନ୍ତ ଭାରତର ୫୩ତମ ମୁଖ୍ୟ ବିଚାରପତି ହେବେ ଏବଂ ତାଙ୍କର କାର୍ଯ୍ୟକାଳ୧୪ ମାସ ରହିବ । ସେ ୯ ଫେବୃଆରୀ, ୨୦୨୭ ରେ ଅବସର ନେବେ । ଜଷ୍ଟିସ ସୂର୍ଯ୍ୟକାନ୍ତ ହରିୟାଣାରୁ ପ୍ରଥମ ମୁଖ୍ୟ ବିଚାରପତି ହେବେ । ବର୍ତ୍ତମାନର ମୁଖ୍ୟ ବିଚାରପତି ବି.ଆର. ଗଭାଇ ଆଜି ଅବସର ନେବେ । ଜଷ୍ଟିସ ବି.ଆର. ଗଭାଇଙ୍କ ଶେଷ କାର୍ଯ୍ୟ ଦିବସ ନଭେମ୍ବର ୨୨ ଥିଲା ।

## ପ୍ରଶାନ୍ତ ଦାସଙ୍କ କବିତା ପୁସ୍ତକ 'ପ୍ରଚ୍ଛଦ କବିତା'ର ପ୍ରଚ୍ଛଦ କବିତା ପର୍ବ

### କବିଟିଏ ମାନବ ସମାଜପାଇଁ ବୌଦ୍ଧିକ ବିଚାର ସାଇତି ରଖିଯାଏ

ବାଲେଶ୍ୱର, ୨୩/୧୧ (ନି.ପ୍ର): ଓଡ଼ିଆ ସାହିତ୍ୟର କବିତା ଜଗତରେ ଭିନ୍ନ ଏକ ଶୈଳୀରେ ରଚନା ହୋଇଥିବା ପ୍ରଶାନ୍ତ ଦାସଙ୍କ କବିତା ପୁସ୍ତକ 'ପ୍ରଚ୍ଛଦ କବିତା'ର ଏକ ନୂତନ ରୁଚିରେ ଆୟୋଜିତ 'ପ୍ରଚ୍ଛଦ କବିତା ପର୍ବ' ସ୍ଥାନୀୟ ଆତିଥ୍ୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି । ବାଲେଶ୍ୱର ଜିଲ୍ଲାର ୨୬ ଜଣ ଲେଖକଙ୍କ ପ୍ରକାଶିତ ପୁସ୍ତକ ଓ ପ୍ରଚ୍ଛଦକୁ ନେଇ ଲିଖିତ 'ପ୍ରଚ୍ଛଦ କବିତା'ର 'ପ୍ରଚ୍ଛଦ କବିତା ପର୍ବ'କୁ ପାଠକ ଓ ବୈଜ୍ଞାନିକ ପି.ଏକ୍ସ.ଇ ର ଆସୋସିଏଟ୍ ଡାଇରେକ୍ଟର ଡ. ହିମାଂଶୁ ପଣ୍ଡା ଉଦ୍‌ଘାଟନ କରି ନିଜ ବକ୍ତବ୍ୟରେ କହିଲେ ଯେ କବିଟିଏ ନିଜ କବିତାକୁ ଏକାଧିକବାର ପଢ଼ିଥାଏ ଓ ଲେଖିଥାଏ । କବିମାନେ ହିଁ ମାନବ ସମାଜ ପାଇଁ ବୌଦ୍ଧିକ ବିଚାର ସାଇତି ରଖିଥାନ୍ତି । 'ପ୍ରଚ୍ଛଦ କବିତା' ପୁସ୍ତକ ପ୍ରକାଶନ କ୍ଷେତ୍ରରେ ନୂଆ ଏକ ବାର୍ତ୍ତା ପ୍ରଦାନ କରିଅଛି । କବି ଓ କଥାକାର ଗଙ୍ଗାଧର ବିଶ୍ୱାଳ ନିଜର ଅଭିମତ ରଖି କହିଲେ ଯେ ପ୍ରଶାନ୍ତଙ୍କ 'ପ୍ରଚ୍ଛଦ କବିତା' କବିଙ୍କ କଳ୍ପନା ଓ ଭାବନାର ଏକ ସୁନ୍ଦର ପରିପ୍ରକାଶ । କାରଣ କବିଟିଏ ଚିରକାଳ କଳ୍ପନାବିଳାସୀ । କବିତାଗୁଡ଼ିକର ପ୍ରିୟ ପାଠକ ଶଶିରଂଜନ ମଲ୍ଲିକ ଯୋଗଦାନ କରି କହିଲେ ଯେ ପାଠକମାନେ ହିଁ କବିଙ୍କ ସୃଷ୍ଟିର ନିରପେକ୍ଷ ବିଚାରକ । ତେଣୁ ଜଣେ ପାଠକ ଭାବେ ମୁଁ ଅନୁଭବ କରିଛି ଯେ କବିତାଗୁଡ଼ିକ ନିଶ୍ଚୟ ପାଠକଙ୍କୁ ଛୁଇଁବ । ଲେଖକୀୟ ବକ୍ତବ୍ୟରେ କବି ଦାସ କହିଲେ ଯେ ଲେଖକମାନଙ୍କର



▶▶ପୃଷ୍ଠା ୭

# ଧର୍ମାନ୍ତରୀକରଣ ବିରୋଧରେ ତାତିଲେ ଗାଁ ମହିଳା

ମାଲକାନଗିରି,୨୩/୧୧ (ନି.ପ୍ର): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ କୁଡୁମୁଲୁଗୁମ୍ମା ଗ୍ରାମପଂଚାୟତ ଅନ୍ତର୍ଗତ ନାଲିଗୁଡା ଓ ରେନସୁଭାଟା ଗାଁ ମହିଳା ମାନେ ଧର୍ମାନ୍ତରୀକରଣ ଓ ଏହାର କାର୍ପଟଦାର ମାନଙ୍କ ବିରୋଧରେ ଏକଜୁଟ ହେବାସହ ଲିଖିତ ଆକାରରେ କୁଡୁମୁଲୁଗୁମ୍ମା ଫାଣ୍ଡିରେ ଆଜି ଏତଲା ଦେଇଛନ୍ତି । ପ୍ରକାଶ ଥାଉକି, ଗତ ୧୬ ତାରିଖରେ ନାଲିଗୁଡା ଠାରେ ନିର୍ମିତ ଚର୍ଚ୍ଚକୁ କିଛି ଦୁର୍ବୃତ ଭାଙ୍ଗି ଦେଇଥିବା ଅଭିଯୋଗ ଖ୍ରିଷ୍ଟିଆନ ସମାଜ ପକ୍ଷରୁ ଦିଆଯାଇଥିଲା ଯାହାକୁ ସେହି ଗ୍ରାମର ଲୋକ ଓ ମହିଳାମାନେ ସମ୍ପୂର୍ଣ୍ଣ ଭାବେ ଖଣ୍ଡନ କରିବା ସହ କହିଥିଲେ ଯେ, ଯେଉଁମାନଙ୍କ ନାମରେ ଅଭିଯୋଗ କରାଯାଇଛି ତାହା ସମ୍ପୂର୍ଣ୍ଣ ଭାବେ ମିଥ୍ୟା ପ୍ରରୋଚନା ଓ ପରିକଳ୍ପିତ । ଏଭଳି ମିଥ୍ୟା ଅଭିଯୋଗ ଦେଇ ସେମାନେ ଆମ ମନୋବଳକୁ ଦୁର୍ବଳ କରିବାକୁ ପ୍ରୟାସ କରିବା ସହ ଏହି ଅଂଚଳରେ କିଛି ପ୍ରଲୋଭନ ଓ କିଛି ଚକ୍ରାନ୍ତକାରୀଙ୍କ ଦ୍ୱାରା ନିରୀହ ଆଦିବାସୀଙ୍କ ସରଳତାର ସୁଯୋଗ ନେଇ ମିଥ୍ୟା ମନ୍ତବ୍ୟ ଦେଇ ଧର୍ମାନ୍ତରୀକରଣ କାୟାକୁ ଆହୁରି ସୁଦୃଢ଼ ଓ ପ୍ରସାରିତ କରିବା ମୁଖ୍ୟ ହୀନ ଉଦ୍ଦେଶ୍ୟ । ଆଜି ଏକ ବିବାଦୀୟ ଘଟଣାକ୍ରମେ ଉକ୍ତ ଅଂଚଳର ଚର୍ଚ୍ଚକୁ, କୁଡୁମୁଲୁଗୁମ୍ମାର ଜଣେ ପାଷ୍ଟର ଏସ୍.ଆମୋସଙ୍କ ନେତୃତ୍ୱରେ ୫ ଜଣ ଖ୍ରିଷ୍ଟ ସମାଜର ବ୍ୟକ୍ତି ବିଶେଷ ଯାଇ ଭଙ୍ଗା ଘରର ତାଲା ଖୋଲି ପ୍ରବେଶ କରିଥିଲେ, କିନ୍ତୁ ସେହି ସମୟରେ ରେନସୁଭଟାର କିଛି ଆଦିବାସୀ ମହିଳା ସେହି ବାଟ ଦେଇ କୁଡୁମୁଲୁଗୁମ୍ମା ଆସୁଥିବା ବେଳେ ଘଟଣାକୁ ଦେଖିଥିଲେ । ବିନା ପ୍ରଶାସନ ଅନୁମତିରେ ସେହି ବିବାଦୀୟ ଭଙ୍ଗା ଚର୍ଚ୍ଚକୁ କାହିଁକି ପ୍ରବେଶ କଲେ ବୋଲି ପଚାରିଥିଲେ, ଏତିକି ଶୁଣି ପାଷ୍ଟର ଚିହିଁକି ଉଠିବା ସହ କହିଥିଲେ ଯେ, ଉକ୍ତ ଘରକୁ ଆମେ ନୂତନ ଭାବେ ସ୍ଲାବ କରିବୁ ଓ ଏଥିରେ ତୁମର କିଛି ଆବଶ୍ୟକତା ନାହିଁ କହିବା ସହ ନାନା ଅଶ୍ଳିଳ ଭାଷାରେ ସେମାନଙ୍କ ଜାତି ଓ ଖାସକରି ହିନ୍ଦୁ ଧର୍ମକୁ ଆକ୍ଷେପ କରି ଗାଳିଗୁଲଜ କରିଥିଲେ ବୋଲି ମହିଳା ମାନେ ଅଭିଯୋଗ କରିଛନ୍ତି । ଏନେଇ ଉକ୍ତ ମହିଳାମାନେ କୁଡୁମୁଲୁଗୁମ୍ମା ଫାଣ୍ଡିରେ ଏକ ପାଲଟା ଏତଲା ଦେବା ସହ କହିଛନ୍ତି ଯେ, କିଛି ଲୋକ ବ୍ୟକ୍ତିଗତ ସ୍ୱାର୍ଥ ଓ ମନ୍ଦ ଉଦ୍ଦେଶ୍ୟ ରଖି ଟଙ୍କା ପାଇବା ଆଶାରେ ନିରିହ ଆଦିବାସୀ ମାନଙ୍କୁ ତାଙ୍କ ମୂଳ ଧର୍ମରୁ ବିଚ୍ୟୁତ କରି ଖ୍ରିଷ୍ଟିଆନ ଧର୍ମରେ ସାମିଲ କରିବା ପାଇଁ ଅନବରତ ଚକ୍ରାନ୍ତ ଚଳାଇଛନ୍ତି । ଯାହା ଫଳରେ ସରଳ ଆଦିବାସୀ ମାନେ ସେମାନଙ୍କ ଚାଲରେ ଫସି ଯାଉଛନ୍ତି । ସେମାନଙ୍କ ଦାବି ଯେ, ଧର୍ମାନ୍ତରୀକରଣ କାର୍ଯ୍ୟକ୍ରମ ପାଇଁ ଆସୁଥିବା ଟଙ୍କାର ଉତ୍ସ କ'ଣ ଓ କେଉଁ କେଉଁ ସଂସ୍ଥାଏ ବାବଦରେ ଚର୍ଚ୍ଚ ନିର୍ମାଣ ପାଇଁ ଅର୍ଥ ବରାଦ କରିଛନ୍ତି, ତାହାର ଟିକିନିଖି ତଦନ୍ତ ସହ ଦୋଷୀ ମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୋଲିସ ଓ ପ୍ରଶାସନକୁ ଅନୁରୋଧ କରିଛନ୍ତି ।

## ଲୁଟ ମାମଲାରେ ଅନ୍ୟ ଅଭିଯୁକ୍ତ ଗିରଫ

ଜୟପୁର ,୨୩/୧୧ (ନି.ପ୍ର): ଏକ ମଦବ୍ୟବସାୟୀଙ୍କ ଠାରୁ ମାରପିଟ କରି ଟଙ୍କା ଲୁଟି କରିଥିବା ଅଭିଯୋଗରେ ଆଜି ଟାଉନପୁଲିସ ଅନ୍ୟଏକ ଲୁଟେରାକୁ ଗିରଫ କରି କୋର୍ଟ ଚାଲାଣ କରିଛି । ମିଳିଥିବା ସୂଚନା ଅନୁଯାୟୀ ଗତ ଜାନୁଆରୀ ମାସରେ ଜମୁନାଗୁଡା ରୋଡରେ ଏକ ମଦବ୍ୟବସାୟୀକୁ ଦୁଇଜଣ ଯୁବକ ଆକ୍ରମଣ କରି ଟଙ୍କା ଲୁଟ କରିଥିବା ଅଭିଯୋଗରେ ପୂର୍ବରୁ ଟାଉନ ପୁଲିସ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଆଜି ଗୋପବନ୍ଧୁ ନଗର ଅଂଚଳର ଅନ୍ୟଜଣେ ଅଭିଯୁକ୍ତ ଶିବ ନାୟକକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଏସଆଇ ସିଦ୍ଧାର୍ଥ ବେହେରା ପ୍ରକାଶ କରିଛନ୍ତି ।

# ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ ପାଳିତ

ଜୟପୁର,୨୩/୧୧ (ନି.ପ୍ର): କୋରାପୁଟ ସଦର ମହକୁମାରେ ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ମେଡିକାଲ କଲେଜ ଛକ ନିକଟରେ ସ୍ଥାପିତ ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତୀରେ କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁଷ୍ପ ମାଲ୍ୟାର୍ପଣ କରି ତାଙ୍କର ସ୍ମୃତି ଚାରଣ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭାପତି ସସ୍ମିତା ମେଲେକା, କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ, ସମାଜସେବୀ କାମାକ୍ଷା ପ୍ରସାଦ ମାଝୀ, ପୂର୍ବତନ ବିଧାୟକ ନିମାଇଁ ସରକାର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରମେଶ ସାହୁ, ସ୍ମାରକୀ କମିଟି ସଦସ୍ୟ ଆର. ଶର୍ମା ଓ ଅରୁଣ କୁମାର ଦାଶ ପ୍ରମୁଖ ଯୋଗଦେଇ ପୁଷ୍ପ ମାଲ୍ୟାର୍ପଣ କରିଥିଲେ । ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ସହୀଦଙ୍କ ଜନ୍ମମାଟି ତେନ୍ତୁଲିଗୁମ୍ମାର ବିକାଶ ପାଇଁ ସମସ୍ତ କାର୍ଯ୍ୟ ତ୍ୱରାନ୍ୱିତ କରାଯିବ ବୋଲି କୋରାପୁଟ ବିଧାୟକ ରଘୁରାମ ମାଛ କହିଛନ୍ତି । ସେହିପରି କୋରାପୁଟ ବସଷ୍ଟାଣ୍ଡରେ ସ୍ଥାପିତ ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତୀରେ ରାଜ୍ୟ ମହିଳା କଂଗ୍ରେସ କମିଟି ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ରାଜ୍ୟ ବିଜେପି ସଧାରଣ ସମ୍ପାଦିକା ପୂର୍ଣ୍ଣିମା ନାୟକ, ଜିଲ୍ଲା କଂଗ୍ରେସ କମିଟି ସଭାପତି ରୂପକ ତୁରୁକ କୋରାପୁଟ ତହସିଲଦାର ସୟଦ ସବୀର ସାହା ପ୍ରମୁଖ ଯୋଗଦେଇ ପୁଷ୍ପ ମାଲ୍ୟାର୍ପଣ କରି ତାଙ୍କର ସ୍ମୃତି ଚାରଣ କରିଥିଲେ । ସେହିପରି ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ ଜୟପୁର ମୁଖ୍ୟ ରାସ୍ତାରେ ଥିବା ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ବିଭିନ୍ନ ଅନୁଷ୍ଠାନ ତରଫରୁ ଜୟନ୍ତି ପାଳିତ ହୋଇଛି । ଭାରତର ସ୍ୱାଧୀନତା ସଂଗ୍ରାମୀ ଶହିଦ ଲକ୍ଷଣ ନାୟକଙ୍କ ଜୟନ୍ତି ଉପଲକ୍ଷେ ପ୍ରତିମୁର୍ତ୍ତି ନିକଟରେ ଜୟପୁର ଉପଖଣ୍ଡ ପ୍ରଶାସନ, ଶହୀଦ ଲକ୍ଷ୍ମଣ ନାୟକ ସ୍ମୃତି ସମିତି, ଉତ୍କଳ ସମ୍ମଳିନି କୋରାପୁଟ ଜିଲା ଶାଖା ତରଫରୁ ଜୟନ୍ତି ପାଳିତ କରାଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ପୌର ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଅତିରିକ୍ତ ପୌର କାଯ୍ୟନିବାହି ଅଧିକାରି ପୁଜା ରାଉତ ପ୍ରମୁଖ ଉପସ୍ଥିତ ଥିଲେ କ୍ଷ ସେହିପରି ଜିଲା କଂଗ୍ରେସ ଭବନ ଜୟପୁର ଠାରେ ଜୟନ୍ତି ପାଳନ କରାଯାଇଛି । ଶହିଦ ଲକ୍ଷ୍ମଣ ନାୟକଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ କରି ଜୟନ୍ତି ପାଳନ କରାଯାଇଛି । ଏଠାରେ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବିହାନିପତି, ଜିଲା କଂଗ୍ରେସ ସଭାପତି ରୁପକ ତୁରୁକ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା, ପୁବତନ ବିଧାୟକ ନିମାଇ ସରକାର , ପୌର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ହସନ ମଦାନି ପ୍ରମୁଖ ଉପସ୍ଥିତ ଥିଲେ ।

# ଦାସିଆ ବାଉରୀ ପୀଠରେ ୨୫ ସରପଂଚଙ୍କ ଆଲୋଚନା

ପୁରୀ,୨୩/୧୧ (ନି.ପ୍ର): ଓଡିଶା ମହାଲେଖାକାର କାର୍ଯ୍ୟାଳୟ (ଏଜି)ଆନୁକୂଲ୍ୟରେ ପୁରୀ ଜିଲ୍ଲା ପ୍ରଶାସନ ଓ ପିପିଲି ଗୋଷ୍ଠି ଉନ୍ନୟନ କାର୍ଯ୍ୟାଳୟ ସହଯୋଗରେ ଦାସିଆ ବାଉରୀ ପୀଠ ଠାରେ ପିପିଲି ବ୍ଲକର ୨୫ ଟି ପଂଚାୟତର ସରପଂଚମାନଙ୍କ ସହ ଗ୍ରାମ୍ୟ ଉନ୍ନୟନରେ ତ୍ରିସ୍ତରୀୟ ପଂଚାୟତରାଜ ଅନୁଷ୍ଠାନର ଭୂମିକା ଉପରେ ଏକ ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା । ଓଡ଼ିଶାର ପ୍ରଧାନ ମହାଲେଖାକାର ଡି. ସାହୁଙ୍କ ପୌରହିତ୍ୟରେ ଏହି ଆଲୋଚନା ଚକ୍ରରେ ବରିଷ୍ଠ ଉପମାହାଲେଖାକାର ମନୋଜ କୁମାର ଏକ୍କା, ଉପ ନିର୍ଦ୍ଦେଶକ ଅଡିଟ ବିଭ୍ରାଂଶୁ ଶେଖର ନାୟକ, ପିପିଲି ଗୋଷ୍ଠି ଉନ୍ନୟନ ଅଧିକାରୀ, ସହକାରୀ ଗୋଷ୍ଠି ଉନ୍ନୟନ ଅଧିକାରୀ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ପ୍ରଧାନ ମହାଲେଖାକାର ଶ୍ରୀ ସାହୁ ବର୍ତ୍ତମାନ ଗ୍ରାମୀଣ ଲୋକ କମା ଧନ୍ଦା ଆଶାରେ ସହରାଭିମୁଖୀ ହେଉଛନ୍ତି । ଗାଁ ରେ ସହର ସୁବିଧା ଦେବା ପାଇଁ ସରକାର କୃଷି, ସମବାୟ, କୁଟୀର ଶିଳ୍ପ, ମତ୍ସ୍ୟ ଚାଷ ତଥା ଗମନା ଗମନ, ପାନୀୟ ଜଳ ପରିବେଶର ଉନ୍ନତି ପାଇଁ ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ କୋଟି କୋଟି ଟଙ୍କା ପ୍ରର୍ଯ୍ୟାପ୍ତ ପରିମାଣରେ ଯୋଗାଇ ଦେଉଛନ୍ତି । ଏହି ସରକାରୀ ପାଣ୍ଠିର ସଦୁପଯୋଗ ଓ ଠିକ ସମୟରେ ସମ୍ପୂର୍ଣ୍ଣ କରିବା ପାଇଁ ସରପଂଚମାନେ କେଉଁ କେଉଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ସେ ବିଷୟରେ ସେମାନଙ୍କ ଠାରୁ ଜାଣିବାକୁ ଚାହିଁଥିଲେ । ସରକାରୀ ରାଜକୋଷରୁ ଆବଣ୍ଟିତ ଅର୍ଥର ହିସାବ ରଖାଯିବା ଓ ଦୁର୍ନୀତିର ଗଳାବାଟକୁ ବନ୍ଦ କରିବା ପାଇଁ ଅଡିଟ ହେଉଛି ଏକ ପ୍ରମୁଖ ମାଧ୍ୟମ ବୋଲି ଦର୍ଶାଇଥିଲେ । ସେମାନେ ଚାହିଁଲେ ଏଜି କାର୍ଯ୍ୟାଳୟ ସମସ୍ତ ପ୍ରକାର ସାହାଯ୍ୟ ଯୋଗାଇ ଦେବ । ଉପ ନିର୍ଦ୍ଦେଶକ ଶ୍ରୀ ନାୟକ ଓଡିଶାରେ ୬୩ ଭାଗ ଲୋକ ଗ୍ରାମାଂଚରେ ବାସ କରନ୍ତି । ସେମାନଙ୍କର ସାମୁହିକ ଉନ୍ନତି ଦେଶକୁ ପ୍ରଗତି ପଥରେ ଆଗେଇ ନେବ ବୋଲି ପ୍ରକାଶ କରିଥିଲେ । ପ୍ରଧାନ ମହାଲେଖାକାର ଶ୍ରୀ ସାହୁ ଆଲୋଚନା ଚକ୍ର ଶେଷରେ ବ୍ୟକ୍ତିଗତ ଭାବେ ସରପଂଚମାନଙ୍କ ଅସୁବିଧା ଓ ଅଭିଯୋଗ ଶୁଣିଥିଲେ । ଏହାର ନିରାକାରଣ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଥିଲେ । ପ୍ରାରମ୍ଭରେ ବରିଷ୍ଠ ଲେଖା ଅଧିକାରୀ ଭି. ଆନନ୍ଦ ଭଟ୍ଟ ସ୍ୱାଗତ ଭାଷଣ ଦେଇଥିବା ବେଳେ ବରିଷ୍ଠ ଲେଖା ଅଧିକାରୀ ସାରଦା ପ୍ରସନ୍ନ ମହାପାତ୍ର ଧନ୍ୟବାଦ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ମହଲେଖାକାରଙ୍କ ସଚିବ ପ୍ରଭାତ କୁମାର ପ୍ରଧାନ, ଦୁର୍ଗା ଶଙ୍କର ପରିଡା, ରାଜେଶ ସିଂହ, ଦୀପ୍ତି ରଞ୍ଜନ ରାଏ ପରିଚାଳନା କରିଥିଲେ ।

## ରାସ୍ତା ପାର୍ଶ୍ୱରୁ ପକ୍କାମିସ୍ତ୍ରୀଙ୍କ ମୃତଦେହ ଜବତ

ବେତନଟୀ,୨୩/୧୧ (ନି.ପ୍ର): ବାରିପଦା-ଚିତ୍ରଡା ରାଜ୍ୟରାଜପଥର ଭାଲିଆଡିହାଠାରେ ରାସ୍ତା ପାର୍ଶ୍ୱରୁ ଜନୈକ ପକ୍କାମିସ୍ତ୍ରୀଙ୍କ ମୃତଦେହ ଜବତକରି ତଦନ୍ତ ଆରମ୍ଭ କଲା ବେତନଟୀ ପୁଲିସ । ମୃତ ପକ୍କାମିସ୍ତ୍ରୀ ଜଣକ ହେଉଛନ୍ତି ବାରିପଦା ସଦରଥାନା ଅଧୀନ ହେଁସେ ଲଡିହି ଗ୍ରାମର ମଙ୍ଗଲ ହେମ୍ବ୍ରର ପୁଅ କାଲାମିସ୍ତ୍ରୀ ଓରଫ କଲା ହେମ୍ବ୍ରମ (୪୫ ) । ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ମୁତାବକ କାଲା ରବିବାର ସକାଳେ ଭାଲିଆଡିହା-କଲରାଫୁଲିଆ ମଝିରେ ବାରିପଦା-ଚିତ୍ରଡା ରାଜ୍ୟରାଜପଥ ପାର୍ଶ୍ୱରେ ବିଚରଣ କରୁଥିଲା । ଏହାପରେ ରାସ୍ତା ପାର୍ଶ୍ୱରେ କିଛି ସମୟ ବସିଥିବାର ମଧ୍ୟ ଲୋକେ ଦେଖିଥିଲେ । ତେବେ ରାସ୍ତା ପାର୍ଶ୍ୱରେ କାଲା ଶୋଇ ରହିଥିବା ବେଳେ ଘଣ୍ଟାଘଣ୍ଟା ଧରି ନିଶ୍ଚଳ ହୋଇ ପଡିରହିଥିବାର ଦେଖି ସ୍ଥାନୀୟଲୋକଙ୍କ ମନରେ ସନ୍ଦେହ ହୋଇଥିଲା । ପାଖକୁଯିବାପରେ କାଲାର ନିଃଶ୍ୱାସ ପ୍ରଶ୍ୱାସ ବନ୍ଦ ହୋଇଯାଇଥିବା ଏବଂ ମୁହଁରେ ପୋକମାଛି ବସିଥିବାର ଦେଖି ବେତନଟୀ ପୁଲିସକୁ ଖବର ଦେଇଥିଲେ । ଖବରପାଇ ବଡଜାମବଣି ଫାଣ୍ଡିଅଧିକାରୀ ଏଏସଆଇ ଭାବଗ୍ରାହୀ ମହାନ୍ତ ଘଟଣାସ୍ଥଳରେ ପହଞ୍ଚି ରାସ୍ତା ପାର୍ଶ୍ୱରେ ନିଶ୍ଚଳହୋଇ ପଡିରହିଥିବା କାଲା ହେମ୍ବ୍ରମକୁ ଉଦ୍ଧାରକରି ବାରିପଦା ଜିଲ୍ଲାମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ସୁଦ୍ଧା ସେଠାରେ କାର୍ଯ୍ୟରତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ତଦନ୍ତକାରୀ ଅଧିକାରୀ ଏଏସଆଇ ଭାବଗ୍ରାହୀ ମହାନ୍ତି ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଜାରି ରଖିବା ବେଳେ ରବିବାର ବିଳମ୍ବ ହୋଇଯାଇଥିବାରୁ ସୋମବାର ଶବବ୍ୟବଚ୍ଛେଦ ହେବାନେଇ ତଦନ୍ତକାରୀ ଅଧିକାରୀ ଏଏସଆଇ ଶ୍ରୀଯୁକ୍ତମହାନ୍ତ ସୂଚନା ଦେଇଛନ୍ତି ।

# ଶିରିଡି ସାଇଙ୍କ ପାଲିଙ୍କି ଯାତ୍ରା

ଚମ୍ପୁଆ,୨୩/୧୧ (ନି.ପ୍ର): ଚମ୍ପୁଆ ଶିରିଡି ସାଇ ମନ୍ଦିରରେ ଶ୍ରୀ ସାଇନାଥ ମହାରାଜଙ୍କ ତୃତୀୟତମ ସ୍ୱନକ୍ଷତ୍ର ଉତ୍ସବ ଆଜି ମହା ଆଡ଼ମ୍ବର ସହିତ ପାଳିତ ହୋଇଯାଇଛି । ଶ୍ରଦ୍ଧାଳୁମାନେ କାନ୍ଧରେ ବୋହି ବାବାଙ୍କ ପାଲିଙ୍କିକୁ ଏକ ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ । ଏହି ଅବସରରେ ମନ୍ଦିର କମିଟି ତରଫରୁ ଭକ୍ତମାନଙ୍କୁ ପ୍ରସାଦ ବିତରଣ କରାଯାଇଥିଲା । ସାଇ ମନ୍ଦିର କମିଟି ସଦସ୍ୟ ମନୋରଞ୍ଜନ ମିଶ୍ର , ବିଷ୍ଣୁଚରଣ ରାଠୋର , ବିଜୁ ସାହୁ , ଗୀତାଞ୍ଜଳି ବାରିକ୍, ଅପରାଜିତା ଜିତ୍, ସୁଷମା ପ୍ରଧାନ, ଶେଖର ଦେହୁରୀ , କାଳିଆ ବେହେରା , କେଦାର ଗିରି , ଚିନ୍ମୟ ପ୍ରଧାନ ପ୍ରମୁଖଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଶାନ୍ତିଶୃଙ୍ଖଳାର ସହିତ ଅନୁଷ୍ଠିତ ହୋଇଥିଲା । ସକାଳୁ ଶ୍ରଦ୍ଧାଳୁମାନଙ୍କ ଦ୍ୱାରା ବୈତରଣୀ ନଦୀରୁ ଘଟ ଆଣିବା ପରେ ମନ୍ଦିରରେ ସାଇବାବାଙ୍କ ଅଭିଷେକ ଓ ମହାସ୍ନାନ କରାଯାଇଥିଲା । ଇତ୍ୟଅବସରରେ ସାଇ ସତ୍ୟନାରାୟଣ ପୂଜା ଓ ହୋମ ଯଜ୍ଞ ଅନୁଷ୍ଠିତ ହୋଇଥିଲା । ଅପରାହ୍ନ ଚାରି ଘଟିକା ସମୟରେ ଶିରିଡି ସାଇଙ୍କ ପାଲିଙ୍କି ଯାତ୍ରା ସାଇ ମନ୍ଦିରରୁ ଆରମ୍ଭ ହୋଇ ଚମ୍ପୁଆ ନଗର ଓ ବଜାର ପରିକ୍ରମା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଚମ୍ପୁଆ ନଗର ଓ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ଫୌଜ ଇଣ୍ଡିଆର ପ୍ରତିଷ୍ଠାତାଙ୍କ ଅକାଳ ବିୟୋଗ

ଧର୍ମଶାଳା,୨୩/୧୧ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ଅଂଚଳର ଯୁବ ସଙ୍ଗଠକ ତଥା ଫୌଜ ଇଣ୍ଡିଆର ପ୍ରତିଷ୍ଠାତା ଚୋରମୁହାଁ ଗ୍ରାମର ଅଜିତ କୁମାର ଯେନା (୫୭)ଙ୍କ ଆଜି ଅକାଳ ବିୟୋଗ ଘଟିଛି । ସେ ୨୦୧୭ ମସିହାରୁ ପକ୍ଷାଘାତ ରୋଗର ଶିକର ହୋଇ ଘରେ ରହିଥିଲେ । ଗତକାଲି ରାତିରେ ତାଙ୍କ ଦେହ ଅସୁସ୍ଥ ହେବାରୁ ପରିବାର ଲୋକେ ତାଙ୍କୁ କଟକ ମେଡିକାଲରେ ଭର୍ତୀ କରିଥିବା ବେଳେ ଚିକିତ୍ସାଧିନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ଆଜି ତାଙ୍କ ମରଶରୀର ଚୋରମୁହାଁସ୍ଥିତ ନିଜ ବାସଭବନକୁ ଆସିବା ପରେ ଏକ ଶୋକାକୁଳ ପରିବେଷ ଦେଖିବାକୁ ମିଳିଥିଲା । ସେ ଜଣେ ମିଷ୍ଟ ଭାଷୀ ପରୋପକାରୀ ବ୍ୟକ୍ତି ଭାବରେ ବେଶ ଜଣାଶୁଣାଥିଲେ । ସେ ଜାରକା ଠାରେ ଫୌଜ ଇଣ୍ଡିଆ ନାମରେ ଏକ ସ୍ୱେଚ୍ଛାସେବୀ ସଙ୍ଗଠନ ଗଡି ଅନେକ ଯୁବକଙ୍କୁ ମାଗଣା ଶିକ୍ଷା ଯୋଗାଇ ଦେଇଥିଲେ । ତାଙ୍କ ମୃତ୍ୟୁରେ ସମଗ୍ର ଧର୍ମଶାଳା ଅଂଚଳରେ ଶୋକର ଛାୟା ଖେଳି ଯାଇଛି । ଖବର ପାଇ ଆଜି ପୂର୍ବତନ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ , ଚୋରମୁହାଁ ପଂଚାୟତ ସମିତିସଭ୍ୟ ପ୍ରିୟବ୍ରତ ପ୍ରଧାନ, ବିଜେପି ନେତା କାହ୍ନୁ ଚରଣ ଦାଶ, ନାରାୟଣ ମଲିକ, ତନୁଜା ଶାସ, କଂଗ୍ରେସ ନେତା କିଶାନ ପଣ୍ଡା,କଂଗ୍ରେସ ମୁଖପାତ୍ର ମାନସ ରଞ୍ଜନ କର, ବିଜେପି ଯୁବ ସଙ୍ଗଠକ ରାଜେଶ କୁମାର ପାଳ, ଲୋକନାଥ ମହାନ୍ତି,ମଦନ ମୋହନ ନାୟାକ, କୃଷକ ନେତା ବସନ୍ତ ପରିଡା, ପ୍ରଫୁଲ୍ଲ କୁମାର ରାୟ, ସନ୍ତୋଷ ତରାଇ ,କାର୍ତ୍ତୀକ ମଲିକ,ଗୟାଧର ମଲିକ, ଅନାମ ମଲିକ,ଆତ୍ରତ୍ରାଣ ମଲିକ, ଦୁଷ୍ମନ୍ତ ଯେନା, କେଶବ ମଲିକ,କାଳିଆ ପାଳ, କଳ୍ପତରୁ ସାହୁ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସ ଭବନରେ ପହଁଚି ଶେଷ ଦର୍ଶନ କରିଥିଲେ । ସ୍ୱର୍ଗତ ଯେନାଙ୍କ ମରଶରୀରକୁ ଏକ ଶୋଭା ଯାତ୍ରାରେ ନିଆଯାଇ ଧର୍ମଶାଳା , ଜାରକା ବଜାର ପରିକ୍ରମା କରାଯାଇ ଜାରକା ପଣ୍ଡୁଆସ୍ଥିତ ଫୌଜ ଇଣ୍ଡିଆ କାର୍ଯ୍ୟାଳୟକୁ ନିଆଯାଇଥିଲା । ସେଠାରୁ ପୁରୀସ୍ଥିତ ସ୍ୱର୍ଗଦ୍ୱାର ନିଆଯାଇ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି । ତାଙ୍କର ଏକ ମାତ୍ର ପୁଅ ମୁଖାଗ୍ନି ଦେଇଥିଲେ ।

## ଧାନମଣ୍ଡଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ୨୮ତମ ବାର୍ଷିକ କ୍ରୀଡା ଉତ୍ସବ

ଧର୍ମଶାଳା,୨୩/୧୧ (ନି.ପ୍ର): ଯାଜପୁର ଜିଲା ବଡଚଣା ବକଲକ ଧାନମଣ୍ଡଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୨୮ତମ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମୋଟ ୩୧ କ୍ରୀଡାରେ ୫ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥିଭାବେ ଜନକଲ୍ୟାଣ ବିଦ୍ୟାଳୟର ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ବାସୁଦେବ ଜେନା ଯୋଗ ଦେଇ ଉଦଘାଟନ କରିଥିଲେ । ସମ୍ମାନୀତ ଅତିଥବଭାବେ କ୍ରୀଡା ଶିକ୍ଷକ ଶମ୍ଭୁନାଥ ଦାସ ଓ ସାମ୍ବାଦିକ ସମରେନ୍ଦ୍ର ମାହାଲା ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ହେମନ୍ତ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ । ମାନଗୋବିନ୍ଦ ପ୍ରଧାନ, ଗୀତାରାଣୀ ଜେନା, ମିନାକ୍ଷୀ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଓମ୍ ପ୍ରକାଶ ରାଣା,ସମୀକ୍ଷା ରାଣୀ ବଳ କ୍ରୀଡା ଚୟନରେ ଉତିର୍ଣ୍ଣ ହୋଇଥିବା ବେଳେ ଶିଶୁ ବର୍ଗରେ ଶୁଭମ୍ ସୋରେନ ଓ ଲକ୍ଷ୍ମୀ ହାଂସଦା ଉତିର୍ଣ୍ଣ ହୋଇଥିଲେ ।

# ଓଡ଼ିଶା ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତିର ଗୁରୁତ୍ୱପୂର୍ଣ୍ଣ ବୈଠକ

ଜୟପୁର,୨୩/୧୧ (ନି.ପ୍ର): ଓଡ଼ିଶା ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖା ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଜୟପୁର ଯାଦବ ଭବନ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଓଡ଼ିଶା ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖା ସଭାପତି ଶଶୀ ଭୂଷଣ ଦାସ ଙ୍କ ଆହ୍ୱାନ କ୍ରମେ ବିଭିନ୍ନ ବିଭାଗରେ କାର୍ଯ୍ୟରତ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି ଯୋଗଦାନ କରିଥିଲେ । , ଅଣଗେଜେଟେଡ୍ କର୍ମଚାରୀ ମାନଙ୍କର ବିଭିନ୍ନ ସମସ୍ୟା ଓ ନ୍ୟାର୍ଯ୍ୟ ଦାବି ସମ୍ପର୍କରେ ଆଲୋଚନା କରାଯାଇଥିଲା । ଜୟପୁର ଠାରେ ତା ୨୧.୧୨.୨୦୨୫ ରିଖ ଦିନ ଏକ ସମାବେଶ କରିବା ନିମନ୍ତେ ସ୍ଥିର କରାଗଲା, ସମସ୍ତ କର୍ମଚାରୀ ଙ୍କୁ ୨୦,୦୦୦୦୦/- ଲକ୍ଷ ଟଙ୍କା ଯୋଗାଇଦେବା , ନୂତନ ପେନସନ୍ ବଦଳରେ ପୁରୁଣା ପେନସନ ଲାଗୁ କରିବା, ପୁରୁଣା ନିୟମ ଅନୁସାରେ ଅନୁକମ୍ପା ମୂଳକ ନିଯୁକ୍ତି ପ୍ରଦାନ କରିବା ସହିତ ଅଣଗେଜେଟେଡ୍ କର୍ମଚାରୀ ଙ୍କ ବିଭିନ୍ନ ନ୍ୟାର୍ଯ୍ୟ ଦାବି ସମ୍ପର୍କରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ନିମନ୍ତେ ସ୍ଥିର କରାଯାଇଥିବା ସୁଚନା ମିଳିଛି । ଉକ୍ତ ବୈଠକରେ ଓଡ଼ିଶା ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖାର ସମ୍ପାଦକ ମହେଶ୍ୱର ମିଶ୍ର, ଓଡ଼ିଶା ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି ସହ ସମ୍ପାଦକ ଲକ୍ଷ୍ମୀ କାନ୍ତ ଦାସ , ଓଡ଼ିଶା ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖା ଉପଦେଷ୍ଟା କୈଳାଶ ସାମନ୍ତରାୟ, ଶ୍ରୀ ସୁଧାକର ପଣ୍ଡା, ଶ୍ରୀ ଜଗଦିଶ ମିଶ୍ର, ଶ୍ରୀ ଭାଗିରଥି ବାରିକ, ଶ୍ରୀ ଅଜିତ୍ କୁମାର ସତପଥି, ସୁସିଲ୍ ପ୍ରେମ୍ ନାଗ, ସଞ୍ଜିତ୍ ସୁନା, କୁମୁଦ କୁମାର ମିଶ୍ର, ଦିଲିପ୍ କୁମାର ମିଶ୍ର, ବରିଷ୍ଠ ସଦସ୍ୟ ଓ ଶ୍ରୀ ଅଜୟ କୁମାର ପ୍ରଧାନ କାର୍ଯ୍ୟ କାରିଣୀ ସଦସ୍ୟ ଙ୍କ ସମେତ ବହୁ ବରିଷ୍ଠ ସଦସ୍ୟ ଯୋଗଦାନ କରିଥିଲେ, ପରି ଶେଷରେ ଶ୍ରୀ ଦାଶ୍ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିବା ସହିତ ସଭା ସାଙ୍ଗ କରିଥିଲେ ।

# ଫୁଲବାଣୀରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଓ ବ୍ଲକସ୍ତରୀୟ ବିଜ୍ଞାନମେଳା

କନ୍ଧମାଳ,୨୩/୧୧ (ନି.ପ୍ର): ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଓ ବ୍ଲକ ସ୍ତରୀୟ ବିଜ୍ଞାନମେଳାର ମିଳିତ ଆନୁକୁଲ୍ୟରେ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଫୁଲବାଣୀ ଠାରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ରଞ୍ଜନ କୁମାର କହଁରଙ୍କ ଅଧ୍ୟକ୍ଷତାରେ ବ୍ଲକ ସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା । ଉଦଘାଟନୀ ଉତ୍ସବରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ରାଜେଶ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ସେହିପରି ଭାବରେ ଉଦଯାପନୀ ଉତ୍ସବରେ ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଫୁଲବାଣୀ ଶ୍ରୀ ଗଦାଧର ପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିଲେ ଏବଂ ସମ୍ମାନୀତ ଅତିଥି ଭାବେ ପ୍ରଧାନ ଶିକ୍ଷୟିତ୍ରୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଫୁଲବାଣୀ ଶ୍ରୀମତୀ ମୀନା କୁମାରୀ ଦିଗାଲ, ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଶ୍ରୀ ସିମାଞ୍ଚଳ, ଏବିଇଓ ଶ୍ରୀ ସିମାଦ୍ରୀ କହଁର, ଏବିଇଓ ଶ୍ରୀ ଧନେଶ୍ୱର କହଁର, ସଭାପତି, ଜିଲ୍ଲା ଶିକ୍ଷକ ସଂଘ ଶ୍ରୀ ସନ୍ତୋଷ କୁମାର ଦିଗାଲ, ସଭାପତି, ବ୍ଲକ ଶିକ୍ଷକ ସଂଘ ଶ୍ରୀ ଦିନେଶ ବେହେରା, ସଭାପତି, ଏନପିଏସ୍ ବ୍ଲକ ଶିକ୍ଷକ ସଂଘ ଶ୍ରୀ ସରୋଜ ସେଠୀ ଯୋଗଦେଇ ଥିଲେ । ବାଲ୍ ପ୍ରଦର୍ଶନୀ ରୁ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଆନୁକୁଲ୍ୟରେ ୭ଗୋଟି ଉପ ବିଷୟରୁ ୭ଗୋଟି ଶ୍ରେଷ୍ଠ ପ୍ରକଳ୍ପ ଚୟନ କରାଯାଇ ଶ୍ରେଷ୍ଠ ୭ ଜଣ କୁନି ବୈଜ୍ଞାନିକ, ବିଜ୍ଞାନ ମେଳା କନିଷ୍ଠ ବର୍ଗରୁ ଶ୍ରେଷ୍ଠ ୩ ଜଣ ଏବଂ ବରିଷ୍ଠ ବର୍ଗରୁ ଶ୍ରେଷ୍ଠ ୩ ଜଣଙ୍କୁ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ନିମନ୍ତେ ଚୟନ କରାଯିବା ସହିତ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ସମସ୍ତ ଅଂଶଗ୍ରହଣକାରୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ପ୍ରଧାନ ଶିକ୍ଷୟିତ୍ରୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଫୁଲବାଣୀ ଶ୍ରୀମତୀ ମୀନା କୁମାରୀ ଦିଗାଲ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଶ୍ରୀ ଲଲାଟେନ୍ଦୁ ନାୟକ, ଶ୍ରୀ ଅରୁଣ କୁମାର ଦେ ଏବଂ ସରୋଜ କୁମାର ସେଠୀ ମଂଚ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ୧୦୭ ଟି ପ୍ରକଳ୍ପ ସହ ପ୍ରାୟ ୧୨୦ ଛାତ୍ରଛାତ୍ରୀ ଓ ୧୦୭ ଜଣ ଗାଇଡ ଶିକ୍ଷକ/ଶିକ୍ଷୟିତ୍ରୀ ଯୋଗଦେଇ ଥିଲେ । ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ସମସ୍ତ କର୍ମଚାରୀ ଓ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

# ତୁଳସୀକ୍ଷେତ୍ର କଳାକାର ସଙ୍ଘ ଜିଲ୍ଲାସ୍ତରୀୟ ମହୋତ୍ସବ

କେନ୍ଦ୍ରାପଡା,୨୩/୧୧ (ନି.ପ୍ର): ତୁଳସୀକ୍ଷେତ୍ର କଳାକାର ସଙ୍ଘର ଜିଲ୍ଲା ସ୍ତରୀୟ ମହୋତ୍ସବ ଶ୍ୟାମସୁନ୍ଦରପୁର ନିକଟସ୍ଥ ଏକ ମଣ୍ଡପରେ ଉଦଘାଟିତ ହୋଇଯାଇଛି । ଏହି ଉପଲକ୍ଷେ ତୁଳସୀକ୍ଷେତ୍ର କଳାକାର ସଙ୍ଘ ସଭାପତି କେଦାର ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଜିଲ୍ଲାପାଳ ରଘୁରାମ ଆର. ଆୟାର ଉଦଘାଟକ ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବକୁ ଉଦଘାଟନ କରି କେନ୍ଦ୍ରାପଡା ମାଟି ହେଉଛି କଳା, ସଂସ୍କୃତି ଓ ଐତିହ୍ୟ ସମ୍ପନ୍ନ ମାଟି । ଏଠାରେ ବହୁ ପ୍ରତିଷ୍ଠିତ ସାହିତ୍ୟ, କଳାକାର ଓ ବିଦ୍ୱାନ ଜନ୍ମନେଇ ଏମାଟିକୁ ରୁଦ୍ଧିମନ୍ତ କରିଛନ୍ତି ବୋଲି କହିଥିଲେ । ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସ୍ତମ୍ଭକାର ତଥା ସାମ୍ବାଦିକ ଶ୍ରୀରାମ ଦାଶ ଯୋଗଦେଇ କେନ୍ଦ୍ରାପଡାର କଳାକାର, ସଂଗୀତକାର, ସାହିତ୍ୟିକ ଓ ବୁଦ୍ଧିଜୀବି ସର୍ବଦା ରାଜ୍ୟ, ଦେଶ ଓ ବିଦେଶରେ ସୁନାମ ଅର୍ଜନ କରି ଏମାଟିକୁ ଗୌରବାନ୍ୱିତ କରି ଆସିଛନ୍ତି । ଅକ୍ଷୟ ମହାନ୍ତିଙ୍କ ଠାରୁ ଆରମ୍ଭ କରି ବିଜୟ ମହାନ୍ତି, ଭିକାରୀ ବଳ, ନିମାଇଁ ହରିଚନ୍ଦନ ପ୍ରଭୃତି ପ୍ରତ୍ୟେକ ନିଜ ନିଜ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇ କେନ୍ଦ୍ରାପଡାକୁ ସମୃଦ୍ଧ କରିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ ବିଜେପି ରାଜ୍ୟ ପ୍ରବକ୍ତା ଉମାକାନ୍ତ ପଟ୍ଟନାୟକ ଯୋଗଦେଇ କେନ୍ଦ୍ରାପଡାରେ ଏଭଳି କଳାକାର ମହୋତ୍ସବର ଆୟୋଜନ ଦ୍ୱାରା ଏହି ଜିଲ୍ଲାର କଳାକାରମାନେ ଆହୁରି ଆଗକୁ ଯାଇ ଆମ ଜିଲ୍ଲାର ଗୌରବ ବୃଦ୍ଧି କରିବେ ବୋଲି ମତବ୍ୟକ୍ତ କରିଥିଲେ । କାର୍ଯ୍ୟକାରୀ ସଭାପତି ଗଗନବିହାରୀ ସିଂହ ମହୋତ୍ସବର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ସଭାପତି ଶ୍ରୀ ସାମନ୍ତରାୟ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦକ ବିଧୁଭୂଷଣ ତ୍ରିପାଠୀ ବିବରଣୀ ପାଠ ଓ ଉପସଭାପତି ସବିତା ବରଜ ଧନ୍ୟବାଦେ ଅର୍ପଣ କରିଥିଲେ । ୨ୟ ଦିବସରେ ସସ୍ମିତା ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଡ଼ଃ ରବିନାରାୟଣ ପଣ୍ଡା ସମ୍ମାନିତ ଅତିଥି ଓ ନାରାୟଣ ମହାରଣା ମୁଖ୍ୟବକ୍ତା, ସଂସ୍କୃତ ଉପଦେଷ୍ଟା ମହେଶ ପାଢୀ, ଉପ ସଭାପତି ନିରଂଜନ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ ।

# ତଟ ସୁରକ୍ଷା, ହାଇସ୍ପିଡ ବୋଟ ଖୋଜୁଛି ଏନ୍ତୁଡିଶାଳ, ଟ୍ରଲରକୁ ନେଇ ମନ୍ଥରଗତିରେ ଚାଲିଛି ଉପକୂଳ ସୁରକ୍ଷା

ଭଦ୍ରକ,୨୩/୧୧ (ନି.ପ୍ର): ଓଡିଶା ଉପକୂଳକୁ ୬ଟି ଉପକୂଳ ଜିଲ୍ଲାରେ ଭାଗ କରାଯାଇଥିବା ବେଳେ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା, ଜଗତସିଂପୁର, ପୁରୀ ଏବଂ ଗଞ୍ଜାମ । ଏହି ୬ଟି ଜିଲ୍ଲାରେ ଉପକୂଳ ଇଲାକା ୪୮୦ କି.ମି ପର୍ଯ୍ୟନ୍ତ ପରିବ୍ୟାପ୍ତ । ବାଲେଶ୍ୱର ଜିଲ୍ଲାର ୮୦କି.ମି, ଭଦ୍ରକର ୫୦କି.ମି,କେନ୍ଦ୍ରାପଡା ଜିଲ୍ଲାର ୬୮ କିମି, ଜଗତସିଂପୁରର ୬୭ କି.ମି, ପୁରୀ ଜିଲ୍ଲା ୧୫୫ କିମିଏବଂ ଗଞ୍ଜାମ ଜିଲ୍ଲା ର ସୀମା ୬୦ କି.ମି ,ପର୍ଯ୍ୟନ୍ତ ଉପକୂଳ ପରିବ୍ୟାପ୍ତ । ଉହି ଉପକୂଳ ଇଲାକାରେ ୧୮ଟି ସାମୁଦ୍ରିକ ଥାନା ସରକାର ସ୍ଥାପନ କରିଥିବା ବେଳେ ତଟ ସୁରକ୍ଷା କୁ ୨୦୦୫ ମସିହା ଠାରୁ ରାଜ୍ୟ ସରକାର ପ୍ରାଧାନ୍ୟ ଦେଇ ଆସୁଛନ୍ତି । ୨୦୧୫ ମସିହାରେ ପ୍ରଥମ ପର୍ଯ୍ୟାୟରେ ୫ଟି ସାମୁଦ୍ରିକ ଥାନା ଦ୍ୱିତୀୟ ପର୍ଯ୍ୟାୟରେ୧୩ଟି ସାମୁଦ୍ରିକ ଥାନା ପ୍ରତିଷ୍ଠା କରାଯାଇଥିବା ବେଳେ ରାଜ୍ୟ ସରକାର ୧୫ଟି ସ୍ପିଡ ବୋଟ ଆଣି ୧୫ଟି ଥାନାକୁ ଭାଗ କରି ଦେଇଥିଲା । ଆଜି ଭଳି ଦିନରେ ଏହି ତଟ ସୁରକ୍ଷା ଏକ ପ୍ରହେଳିକା ସୃଷ୍ଟି କରିଛି । ଉପକୂଳ ଇଲାକା ତଥା ବଙ୍ଗୋପସାଗର କୂଳରେ ଥିବା ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା ଜିଲ୍ଲା ଗୁଡିକରେ ଉପକୂଳ ସୁରକ୍ଷା ଚାଲିଛି ବୋଲି ସରକାରଙ୍କ ଗୃହ ବିଭାଗ ଡିଣ୍ଡିମ ପିଟି ଚାଲିଥିବା ବେଳେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ଏହି ୩ଟି ଜିଲ୍ଲା ସ୍ଥାୟୀ ଠିକଣା ପାଲଟିଛି । ଭଦ୍ରକ ଜିଲ୍ଲାରେ ଥିବା କଷିଆ ଏବଂ ଧାମରା ସାମୁଦ୍ରିକ ଥାନା ନାହିଁ ନାହିଁରେ ଚାଲିଛି । ଏହି ଥାନାରେ ନା ଅଛି ପର୍ଯ୍ୟାପ୍ତ ପରିମାଣରେ ଷ୍ଟାଫ ନା ଅଛି ଅସ୍ତ୍ରଶସ୍ତ୍ର ନା ଅଛି ହାଇସ୍ପିଡ ବୋଟ । ପ୍ରଥମ ପର୍ଯ୍ୟାୟରେ ସରକାରଙ୍କ ତରଫରୁ ଧାମରାକୁ ୩ଟି ହାଇସ୍ପିଡ ବୋଟ ଆସିଥିବା ବେଳେ ପର୍ଯ୍ୟାୟ କ୍ରମେ ଏହି ୩ଟି ସ୍ପିଡ ବୋଟ ମଧ୍ୟରୁ ଗୋଟିଏ ସଂପୂର୍ଣ ଖରାପ ହୋଇ ପଡିଥିଲା । ପରେ ଥିବା ୨ଟି ସ୍ପିଡ ବୋଟ ମଧ୍ୟରୁ ଗୋଟିଏକୁ ଗଞ୍ଜାମ ଜିଲ୍ଲାର ଆର୍ଯ୍ୟପଲ୍ଲୀ ସାମୁଦ୍ରିକ ଥାନାକୁ ପଠାଇଦିଆଯାଇଥିଲା । ପରେ ବଳକା ଥିବା ସାଲନ୍ଦୀ ନାମକ ସ୍ପିଡ ବୋଟ ଟି ଦୀର୍ଘ ୧ସପ୍ତାହରୁ ଅଧିକ ଦିନ ହେବ ସଂପୂର୍ଣ ଖରାପ ହୋଇ ପଡିଛି । ରାଜ୍ୟ ତଥା କେନ୍ଦ୍ର ସରକାର ଦୀର୍ଘ ୧୫ ବର୍ଷ ମଧ୍ୟରେ ତଟ ସୁରକ୍ଷା କଥା ଭୁଲିଯାଇ ଆଉ ନୂତନ ଭାବେ ନୂତନ ବୋଟ କ୍ରୟ କଲେ ନାହିଁ ତାହା ରାଜ୍ୟ ବାସୀଙ୍କୁ ଆଶ୍ଚର୍ଯ୍ୟରେ ପକାଇଛି । ଗୋଟିଏ ପଟେ ୪୮୦ କି.ମି ପରିବ୍ୟାପ୍ତ ମୁକୁଳା ଉପକୂଳ ଅନ୍ୟ ପକ୍ଷରେ ଏହାକୁ ସୁରକ୍ଷା ଦେବା ଏକ ପ୍ରହସନ ପାଲଟିଛି । ଦୀର୍ଘ ୧ସପ୍ତାହ ହେବ ଧାମରା ଥିବା ହାଇସ୍ପିଡ ବୋଟ ଅଚଳ ହୋଇ ପଡିଛି । ଫଳରେ ରାଜ୍ୟ ସରକାର ଆଉ ନୂତନ ଭାବେ ସ୍ପିଡ ବୋଟ (ଅଥବା ଫାର୍ଷ୍ଟ ଇଂଟରସେପ୍ଟର ବୋଟ) ନଆଣି ଭଡା ସୂତ୍ରରେ ମାଛ ଧରା ଟ୍ରଲରକୁ ଆଣି ତଟ ସୁରକ୍ଷା ପାଇଁ ନିୟୋଜିତ କରିଛନ୍ତି । ଆଜି ଭଳି ଦିନରେ ଧାମରା ସାମୁଦ୍ରିକ ଥାନାରେ ଏହି ମାଛ ଧରା ଟ୍ରଲରଟି ଉପକୂଳ ସୁରକ୍ଷା ନାମରେ ତଟ ସୁରକ୍ଷା କରୁଛି ।

## ଶରୀରର ଏହି ୫ ସ୍ଥାନରେ କଳାଜାଇ ଅଛି କି ? ଜାଣନ୍ତୁ କ'ଣ ତାର ଅର୍ଥ, କିଭଳି ହେବ ଭବିଷ୍ୟତ

**ଜ୍ୟୋତିଷଶାସ୍ତ୍ରରେ ଶରୀରରେ ଥିବା କଳାଜାଇର ବିଶେଷ ମହତ୍ୱ ରହିଛି। ଏହାକୁ ଦେଖି କୌଣସି ମନୁଷ୍ୟର ଭବିଷ୍ୟତ ଏବଂ ବ୍ୟକ୍ତିତ୍ୱ ବିଷୟରେ ଅନୁମାନ କରାଯାଇପାରେ। ଶରୀରରେ ଥିବା କଳାଜାଇ ଶୁଭ ଓ ଅଶୁଭ ପରିଣାମ ଦେଇଥାଏ। ଆସନ୍ତୁ ଜାଣିବା ଶରୀରର କେଉଁ ସ୍ଥାନରେ କଳାଜାଇ ରହିବା ଶୁଭ ଆଉ କେଉଁଠି ରହିବା ଅଶୁଭ**

- କାନରେ କଳାଜାଇ: ଯଦି କୌଣସି ବ୍ୟକ୍ତିର କାନରେ କଳାଜାଇ ଥାଏ ତେବେ ଏହା ଶୁଭ। ଏଭଳି ଲୋକ ଜୀବନରେ ଭୌତିକ ସୁଖ ଭୋଗ କରିଥାନ୍ତି। ତାଙ୍କୁ ଜୀବନରେ ପ୍ରତିଟି ବଡ଼ ଖୁସି ମିଳିଥାଏ।

- କାନ୍ଧରେ କଳାଜାଇ: ଯେଉଁ ବ୍ୟକ୍ତିଙ୍କ କାନ୍ଧରେ କଳାଜାଇ ଥାଏ, ସେ ଦୃଢ଼ ସଙ୍କଳ୍ପ ନେଉଥିବା ଲୋକ ହୋଇଥାନ୍ତି। ଏହି ଲୋକ ଯେକୌଣସି କାମକୁ ପୂରଣ କରିବାର ଜିଦ୍ ଧରିନେଲେ ତାକୁ ପୂରଣ କରନ୍ତି। ଏମାନେ ଆଗକୁ ଯାଇ ବଡ଼ ସଫଳତା ହାସଲ କରନ୍ତି।

-ଅଣ୍ଟାର ବାମପାର୍ଶ୍ୱରେ କଳାଜାଇ: ଯେଉଁ ଲୋକଙ୍କ ଅଣ୍ଟାର ବାମପାର୍ଶ୍ୱରେ କଳାଜାଇ ଥାଏ, ସେ ବହୁତ ଖର୍ଚ୍ଚି ହୋଇଥାନ୍ତି। ହେଲେ ସେମାନଙ୍କ ଜୀବନରେ କେବେହେଲେ ଟଙ୍କା ପଇସାର ଅଭାବ ରହି ନ ଥାଏ। ତାଙ୍କ ପାଖରେ ଆୟର ପର୍ଯ୍ୟାପ୍ତ ଉତ୍ସ ଥାଏ।



-ଡାହାଣ ଗାଲରେ କଳାଜାଇ: ଯେଉଁ ଲୋକଙ୍କ ଡାହାଣ ଗାଲରେ କଳାଜାଇ ଥାଏ ତାଙ୍କର ଦାମ୍ପତ୍ୟ ଜୀବନ ସର୍ବଦା ସୁଖଦାୟକ ଥାଏ। ପାର୍ଟନରଙ୍କ ସହ ତାଙ୍କର ସମ୍ପର୍କ ଭଲ ଥାଏ। ଏପରିକି ଏହି ବ୍ୟକ୍ତିମାନେ ବହୁତ ରୋମାଣ୍ଟିକ ହୋଇଥାନ୍ତି।

-ଓଠରେ କଳାଜାଇ: ଯେଉଁ ଲୋକଙ୍କ ଓଠରେ କଳାଜାଇ ଥାଏ ସେ ସର୍ବଦା କିଛି ନା କିଛି ଚିନ୍ତାରେ ଫସି ରହିଥାନ୍ତି। ଏମାନେ କଥା କଥାରେ ଭାଗ୍ୟକୁ ନିନ୍ଦିଥାନ୍ତି। ଏମାନେ ଜୀବନରେ ବେଶ୍ କମ୍ ଥର ନିଜର ଉପଲବ୍ଧିରେ ସନ୍ତୁଷ୍ଟ ଥାନ୍ତି।

## ଜାହାଜର ପେଣ୍ଟିଂ ଘରେ ଲଗାଉଛନ୍ତି କି ତେବେ ନିହାତି ଜାଣନ୍ତୁ



**ବାସ୍ତୁଶାସ୍ତ୍ର ଅନୁଯାୟୀ, ସମୃଦ୍ଧି ତଥା ସଫଳତାର ପ୍ରତୀକ କୁହାଯାଉଥିବା ଜାହାଜର ପେଣ୍ଟିଂକୁ ଘରେ ଲଗାଇବା ଶୁଭ ହୋଇଥାଏ। କାରଣ ଜାହାଜର ସମ୍ପର୍କ ଯାତ୍ରା, ପରିବହନ ତଥା ବାଣିଜ୍ୟ ବେପାର ସହ ଜଡିତ ହୋଇଥାଏ। ତେବେ କେଉଁ ଭଳି ଜାହାଜର ପେଣ୍ଟିଂକୁ ଘରେ ଲଗାଇବା ଉତ୍ତମ ଜାଣନ୍ତୁ ସେ ସମ୍ପର୍କରେ...**

ଶାନ୍ତ ଜଳରେ ଜାହାଜଟି ସୁଚାରୁ ରୂପେ ଚାଲୁଥିବାର ପେଣ୍ଟିଂକୁ ଘରେ ଲଗାଇବା ସବୁଠୁ ଶୁଭ ହୋଇଥାଏ। କାରଣ ଏହା ସ୍ଥିରତା, ଶାନ୍ତି ତଥା ନିରନ୍ତର ପ୍ରଗତିର ସୂଚନା ଦିଏ।

ବାସ୍ତୁଶାସ୍ତ୍ର ଅନୁଯାୟୀ, ଯଦି ପେଣ୍ଟିଂରେ ଜାହାଜଟି ଝଡ଼, ତୋଫାନରେ ଫସି ଥିବାର ଦର୍ଶାଯାଇଥାଏ; ତେବେ ସେଭଳି ପେଣ୍ଟିଂକୁ ଘରେ ଲଗାଇବା ଠିକ୍ ନୁହେଁ। ଏହା ଘରେ ନକାରାତ୍ମକ ପ୍ରଭାବ ପକାଇ ଅଶାନ୍ତି ସୃଷ୍ଟି କରିଥାଏ ବୋଲି ବିଶ୍ୱାସ ରହିଛି।

ଭାଙ୍ଗି ଯାଇଥିବା କିମ୍ବା ପାଣିରେ ବୁଡ଼ି ଯାଉଥିବା ଜାହାଜର ପେଣ୍ଟିଂକୁ ବି ଘରେ ଲଗାଇବା ଶୁଭଙ୍କର ନୁହେଁ। ଏହା ଘର ପ୍ରତି ବିପଦ ଆଣିଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି।

ପୂର୍ବଦିଗକୁ ଉତ୍ତମ ସ୍ୱାସ୍ଥ୍ୟ, ସମୃଦ୍ଧି ତଥା ନୂଆ ଆରମ୍ଭର ଦିଗ ବୋଲି କୁହାଯାଏ। ତେଣୁ ପୂର୍ବ ଦିଗକୁ ମୁହଁ କରି ରହୁଥିବା ଜାହାଜର ପେଣ୍ଟିଂ ଲଗାଇଲେ ଘରେ ସମୃଦ୍ଧି ବୃଦ୍ଧି ପାଇଥାଏ ବୋଲି ମାନ୍ୟତା ରହିଛି।

ଧନର ଦେବତା କୁବେର ଯେହେତୁ ଉତ୍ତର ଦିଗର ସ୍ୱାମୀ। ତେଣୁ ଉତ୍ତର ଦିଗକୁ ମୁହଁ କରି ରହୁଥିବା ଜାହାଜର ପେଣ୍ଟିଂ ଲଗାଇଲେ ଘରେ ଆର୍ଥିକ ସ୍ଥିତି କୁଆଡ଼େ ଭଲ ରହିଥାଏ।

ଦକ୍ଷିଣ ଅଥବା ଦକ୍ଷିଣ-ପଶ୍ଚିମ ଦିଗରେ ଜାହାଜର ପେଣ୍ଟିଂ ଲଗାଇବା ଆଦୌ ଠିକ୍ ନୁହେଁ। ଏହା ଘରେ ଅଯଥା ଅଶାନ୍ତି, ଜଟିଳ ପରିସ୍ଥିତି, ସ୍ୱାସ୍ଥ୍ୟହାନୀର ସମସ୍ୟା ସୃଷ୍ଟି କରିଥାଏ।

## ଜାଣନ୍ତୁ ଡାଇବେଟିସ୍ ରୋଗୀ ଖାଇପାରିବେ କି ତରଭୁଜ

**ତରଜୁଭ କେବଳ ସ୍ୱାଦରେ ମିଠା ନୁହେଁ ବରଂ ଶରୀରକୁ ଥଣ୍ଡା ମଧ କରିଥାଏ। କିନ୍ତୁ ଏଥିରେ ଥିବା ମିଠା ଯୋଗୁ ଡାଇବେଟିସ୍ ରୋଗୀମାନଙ୍କୁ ଏହାକୁ ଖାଇବା ପୂର୍ବରୁ ଚିନ୍ତା କରିବାକୁ ପଡ଼ିଥାଏ। ଡାଇବେଟିସ୍ ରୋଗୀଙ୍କ ପାଇଁ ତରଭୁଜ ଖାଇବା ଠିକ କି ନାହିଁ, ଆସନ୍ତୁ ଜାଣିବା...**



ଯେତେବେଳେ ଡାଇବେଟିସ୍ କଥା ଆସେ, ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, କୌଣସି ଖାଦ୍ୟ ଆମ ଶରୀରରେ ରକ୍ତ ଶର୍କରା କେତେ ଶୀଘ୍ର ବୃଦ୍ଧି କରେ। ଏହାକୁ ଗ୍ଲାଇସେମିକ ଇଣ୍ଡେକ୍ସ କୁହାଯାଏ। ତରଭୁଜର ଏଓ ପ୍ରାୟ ୭୨, ଯାହା ଉଚ୍ଚ ପରିସର ମଧ୍ୟରେ ପଡ଼ିଥାଏ। କିନ୍ତୁ ଏହାର ଗ୍ଲାଇସେମିକ ଲୋଡ କମ, ପ୍ରତି ୧୦୦ ଗ୍ରାମ ପାଇଁ ପ୍ରାୟ ୫, ଯାହା ନିମ୍ନ ବର୍ଗରେ ପଡ଼ିଥାଏ।

ଏହାର ଅର୍ଥ ହେଉଛି ଯଦିଓ ତରଭୁଜ ଶର୍କରାର ସ୍ତର ଶୀଘ୍ର ବୃଦ୍ଧି କରିପାରେ, ଯଦି ଏହା ଅଳ୍ପ ପରିମାଣରେ ଖିଆଯାଇଥାଏ, ତେବେ ସାମଗ୍ରିକ ପ୍ରଭାବ ଅଧିକ ହୁଏ ନାହିଁ।

ଡାଇବେଟିସ୍ ରୋଗୀ ତରଭୁଜ ଖାଇପାରିବେ, କିନ୍ତୁ ଏହାକୁ ସୀମିତ ପରିମାଣରେ ସେବନ କରନ୍ତୁ। ଦିନସାରା ଥରେ ୧୦୦-୧୫୦ ଗ୍ରାମ (ପ୍ରାୟ ୧ କପ) କଟା ତରଭୁଜ ଖଣ୍ଡ ଖାଇପାରିବେ। ରକ୍ତରେ ଶର୍କରା ଦ୍ରୁତ ଗତିରେ ବୃଦ୍ଧି ନ ପାଇବା ପାଇଁ ତରଭୁଜକୁ ପ୍ରୋଟିନ କିମ୍ବା ଫାଇବରଯୁକ୍ତ ଖାଦ୍ୟ ସହିତ ଖାଇବା ଭଲ ହେବ। ତରଭୁଜ ରସରେ କୌଣସି ପ୍ରକାରର ଫାଇବର ନାହିଁ। ଏହାର ଜିଆଇ ଅଧିକ । ତେଣୁ ତାଜା ଫଳ ଖାଇବା ଭଲ। ପ୍ରତିଦିନ କାର୍ବୋହାଇଡ୍ରେଟ ଗ୍ରହଣକୁ ନଜରରେ ରଖି ଖାଦ୍ୟରେ ତରଭୁଜକୁ ସାମିଲ କରିବା ଉଚିତ୍।

## କ୍ରିଷ୍ଟାଲ୍ ଲୋଟସ୍ ରଖି ବି ଘରର ପରିସ୍ଥିତିକୁ ବଦଳାଇପାରିବେ: ଜାଣନ୍ତୁ କିପରି

ହିନ୍ଦୁ ଧର୍ମରେ ପଦ୍ମ ଫୁଲର ବିଶେଷ ମହତ୍ତ୍ୱ ରହିଛି। ଏହାକୁ ଦିବ୍ୟ ପୂର୍ଣ୍ଣତାର ପ୍ରତୀକ ବୋଲି କୁହାଯାଇଥାଏ। ମାତା ଲକ୍ଷ୍ମୀଙ୍କର ମଧ ଏହି ଫୁଲ ଖୁବ୍ ପସନ୍ଦ। ବିଶ୍ୱାସ ରହିଛି ଯେ, ମାତା ଲକ୍ଷ୍ମୀଙ୍କ ଚରଣରେ ସତେଜ ପଦ୍ମ ଫୁଲ ଅର୍ପଣ କଲେ ଘରେ କୁଆଡ଼େ ସୁଖ, ସମୃଦ୍ଧି ବୃଦ୍ଧି ପାଇଥାଏ। କିନ୍ତୁ ସବୁବେଳେ ପଦ୍ମଫୁଲ ମିଳିବା ତ ସମ୍ଭବ ନୁହେଁ। ତେଣୁ ଏହା ବଦଳରେ ଗୃହସ୍ଥ ଚାହିଁଲେ ଘରେ କ୍ରିଷ୍ଟାଲ୍ ଲୋଟସ୍ ରଖି ବି ଘରର ପରିସ୍ଥିତିକୁ ବଦଳାଇପାରିବେ। ବାସ୍ତୁବିତ୍‌ମାନେ ବି ଏକଥାକୁ କେତେକାଂଶରେ ବିଶ୍ୱାସ କରିଥାନ୍ତି। ମାନ୍ୟତା ରହିଛି ଯେ, କ୍ରିଷ୍ଟାଲ୍ ଲୋଟସ୍ ହେଉଛି ଏମିତି ଏକ ପବିତ୍ର ବସ୍ତୁ, ଏହାକୁ ଯେଉଁଠି ରଖାଯାଏ ସେଠାକାର ବାତାବରଣ ସକାରାତ୍ମକ ଉର୍ଜ୍ଜାରେ ଭରିଯାଏ।

## ଖର୍ଚ୍ଚ କଲେ ଧନ ବଢ଼ିବ: ଜାଣନ୍ତୁ କାହାକୁ ଏଭଳି କହିଛନ୍ତି ଚାଣକ୍ୟ

**ଚାଣକ୍ୟ ନୀତିରେ ଆଚାର୍ଯ୍ୟ ଚାଣକ୍ୟ ଜୀବନର ବିଭିନ୍ନ ସ୍ଥିତିକୁ ନେଇ ନୂଆ ବିଚାରଧାରା ସମ୍ପର୍କରେ ସୂଚନା ଦେଇଛନ୍ତି। କୁହାଯାଏ ଜୀବନ ସହ ଜଡ଼ିତ ସମସ୍ତ ବିଷୟର ଜ୍ଞାନ ଚାଣକ୍ୟଙ୍କ ନିକଟରେ ଥିଲା। ଏଥିପାଇଁ ଜୀବନକାଳ ମଧ୍ୟରେ ସେ ଯାହା ସହିତ ଥିଲେ, ସଠିକ୍ ମାର୍ଗଦର୍ଶନ ଯୋଗୁ ସେ ବିଜେତା ପାଲଟୁଥିଲେ। କେଉଁ କାର୍ଯ୍ୟ କରିବା ଦ୍ୱାରା ପରିଣାମ କ'ଣ ହେବ ସେ ଜାଣିଥିଲେ। ଏହି କ୍ରମରେ ଧନବୃଦ୍ଧି ପାଇଁ କେଉଁ ଜିନିଷରେ ବ୍ୟକ୍ତିକୁ ଖର୍ଚ୍ଚ କରିବା ଉଚିତ ବୋଲି ଚାଣକ୍ୟ କହିଛନ୍ତି। ଜାଣନ୍ତୁ ସେହି ୪ଟି ଜିନିଷ ଯାହା ଉପରେ ଖର୍ଚ୍ଚ କରିବା ଦ୍ୱାରା ଧନ ବଢ଼ିଥାଏ।**

-ପ୍ରଥମତଃ ଲୋକମାନେ ପଇସା ଦେବା ପୂର୍ବରୁ ଲାଭକ୍ଷତି ଦେଖିଥାନ୍ତି। ହେଲେ କୌଣସି ମନ୍ଦିରକୁ ଦାନ କରୁଥିଲେ ଏଭଳି କଥା ବିଲ୍‌କୁଲ ଭାବିବା ଉଚିତ ନୁହେଁ। ଏହାଦ୍ୱାରା ଈଶ୍ୱରଙ୍କ କୃପା ଲାଭ ହୋଇଥାଏ। ଧନ ଦେଉଥିବା ବ୍ୟକ୍ତିର ଧନ ଆହୁରି ବୃଦ୍ଧି ପାଇଥାଏ। ଏପରିକି କିଛି ସମୟ ବ୍ୟବଧାନରେ ମନ୍ଦିରକୁ ଦାନ ଦେଉଥିବା ବ୍ୟକ୍ତିର ଘରେ ଦରିଦ୍ରତା ଆସି ନ ଥାଏ ବୋଲି ଚାଣକ୍ୟ କହିଛନ୍ତି।

– ଯେଉଁ ବ୍ୟକ୍ତି କୁଷ୍ଠ ରୋଗୀର ସହାୟତା କରିଥାଏ, ସେ କେବେ ବି ଦରିଦ୍ର ହୋଇ ନ ଥାଏ। ତାଙ୍କର ଧନ ଦିନ-ପ୍ରତିଦିନ ବଢ଼ିଥାଏ। କାରଣ କୁଷ୍ଠ ରୋଗୀ ଅଧିକ କଷ୍ଟ ସହିଥାନ୍ତି। ଏଣୁ ତାଙ୍କର ଆର୍ଥିକ ସହାୟତା କରିବା ଦ୍ୱାରା ସେମାନଙ୍କ ମନ ପ୍ରସନ୍ନ ହୋଇଥାଏ। ଫଳରେ ଧନ ଦେଉଥିବା ବ୍ୟକ୍ତିଙ୍କ ଧନ ବୃଦ୍ଧି ହୋଇଥାଏ। ଏହା ପୂଣ୍ୟ ସହ ଧନ ବୃଦ୍ଧି କରିଥାଏ ବୋଲି ଚାଣକ୍ୟ କହିଛନ୍ତି।

- ଯଦି ଆପଣ ସମର୍ଥ ତେବେ ଅସୁବିଧା ଯୋଗୁ ପଢ଼ିପାରୁ ନ ଥିବା କୌଣସି ବ୍ୟକ୍ତିକୁ ଶିକ୍ଷିତ କରିବାକୁ ପଇସା ଲଗାନ୍ତୁ। ଏହାଦ୍ୱାରା ଲକ୍ଷ୍ମୀ ବହୁତ ପ୍ରସନ୍ନ ହୁଅନ୍ତି। ସର୍ବଦା ତାଙ୍କର ଧନ ଲାଭ ହୋଇଥାଏ ବୋଲି ଚାଣକ୍ୟ କହିଛନ୍ତି।

- ଡାକ୍ତରଖାନା, କୂଅ, ଧର୍ମଶାଳା ଏବଂ ସ୍କୁଲ ଆଦି ନିର୍ମାଣରେ ଆର୍ଥିକ ସହଯୋଗ କରୁଥିବା ବ୍ୟକ୍ତି ନିଜ ଧନକୁ ଶୁଦ୍ଧ କରି ନିଅନ୍ତି। ଏଭଳି ଲୋକଙ୍କ ପାଖରେ କେବେ ବି ଟଙ୍କା ପଇସାର ଅସୁବିଧା ହୋଇ ନ ଥାଏ। ଏହା ପଛର କାରଣଟି ହେଲା ଏସବୁ କ୍ଷେତ୍ରରେ ଲଗାଯାଇଥିବା ଟଙ୍କାକୁ ବର୍ଷ ବର୍ଷ ଧରି ସାଧାରଣ ଲୋକ ଭୋଗି ପାରନ୍ତି। ଫଳରେ ଆର୍ଶିବାଦ ମିଳିଥାଏ, ଯାହାକି ସହାୟତା କରିଥିବା ବ୍ୟକ୍ତିଙ୍କ ସହ ସବୁବେଳେ ରହିଥାଏ ବୋଲି ଚାଣକ୍ୟ କହିଛନ୍ତି।



## ସକାଳେ ଆଇସ୍‌କ୍ରିମ୍ ଖାଉଥିବା ବ୍ୟକ୍ତି ଅଧିକ ସ୍ମାର୍ଟ



ଟୋକିଓର କ୍ୟୋରିନ୍ ୟୁନିଭର୍ସିଟିର ଗବେଷକଙ୍କ ଦ୍ୱାରା ହୋଇଥିବା ଏକ ସଦ୍ୟ ଅଧ୍ୟୟନ ଅନୁସାରେ, ଯେଉଁମାନେ ସକାଳେ ଜଳଖିଆରେ ଆଇସ୍‌କ୍ରିମ୍ ଖାଆନ୍ତି, ଅନ୍ୟମାନଙ୍କ ତୁଳନାରେ ସେମାନେ ଅଧିକ ସ୍ମାର୍ଟ । ମନକୁ ଜାଗ୍ରତ କରିବାରେ ଆଇସ୍‌କ୍ରିମ୍‌ର ପ୍ରଭାବ ରହିଛି । ସକାଳେ ବିଛଣା ଛାଡ଼ିବା ସଙ୍ଗେସଙ୍ଗେ ଆଇସ୍‌କ୍ରିମ୍ ଖାଇବା ଦ୍ୱାରା ମସ୍ତିଷ୍କକୁ ଏକ ପ୍ରକାର ଝଟ୍‌କା ଲାଗେ । ଫଳରେ ଏହା ସକ୍ରିୟ ହୋଇଯାଏ । ଏହା ଦ୍ୱାରା ମାନସିକ ଦକ୍ଷତା ବଢ଼ିଥାଏ । ମସ୍ତିଷ୍କକୁ ତାହା ସେହି ସ୍ତରକୁ ନେଇଯାଏ ଯାହା ଦିନସାରା ଜଣକୁ ସତର୍କ ରଖେ । ଏଭଳି ଏକ ଅସାଧାରଣ ଅଧ୍ୟୟନକୁ ପ୍ରମାଣ କରିବା ପାଇଁ ଏହି ୟୁନିଭର୍ସିଟିର ଗବେଷକମାନେ କିଛି ପରୀକ୍ଷା କରିଥିଲେ । କେତେକ ପ୍ରତିଯୋଗୀଙ୍କୁ ଦୁଇଟି ଦଳରେ ବିଭକ୍ତ କରିଥିଲେ । ଗୋଟିଏ ଦଳକୁ ସକାଳେ ଉଠିବା ମାତ୍ରେ ଆଇସ୍‌କ୍ରିମ୍ ଖାଇବାକୁ ଦିଆଗଲା । ଅଧ୍ୟୟନ ଅନୁସାରେ, ସକାଳେ ଆଇସ୍‌କ୍ରିମ୍ ଖାଇଥିବା ବ୍ୟକ୍ତି ଦିନସାରା ଭଲ ପ୍ରଦର୍ଶନ କରିଥିଲେ । କିନ୍ତୁ ଅନ୍ୟ ଦଳଠାରେ ସେଭଳି କିଛି କାର୍ଯ୍ୟକଳାପ ପରିଲକ୍ଷିତ ହେଲାନାହିଁ । ମସ୍ତିଷ୍କ ଉପରେ ଏହାର ସିଧାସଳଖ ପ୍ରଭାବ ପଡୁଥିବାରୁ ଥଣ୍ଡା ଆଶଙ୍କା ଦେଖାଦେଇପାରେ ବୋଲି କିଛି ଗବେଷକ ଏହି ଅଧ୍ୟୟନକୁ ଚ୍ୟାଲେଞ୍ଜ କରିଛନ୍ତି । ଏହାଛଡ଼ା ମାତ୍ରାଧିକ ସର୍କରା ଶରୀର ପାଇଁ ହାନିକାରକ ବୋଲି କେତେକ ମତ ଦେଇଛନ୍ତି ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨୪ ନଭେମ୍ବର ୨୦୨୫, ଶନିବାର

## ରାଷ୍ଟ୍ରପତିଙ୍କ ରେଫରେନ୍ସ ଓ ସୁପ୍ରିମକୋର୍ଟ

ନିକଟରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟର ଏକ ସାମ୍ବିଧାନିକ ଖଣ୍ଡପୀଠ ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କ ଦ୍ୱାରା ବିଧାନସଭାରେ ପାରିତ ବିଲ୍‌ଗୁଡ଼ିକ ଉପରେ ସମ୍ମତି ପ୍ରଦାନ କରିବାର ସମୟସୀମା ସମ୍ବନ୍ଧରେ ଏକ ଗୁରୁତ୍ୱପୂର୍ଣ୍ଣ ମତାମତ ପ୍ରଦାନ କରିଛନ୍ତି । ରାଷ୍ଟ୍ରପତିଙ୍କ ଦ୍ୱାରା ପଚରାଯାଇଥିବା ଏହି 'ରେଫରେନ୍ସ' ବା ପରାମର୍ଶ ଉପରେ ସୁପ୍ରିମକୋର୍ଟଙ୍କ ମତ ଭାରତୀୟ ସମ୍ବିଧାନର ମୂଳଦୁଆ, ବିଶେଷକରି ସଂଘୀୟ ବ୍ୟବସ୍ଥା ଏବଂ ସଂସଦୀୟ ଗଣତନ୍ତ୍ର ଉପରେ ଏକ ଗଭୀର ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହି ମତାମତ ଆସିବା ପୂର୍ବରୁ, ଅନେକ ରାଜ୍ୟ ଯେପରିକି ତାମିଲନାଡ଼ୁ, କେରଳ, ପଞ୍ଜାବ ଏବଂ ପଶ୍ଚିମବଙ୍ଗରେ ନିର୍ବାଚିତ ସରକାର ଏବଂ ରାଜ୍ୟପାଳଙ୍କ ମଧ୍ୟରେ ବିଲ୍ ପାସ୍ କରିବା ନେଇ ତୀବ୍ର ବିବାଦ ଦେଖାଦେଇଥିଲା । ରାଜ୍ୟପାଳମାନେ ମାସ ମାସ, ଏପରିକି ବର୍ଷ ବର୍ଷ ଧରି ବିଲ୍‌ଗୁଡ଼ିକୁ ଅଟକାଇ ରଖୁଥିଲେ, ଯାହା ଫଳରେ ରାଜ୍ୟ ପ୍ରଶାସନ ଏବଂ ଲୋକକଲ୍ୟାଣକାରୀ ଯୋଜନା ବାଧାପ୍ରାପ୍ତ ହେଉଥିଲା । ଏହି ପରିପ୍ରେକ୍ଷୀରେ ସୁପ୍ରିମକୋର୍ଟଙ୍କ ନିକଟରେ ଆସିଥିବା ଏହି ମତାମତ ଉପରେ ଦେଶବ୍ୟାପୀ ଚର୍ଚ୍ଚା ଆରମ୍ଭ ହୋଇଛି ଏବଂ ଅନେକ ସାମ୍ବିଧାନିକ ବିଶେଷଜ୍ଞ ଏହାକୁ ସମ୍ବିଧାନର ମୂଳ ଉଦ୍ଦେଶ୍ୟର ବିପରୀତ ବୋଲି ଅଭିହିତ କରୁଛନ୍ତି । ସମ୍ବିଧାନର ଅନୁଚ୍ଛେଦ ୨୦୦ ଅନୁଯାୟୀ, ଯେତେବେଳେ ବିଧାନସଭାରେ କୌଣସି ବିଲ୍ ପାରିତ ହୋଇ ରାଜ୍ୟପାଳଙ୍କ ନିକଟକୁ ଆସେ, ସେତେବେଳେ ରାଜ୍ୟପାଳଙ୍କ ପାଖରେ କିଛି ନିର୍ଦ୍ଦିଷ୍ଟ ବିକଳ୍ପ ଥାଏ । ସେ ବିଲ୍ ?ରେ ସମ୍ମତି ଦେଇପାରିବେ, ସମ୍ମତି ଅଟକାଇ ପାରିବେ, କିମ୍ବା ଯଦି ଏହା ଅର୍ଥ ବିଲ୍ ହୋଇନଥାଏ ତେବେ ଏହାକୁ ବିଧାନସଭାକୁ ପୁନର୍ବିଚାର ପାଇଁ ଫେରାଇ ପାରିବେ । ଏହାବ୍ୟତୀତ ସେ କେତେକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ବିଲ୍‌ଟିକୁ ରାଷ୍ଟ୍ରପତିଙ୍କ ବିଚାରାର୍ଥେ ସଂରକ୍ଷିତ ରଖିପାରିବେ । କିନ୍ତୁ ସମ୍ବିଧାନରେ ଏହି ନିଷ୍ପତ୍ତି ନେବା ପାଇଁ କୌଣସି ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରାଯାଇନାହିଁ, କେବଳ 'ଯଥାଶୀଘ୍ର ସମ୍ଭବ' (**As soon as possible**) ବୋଲି ଉଲ୍ଲେଖ ରହିଛି । ଏହି ଅସ୍ପଷ୍ଟତାର ସୁଯୋଗ ନେଇ କେତେକ ରାଜ୍ୟପାଳ ବିଲ୍‌ଗୁଡ଼ିକୁ ଅନିର୍ଦ୍ଦିଷ୍ଟ କାଳ ପର ?ୟ୍ୟନ୍ତ ପକାଇ ରଖୁଥିଲେ, ଯାହାକୁ 'ପକେଟ୍ ଭିଟୋ' ବୋଲି କୁହାଯାଏ । ଏହାର ସମାଧାନ ପାଇଁ ପୂର୍ବରୁ ସୁପ୍ରିମକୋର୍ଟର ଏକ ଦୁଇ ଜଣିଆ ଖଣ୍ଡପୀଠ ରାୟ ଦେଇଥିଲେ ଯେ ରାଜ୍ୟପାଳଙ୍କୁ ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ନିଷ୍ପତ୍ତି ନେବାକୁ ହେବ ଏବଂ ଯଦି ସେମାନେ ବିଳମ୍ବ କରନ୍ତି ତେବେ ଏହାକୁ 'ସ୍ୱତଃ ସମ୍ମତି ପ୍ରାପ୍ତ' (**Deemed Assent**) ବୋଲି ଧରାଯିବ । କିନ୍ତୁ ବର୍ତ୍ତମାନର ସାମ୍ବିଧାନିକ ଖଣ୍ଡପୀଠ ଏହି ପୂର୍ବ ରାୟର ବିପରୀତ ଏକ ନୂତନ ମତାମତ ଦେଇଛନ୍ତି । ସର୍ବୋଚ୍ଚ ନ୍ୟାୟାଳୟଙ୍କ ଏହି ନୂତନ ମତାମତରେ କୁହାଯାଇଛି ଯେ ନ୍ୟାୟାଳୟ ରାଜ୍ୟପାଳ କିମ୍ବା ରାଷ୍ଟ୍ରପତିଙ୍କ ପାଇଁ କୌଣସି ନିର୍ଦ୍ଦିଷ୍ଟ ସମୟସୀମା ନିର୍ଦ୍ଧାରଣ କରିପାରିବେ ନାହିଁ । ଏହାର ଅର୍ଥ ହେଲା ଯେ ରାଜ୍ୟପାଳମାନେ ପୂର୍ବଭଳି ବିଲ୍‌ଗୁଡ଼ିକୁ ଅନିର୍ଦ୍ଦିଷ୍ଟ କାଳ ପର ?ୟ୍ୟନ୍ତ ଝୁଲାଇ ରଖିପାରିବେ ଏବଂ ଏଥିପାଇଁ କୌଣସି ଆଇନଗତ ବାଧ୍ୟବାଧକତା ରହିବ ନାହିଁ । ଯଦିଓ କୋର୍ଟ କହିଛନ୍ତି ଯେ ଅତ୍ୟଧିକ ବିଳମ୍ବ ହେଲେ ଏହାର ନ୍ୟାୟିକ ସମୀକ୍ଷା କରାଯାଇପାରେ, କିନ୍ତୁ 'ଅତ୍ୟଧିକ ବିଳମ୍ବ'ର କୌଣସି ସଂଜ୍ଞା ନିରୂପଣ କରାଯାଇନାହିଁ । ଏହା ଏକ ନିର୍ବାଚିତ ସରକାରର କ୍ଷମତାକୁ ସଙ୍କୁଚିତ କରିବା ସହ ସମାନ । ଜନସାଧାରଣଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧିମାନେ ଯେତେବେଳେ ଏକ ଆଇନ ପ୍ରଣୟନ କରନ୍ତି, ସେତେବେଳେ ଜଣେ ମନୋନୀତ ବ୍ୟକ୍ତି (ରାଜ୍ୟପାଳ) ସେହି ଜନମତକୁ ଅଟକାଇ ରଖିବା ଗଣତନ୍ତ୍ରର ଆତ୍ମା ବିରୋଧୀ ଅଟେ । ଏହି ମତାମତର ସବୁଠାରୁ ବିବାଦୀୟ ଦିଗଟି ହେଲା ଯେ ସୁପ୍ରିମକୋର୍ଟ କହିଛନ୍ତି, ଧାରା ୨୦୦ ଅନୁଯାୟୀ ବିଲ୍ ଉପରେ ସମ୍ମତି ଦେବା ସମୟରେ ରାଜ୍ୟପାଳ ମନ୍ତ୍ରିମଣ୍ଡଳର 'ପରାମର୍ଶ ଓ ସହାୟତା' (**Aid and Advice**) ଗ୍ରହଣ କରିବାକୁ ବାଧ୍ୟ ନୁହନ୍ତି । ଭାରତୀୟ ସମ୍ବିଧାନର ପରମ୍ପରା ଅନୁଯାୟୀ ରାଜ୍ୟପାଳ ଜଣେ ସାମ୍ବିଧାନିକ ମୁଖ୍ୟ ମାତ୍ର ଏବଂ ପ୍ରକୃତ କ୍ଷମତା ନିର୍ବାଚିତ ମନ୍ତ୍ରିମଣ୍ଡଳ ହାତରେ ନ୍ୟସ୍ତ ଥାଏ । କିନ୍ତୁ କୋର୍ଟଙ୍କ ଏହି ମତ ରାଜ୍ୟପାଳଙ୍କୁ ଏକ ସ୍ୱତନ୍ତ୍ର କ୍ଷମତା କେନ୍ଦ୍ରରେ ପରିଣତ କରିଦେଇଛି । ଯଦି ରାଜ୍ୟପାଳ ନିଜ ଇଚ୍ଛାରେ, ମନ୍ତ୍ରିମଣ୍ଡଳର ପରାମର୍ଶ ବିନା ବିଲ୍ ଅଟକାଇ ପାରିବେ ବା ରାଷ୍ଟ୍ରପତିଙ୍କ ପାଖକୁ ପଠାଇ ପାରିବେ, ତେବେ ଏହା ରାଜ୍ୟର ନିର୍ବାଚିତ ସରକାରକୁ ଅଚଳ କରିଦେବାର କ୍ଷମତା ପ୍ରଦାନ କରେ । ଏହାଦ୍ୱାରା କେନ୍ଦ୍ର ସରକାରଙ୍କ ଦ୍ୱାରା ନିଯୁକ୍ତ ରାଜ୍ୟପାଳମାନେ ବିରୋଧୀ ଦଳ ଶାସିତ ରାଜ୍ୟଗୁଡ଼ିକରେ ସରକାରଙ୍କ କାର୍ଯ୍ୟର ବାଧା ସୃଷ୍ଟି କରିବାର ଏକ ବୈଧ ରାସ୍ତା ପାଇଯିବେ । ଆହୁରି ମଧ୍ୟ, ସୁପ୍ରିମକୋର୍ଟଙ୍କ ଏହି ମତାମତ ଅନୁଯାୟୀ, ଯଦି ରାଜ୍ୟପାଳ କୌଣସି ବିଲ୍‌କୁ ବିଧାନସଭାକୁ ଫେରାଇ ଦିଅନ୍ତି ଏବଂ ବିଧାନସଭା ସେହି ବିଲ୍‌କୁ ପୁନର୍ବାର ପାସ୍ କରି ରାଜ୍ୟପାଳଙ୍କ ପାଖକୁ ପଠାଏ, ତଥାପି ରାଜ୍ୟପାଳଙ୍କୁ ସମ୍ମତି ଦେବାକୁ ବାଧ୍ୟ କରାଯାଇପାରିବ ନାହିଁ । ସେ ଚାହିଁଲେ ସେହି ବିଲ୍‌କୁ ପୁଣିଥରେ ରାଷ୍ଟ୍ରପତିଙ୍କ ବିଚାର ପାଇଁ ସଂରକ୍ଷିତ ରଖିପାରିବେ । ସମ୍ବିଧାନର ଧାରା ୨୦୦ର ପ୍ରଥମ ପରନ୍ତୁକ (**First Proviso**) ରେ ସ୍ପଷ୍ଟ ଭାବେ ଉଲ୍ଲେଖ ଅଛି ଯେ ଯଦି ବିଧାନସଭା ଦ୍ୱିତୀୟ ଥର ପାଇଁ ବିଲ୍ ପାସ୍ କରେ, ତେବେ ରାଜ୍ୟପାଳ ସମ୍ମତି ଦେବେ । କିନ୍ତୁ କୋର୍ଟଙ୍କ ବର୍ତ୍ତମାନର ବ୍ୟାଖ୍ୟା ଅନୁଯାୟୀ, ରାଜ୍ୟପାଳ 'ସମ୍ମତି ଦେବେ' 'ପରିବର୍ତ୍ତେ' ରାଷ୍ଟ୍ରପତିଙ୍କ ପାଇଁ ସଂରକ୍ଷିତ' ରଖିବାର ବିକଳ୍ପ ବାଛିପାରିବେ । ଏହା ଏକ ଅନ୍ତହୀନ ଚକ୍ର ସୃଷ୍ଟି କରିବ । କାରଣ ଥରେ ବିଲ୍ ରାଷ୍ଟ୍ରପତିଙ୍କ ପାଖକୁ ଗଲେ, ସମ୍ବିଧାନର ଧାରା ୨୦୧ ଅନୁଯାୟୀ ରାଷ୍ଟ୍ରପତିଙ୍କ ପାଇଁ କୌଣସି ସମୟସୀମା ନାହିଁ । ଫଳରେ, ଏକ ରାଜ୍ୟ ସରକାର ପ୍ରଣୟନ କରିଥିବା ଆଇନ କେନ୍ଦ୍ର ସରକାରଙ୍କ (ରାଷ୍ଟ୍ରପତିଙ୍କ ଜରିଆରେ) ଶୀତଳ ଭଣ୍ଡାରରେ ବର୍ଷ ବର୍ଷ ଧରି ପଡ଼ିରହିବ । ଏହା କେବଳ ଆଇନଗତ ଜଟିଳତା ନୁହେଁ, ବରଂ ରାଜ୍ୟର ସ୍ୱାୟତ୍ତତା ଉପରେ ଏକ ପ୍ରଚଣ୍ଡ ଆଘାତ ।

ଏହି ମତାମତର ଦୂରଗାମୀ ପରିଣାମ ଭାରତୀୟ ସଂଘୀୟ ବ୍ୟବସ୍ଥା ପାଇଁ ଅତ୍ୟନ୍ତ ଚିନ୍ତାଜନକ । ଭାରତ ଏକ ରାଜ୍ୟମାନଙ୍କର ସଂଘ (**Union of States**) ଏବଂ ସମ୍ବିଧାନ ରାଜ୍ୟ ବିଧାନସଭାଗୁଡ଼ିକୁ ନିଜର ତାଲିକାଭୁକ୍ତ ବିଷୟଗୁଡ଼ିକ (**State List**) ଉପରେ ଆଇନ ପ୍ରଣୟନ କରିବାର ସାର୍ବଭୌମ କ୍ଷମତା ପ୍ରଦାନ କରିଛି । କିନ୍ତୁ ଯଦି ଜଣେ ରାଜ୍ୟପାଳ, ଯିଏ କି ଜନତାଙ୍କ ଦ୍ୱାରା ନିର୍ବାଚିତ ନୁହନ୍ତି, ସେ ବିଧାନସଭାର ସର୍ବସମ୍ମତ ନିଷ୍ପତ୍ତିକୁ ଅଟକାଇ ପାରିବେ କିମ୍ବା କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ପାଇଁ ବାଟ ଫିଟାଇବେ, ତେବେ ରାଜ୍ୟ ବିଧାନସଭାର ଗୁରୁତ୍ୱ କ'ଣ ରହିବ ? ଏହା ପରୋକ୍ଷରେ ରାଜ୍ୟ ସରକାରମାନଙ୍କୁ କେନ୍ଦ୍ର ସରକାରଙ୍କ ଅଧୀନସ୍ଥ କର୍ମଚାରୀ ଭଳି ବ୍ୟବହାର କରିବାର ସୁଯୋଗ ସୃଷ୍ଟି କରୁଛି । ସମ୍ବିଧାନ ପ୍ରଣେତାମାନେ କେବେହେଲେ କଳ୍ପନା କରିନଥିଲେ ଯେ ରାଜ୍ୟପାଳ ପଦବୀକୁ ଏଭଳି ଭାବରେ ରାଜନୈତିକ ଅସ୍ତ୍ର ରୂପେ ବ୍ୟବହାର କରାଯିବ । ଡକ୍ଟର ବି.ଆର. ଆମ୍ବେଦକର ସମ୍ବିଧାନ ସଭାରେ ସ୍ପଷ୍ଟ କରିଥିଲେ ଯେ ରାଜ୍ୟପାଳଙ୍କର ନିଜସ୍ୱ କୌଣସି କାର୍ଯ୍ୟନିର୍ବାହୀ କ୍ଷମତା ନାହିଁ ଏବଂ ସେ କେବଳ ମନ୍ତ୍ରିମଣ୍ଡଳର ପରାମର୍ଶରେ କାମ କରିବେ । କିନ୍ତୁ ସୁପ୍ରିମକୋର୍ଟଙ୍କ ଏହି ନୂତନ ମତାମତ ସେହି ଐତିହାସିକ ଭିତ୍ତିଭୂମିକୁ ଦୋହଲାଇ ଦେଇଛି ।

ନ୍ୟାୟାଳୟ ଯୁକ୍ତି କରିଛନ୍ତି ଯେ ସାମ୍ବିଧାନିକ ପଦାଧିକାରୀମାନଙ୍କ ପାଇଁ କଠୋର ସମୟସୀମା ଧାର୍ଯ୍ୟ କରିବା ଉଚିତ୍ ନୁହେଁ, କିନ୍ତୁ ବାସ୍ତବତା ହେଲା ଯେ ଗତ କିଛି ବର୍ଷ ମଧ୍ୟରେ ସାମ୍ବିଧାନିକ ନୈତିକତାର ଯେଭଳି ଅବକ୍ଷୟ ଘଟିଛି, ସେଥିପାଇଁ ସ୍ପଷ୍ଟ ନିର୍ଦ୍ଦେଶାବଳୀର ଆବଶ୍ୟକତା ଥିଲା । ସୁପ୍ରିମକୋର୍ଟଙ୍କ ଏହି ମତାମତ ରାଜ୍ୟପାଳମାନଙ୍କୁ ଆଇନ ପ୍ରଣୟନ ଉପରେ ଏକ ଅଘୋଷିତ 'ଭିଟୋ' କ୍ଷମତା ପ୍ରଦାନ କଲା ଭଳି ମନେହେଉଛି । ଏହା କୁହାଯାଇପାରେ ଯେ ସୁପ୍ରିମକୋର୍ଟଙ୍କ ଏହି ମତାମତ ସମ୍ବିଧାନର ଭାରସାମ୍ୟ ରକ୍ଷା କରିବାରେ ବିଫଳ ହୋଇଛି । ଏହା କେନ୍ଦ୍ର-ରାଜ୍ୟ ସମ୍ପର୍କରେ ତିକ୍ତତା ବଢ଼ାଇବ ଏବଂ ରାଜ୍ୟ ବିଧାନସଭାଗୁଡ଼ିକୁ ଦୁର୍ବଳ କରିବ । ଏକ ସୁସ୍ଥ ଗଣତନ୍ତ୍ର ପାଇଁ ନିର୍ବାଚିତ ପ୍ରତିନିଧିମାନଙ୍କ ନିଷ୍ପତ୍ତିକୁ ସମ୍ମାନ ଦେବା ଏକାନ୍ତ ଆବଶ୍ୟକ । ଯଦି ଅନିର୍ବାଚିତ ସାମ୍ବିଧାନିକ ମୁଖ୍ୟମାନେ ଲୋକପ୍ରିୟ ଜନାଦେଶକୁ ଅଣଦେଖା କରିବାର କ୍ଷମତା ପାଆନ୍ତି, ତେବେ ଆମ ସମ୍ବିଧାନର 'ଆମେ ଭାରତର ଜନସାଧାରଣ' (**We the People**) ର ମୂଳ ମନ୍ତ୍ର ଅର୍ଥହୀନ ହୋଇପଡ଼ିବ । ସୁପ୍ରିମକୋର୍ଟ ଏହି ମତାମତ ମାଧ୍ୟମରେ ସାମ୍ବିଧାନିକ ନୀରବତାର ଯେଉଁ ବ୍ୟାଖ୍ୟା କରିଛନ୍ତି, ତାହା ଭବିଷ୍ୟତରେ ଭାରତୀୟ ସଂଘୀୟ ଗଣତନ୍ତ୍ର ପାଇଁ ଏକ ବିପଦପୂର୍ଣ୍ଣ ନଜିର ହୋଇ ରହିବ ।

## ଅହିଂସାର ରାସ୍ତାରେ ଆମେ



**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ଆଜି ଅନ୍ତର୍ଜାତୀୟ ହିଂସାବିରୋଧୀ ଦିବସ । ଆଜିପରି ସ୍ମରଣୀୟ ଦିବସରେ କେବଳ ଭାରତ ନୁହେଁ ସମଗ୍ର ବିଶ୍ୱରେ ହିଂସା ବିରୁଦ୍ଧରେ ସମର୍ପିତ ଚିନ୍ତନର ଦିବସ । ଆଜି ସମଗ୍ର ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ଉଦ୍‌ବେଗଜନକ ଭାବେ ହିଂସାତ୍ମକ ଘଟଣା ଛାତି ଥରାଇ ଦେଉଥିବାବେଳେ ଏହା ବିରୁଦ୍ଧରେ ସଚେତନତାତ୍ମକ ଭାବରେ ବିଭିନ୍ନ ଅନୁଷ୍ଠିତ କାର୍ଯ୍ୟକ୍ରମ କିଛିକାଂଶରେ ହିଂସାର ଦାବାନାଳକୁ ପ୍ରଶମିତ କରୁଥିଲେ ବି ବାସ୍ତବରେ ସବୁଠି ଆଜି ଅହିଂସାର ଚିନ୍ତା ଚେତନାର ମୂଲ୍ୟବୋଧ ସତେଯେପରି ବିରାଟ ପ୍ରଶ୍ନବାଚୀ ? ଆମ ଭାରତ ମାଟିରେ ପଡ଼ୋଶୀ ରାଷ୍ଟ୍ରର କିଛି ଅସାମାଜିକ ତତ୍ତ୍ୱଙ୍କ ପ୍ରୋତ୍ସାହନରେ ବିଭିନ୍ନ ସ୍ଥାନରେ ହିଂସାତ୍ମକ ଘଟଣା ବ୍ୟଥିତ କରୁଛି । ଦିନକୁ ଦିନ ଯୁବପିଢ଼ୀ ଏହାର ଶିକାର ହୋଇଯାଉଛନ୍ତି । ବିଭିନ୍ନ ଫୋରମ୍‌ରେ ହିଂସା ବିରୋଧୀ ସଚେତନଧର୍ମୀ କାର୍ଯ୍ୟକ୍ରମ ସମାଜରେ ଶାନ୍ତିର ସହାବସ୍ଥାନ ପରିବେଶ ବି ସୃଷ୍ଟି କରୁଛି । ଉଦାହରଣ ଭାବରେ ପଞ୍ଜାବକୁ ନିଆଯାଇପାରେ । ଦିନ ଥିଲା ପ୍ରତିଦିନ ଏହି ରାଜ୍ୟରେ ହିଂସାତ୍ମକ ଘଟଣା ଘଟିଚାଲିଥିଲା, କିନ୍ତୁ ଆଜି ସେଠି ବେଶ୍ ଶାନ୍ତିପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇପାରିଛି । ସେ ରାଜ୍ୟର ପ୍ରତିଟି ଅଧିବାସୀ ଅହିଂସାର ଅସ୍ତ୍ର ଧରି ନିଜ ରାଜ୍ୟରୁ ହିଂସାର ବାତାବରଣକୁ ହଟାଇଦେବାକୁ ସକ୍ଷମ ହୋଇଥିଲେ । ସରକାର ଓ ପ୍ରଶାସନ ଏହାପାଇଁ ଆନ୍ତରିକ ସ୍ତରରେ ଯେଉଁ କାର୍ଯ୍ୟକ୍ରମ ହାତକୁ ନେଇଥିଲେ ତାହାର ସୁଫଳ ଆଜି ଶାନ୍ତିର ପଞ୍ଜାବ । ଭାରତରେ ଉଦ୍‌ବେଗଜନକ ଭାବରେ ହିଂସାତ୍ମକ ଘଟଣା ଘଟୁଛି । ଯୁବପିଢ଼ୀ ମିଛ ପ୍ରହେଳିକାର ଶିକାର ହୋଇ ହିଂସାତ୍ମକ ମୁଖିଆଙ୍କ ଚକ୍ରବ୍ୟୁହରେ ଫସି ଯାଉଛନ୍ତି । ବେକାରୀ ସମସ୍ୟା କେତେକ କ୍ଷେତ୍ରରେ ଏହାର କାରଣ ଭାବରେ ଗଣାଯାଏ । ତଥାପି ଖୁସିର କଥା ଆଜିକାଲି ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ବିଦ୍ୟାଳୟରେ ପିଲାମାନଙ୍କ ଭିତରେ ହିଂସାବିରୋଧୀ ଦିବସ କେତେକ ସ୍ଥାନରେ ପାଳିତ ହେଉଛି । ସମାଜରୁ ହିଂସାର ଚେରକୁ ମୂଳୋତ୍ପାଟନ କରି ଅହିଂସାର ପରିବେଶ ଓ ଅହିଂସାର କ୍ଷେତ୍ର ପ୍ରତିଷ୍ଠା ପାଇଁ ଯୁବପିଢ଼ୀ ଶପଥ ନେଇଥାନ୍ତି ।

ଗୋଟିଏ ବିକଶିତ ଦେଶର ପ୍ରଗତିରେ ଅର୍ଥନୀତିର ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଦେଶରେ ହିଂସାର ବାତାବରଣ ସୃଷ୍ଟି ହେଲେ ଶିଳ୍ପ ସଂସ୍ଥା ସମ୍ଭବ ହୋଇନଥାଏ । ବେରୋଜକାରୀ ଦିନକୁ ଦିନ ବଢ଼ି ଚାଲୁଥିବାବେଳେ ଶିକ୍ଷିତ ବେକାରୀମାନେ ଜୀବନ ହାରି ଦେଉଥିବା ପରି ହୃଦୟ ବିଦାରକ ଘଟଣା ସମାଜର ସବୁ ସ୍ତରର ବ୍ୟକ୍ତିତ୍ୱଙ୍କୁ ବ୍ୟଥିତ କରିଥାଏ । ଦେଶର ପ୍ରଗତିରେ ଅର୍ଥନୀତି ସହିତ ଆଗାମୀ ଭବିଷ୍ୟତ କୁହାଯାଉଥିବା ଯୁବପିଢ଼ୀଙ୍କ ସମ୍ପର୍କ ବି ରହିଛି । ବର୍ତ୍ତମାନ ସୂଚନା ପ୍ରଯୁକ୍ତିର କ୍ଷେତ୍ର ପ୍ରାୟତଃ ଯୁବବର୍ଗଙ୍କ ଭିତରେ ନୂଆ ନୂଆ ଚ୍ୟାଲେଞ୍ଜ ଭିତ୍ତିକ କର୍ମସଂସ୍ଥାନ ସୃଷ୍ଟି କରିଛନ୍ତି । ଯେଉଁଥିରେ ଯୁବପିଢ଼ୀ ହିଁ ସଂସ୍ଥାନର ପ୍ରଗତିକୁ ତ୍ୱରାନ୍ୱିତ କରିଥାନ୍ତି । ଗୋଟିଏ ଅଶାନ୍ତ ରାଷ୍ଟ୍ରରେ ପୋଲିସ ପ୍ରଶାସନ ଠାରୁ ସେନାବାହିନୀ ପରି ସଶସ୍ତ୍ର ବାହିନୀ ଅଧିକ ଦିନ କର୍ମବ୍ୟସ୍ତ ରହିଲେ ସରକାରଙ୍କ ରାଜକୋଷରୁ ହିଁ ଖର୍ଚ୍ଚ ହୋଇଥାଏ ଯାହାକି ଆମ ସମସ୍ତଙ୍କ ବିଭିନ୍ନ ଟିକସ୍‌ରୁ ହିଁ ପୈଠ ହୋଇଥାଏ । ବୌଦ୍ଧ ବିମଣ୍ଡିତ ଉଦୟଗିରି କ୍ଷେତ୍ର ପୁଣ୍ୟପାବନ ଧାମରେ ଅହିଂସାର ମୂର୍ତ୍ତିମନ୍ତ ସ୍ୱରୂପ ଭଗବାନ ବୁଦ୍ଧଙ୍କ ଆତ୍ମିକ ଭାବନାର ପବିତ୍ର ସ୍ମୃତି ଜଡ଼ିତ । ସମାଜର ବିଭିନ୍ନ ସ୍ତରରୁ ଆଜି ହିଂସା ବିରୁଦ୍ଧରେ ସ୍ୱର ଉତ୍ତୋଳନ ହେଉଛି ଆଉ ନିଶ୍ଚିତ ଭାବରେ ପ୍ରେରଣା ଓ ଜାଗରଣ ସୃଷ୍ଟି କରିବ ହିଂସା ରାକ୍ଷସ ବିରୁଦ୍ଧରେ ଲଢ଼ିବାକୁ । ନିକଟରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ଯେଉଁପରି ଭୟାନକ ନିର୍ଯ୍ୟାତନା ମାମଲାର ପ୍ରସଙ୍ଗ ଉଠିଛି ସେଠି ନିର୍ଯ୍ୟାତିତାଙ୍କ କରୁଣ କାହାଣୀ ଅତ୍ୟନ୍ତ ଛାତିଥରା । ଆଜି ସବୁଠି ସବୁକ୍ଷେତ୍ରରେ ଆଉ ସମସ୍ତଙ୍କ ଭିତରେ ହିଂସା ବିରୁଦ୍ଧରେ ସଂଗ୍ରାମ ପାଇଁ ପ୍ରତିଟି ମୁହୂର୍ତ୍ତକୁ ସମର୍ପିତ କରିବାର ଶପଥର ଦିବସ ଭାବେ ପାଳନ ହେଉ । ହିଂସା ବିରୁଦ୍ଧରେ ଜାଗରଣ ନିଶ୍ଚିନ୍ତ ଭାବରେ ଦିନେ ନା ଦିନେ ହିଂସାକୁ ଦୂରେଇବା ପାଇଁ ସମର୍ଥ ହେବ । ଅହିଂସାର ପୂଜାରୀ ଭଗବାନ ବୁଦ୍ଧଙ୍କ ଠାରୁ ଜାତିର ଜନକ ମହାତ୍ମା ଗାନ୍ଧୀ ଆଉ ଯୁଗାବତାର ପରମପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଆଦର୍ଶ, ଦର୍ଶନ, ଚିନ୍ତନ ସାର୍ଥକ ହୋଇପାରନ୍ତା ଯଦି ଆଜି ଆମେ ସମସ୍ତେ ଏହା ବିରୁଦ୍ଧରେ ପ୍ରତି ମୁହୂର୍ତ୍ତରେ ଲଢ଼ିବାପାଇଁ ନିଜକୁ ଆତ୍ମସଚେତନ କରିପାରନ୍ତେ ।

ଯୁଗାବତାର ପରମପିତା ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତାଙ୍କର ସ୍ୱହସ୍ତ ଲିଖିତ ପବିତ୍ର ସତ୍ୟାନୁସରଣରେ କହିଲେ - ପ୍ରେମକୁ ପ୍ରାର୍ଥନା କର ଆଉ ହିଂସାକୁ ଦୂରରୁ ପରିହାର କର । ପରମପ୍ରେମମୟ ଶ୍ରୀ ଶ୍ରୀ ଠାକୁର କହିଲେ ହିଂସା ଜୀବନର ସ୍ଥିତି ଓ ପ୍ରଗତି ପଥରେ ପ୍ରତିବନ୍ଧକ ସୃଷ୍ଟି କରେ । ଏହି ପ୍ରତିବନ୍ଧକ ବିରୁଦ୍ଧରେ ପ୍ରତିବନ୍ଧକ ରଚନା କରିବା ହିଁ ଅହିଂସାର କର୍ମ । ଅଧର୍ମର ପ୍ରତିବିଧାନ ନ କରିଲେ ଧାର୍ମିକ ହୋଇପାରିବ ନାହିଁ । ଅପ୍ରେମକୁ ନିରସ୍ତ ନ କରିଲେ ପ୍ରେମିକ ହୋଇପାରିବ ନାହିଁ । ଯେଉଁମାନେ ସ୍ୱଚ୍ଛାକୃତ ଭାବରେ କ୍ରମାଗତ ଅନ୍ୟାୟ କରନ୍ତି ସେମାନେ ଶୟିତାନ ଦ୍ୱାରା ଅଭିଭୂତ, ଯେଉଁମାନେ ତାଙ୍କୁ ସମର୍ଥନ କରନ୍ତି ସେମାନେ ହେଲେ ଅନ୍ୟାୟ ପୋଷଣଦାତା ଓ ଶୟିତାନର ପାଳକ ପିତା । ଆଉ ଯେଉଁମାନେ ନିରପେକ୍ଷ ସେମାନେ ଅନ୍ୟାୟର ବୀଜ ବା ଉଦ୍‌ଭିନ୍ନକାରୀ ମାଧ୍ୟମ ବିଶେଷ । ସକ୍ରିୟ ଭାବରେ ଅସତ୍ ନିରୋଧୀ ନହେଲେ ନିଜର ଅଧୋଗତି ହୁଏ । ଚରିତ୍ରରେ କଳାରଙ୍ଗ ଲାଗେ । ସତ୍ତାପୋଷଣୀ ଚଳନ ଓ ଅସତ୍ ନିରୋଧୀ ପରାକ୍ରମ ଏହି ଦ୍ୱିମୁଖୀ ଅଭିଯାନ ଅବ୍ୟାହତ ରଖିଲେ ହିଁ ନିଜେ ତଥା ସମାଜ ଏବଂ ଦେଶ ଅକ୍ଷତ ରହିପାରେ ଓ ଏହି କଳୁଷିତ ସମାଜର କାଳିମାକୁ ଅପନୋଦନ କରିହୁଏ । ଅହିଂସାର ସଙ୍ଗେ ଜଡ଼ିତ ଅଛି ହିଂସାକୁ ହିଂସା କରିବା । ହିଂସା ଓ ସନ୍ତ୍ରାସବାଦକୁ ଅବ୍ୟାହତ ଓ ଅକ୍ଷୁର୍ଣ୍ଣ ରଖି ଅହିଂସାର ପ୍ରତିଷ୍ଠା ହେବନାହିଁ । ହିଂସା ପ୍ରତି ଅହିଂସା ହେବା ମାନେ ହିଂସାକୁ ପ୍ରଶୟ ଦେଇ ପୃଷ୍ଟକରି ଉଠାଇବା । ଆସନ୍ତୁ ଭାରତ ଏକ ଧର୍ମନିରପେକ୍ଷ ରାଷ୍ଟ୍ର ହେଉ ଓ ତତ୍‌ସହିତ ଏକ ସମ୍ପ୍ରଦାୟ, ନିରପେକ୍ଷ ରାଷ୍ଟ୍ର ହିସାବରେ ଗଢ଼ିତୋଳିବା ନିମିତ୍ତ ଆମେ ସମସ୍ତେ ଅହିଂସାର ପଥରେ ଆଗେଇ ଆସିବା ଉଚିତ ଓ ଜାତିର ପିତା ମହାତ୍ମାଗାନ୍ଧୀ ଓ ପରମପିତା ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ସ୍ୱପ୍ନକୁ ସାକାର କରିବା ।

ପ୍ରତିରତ୍ନିକ ଓ ଅବସର ପ୍ରାପ୍ତ
ବିଭାଗୀୟ ମୁଖ୍ୟ, ହେପାଟୋଲୋଜି
ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ
କଲେଜ, କଟକ,
ମୋ: ୯୪୩୭୦୫୧୯୫୭

## ଆମ ରାଜ୍ୟକୁ ନିଶା କବଳରୁ ସରକାର ମୁକ୍ତ ରଖି ପାରିବେ କି ?



**ସୁବ୍ରତ କର**

ହିଁ ସମ୍ଭବ କାଗଜ କଲମରେ ଏବଂ ମନ୍ତ୍ରୀ, ନେତାଙ୍କ ଭାଷଣରେ । ଯେଉଁଦିନ ସରକାର ଭାଷଣ ବାଜି ବନ୍ଦ କରି ନିଶାକୁ ରୋକିବା ପାଇଁ ସଂଶୋଧିତ ଆଇନ ଲାଗୁ କରିବେ ହୁଏତ କିଛି ପରିମାଣରେ କମିପାରେ । ମନ୍ତ୍ରୀ ମହୋଦୟ କହିଥିଲେ ନିଶା ପାଇଁ ତିଆରି ହୋଇଥିବା ଆଇନ ଦୁର୍ଗା ପୂଜା ପୂର୍ବରୁ ସରକାର ଲାଗୁ କରିବେ କିନ୍ତୁ ଦୁଃଖର କଥା ପୂଜା ବିତିଲାଣି ୨ ମାସ ହେବ ଏ ପର୍ଯ୍ୟନ୍ତ ନିଶା ନିବାରଣ ଆଇନ ଲାଗୁ ହୋଇ ପାରିଲା ନାହିଁ । ଜନ ସାଧାରଣ ଭାବୁଛନ୍ତି ଏହା ସରକାରଙ୍କ ଇଚ୍ଛାଧୀନ ବ୍ୟାପାର । ଲାଗୁ କରି ପାରନ୍ତି ନ କରି ପାରନ୍ତି । ଯେମିତି ୧୯୫୬ ମସିହାରେ, ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଆଇନ ପ୍ରଣୟନ କରି ଆଜି ପର୍ଯ୍ୟନ୍ତ କୌଣସି ସରକାର ଥରେ ବୋଲି ଲଗାଇବା ପାଇଁ ପଦକ୍ଷେପ ନେି ନାହାନ୍ତି । ଏବେ ଦେଖିବା ଆଇନ ପ୍ରଣୟନ ନ ହୋଇ ଥିବାରୁ ରାଜ୍ୟର ଅବସ୍ଥା କଣ ? ଗତ ଦଶ ମାସରେ ନିଶା ଜଡ଼ିତ ପ୍ରାୟ ୨୩୪୬ ନିଶା ମାଫିଆଙ୍କୁ ଜେଲ ହାଜତକୁ ପଠାଇ ଦିଆ ହୋଇଛି । ତଥ୍ୟ ଅନୁଯାୟୀ ଚଳିତ ବର୍ଷ ରାଜ୍ୟରୁ ୧୪ କିଲୋ ବ୍ରାଉନ ସୁଗାର ଜବତ କରାଯିବା ସହ ୫୨୪ ଜଣଙ୍କୁ ଗିରଫ କରା ହୋଇଛି । ୧୮୭୭ କୁଇଣ୍ଟାଲ ଗଞ୍ଜେଇ ଜବତ ସହ ୧୬୪୧ ଜଣ ଏବଂ ଏହାଛଡ଼ା ୭୩ହଜାର ୧୮୧ ବୋତଲ କଫ ସିରଫ ଜବତ ସହ ୧୮୧ ଜଣଙ୍କୁ ହାଜତକୁ ପଠା ସରିଛି । ବ୍ରାଉନ୍ ସୁଗାର କାରବାରରେ ବାଲେଶ୍ୱର, ଭୁବନେଶ୍ୱର, କଟକ ଜଗତସିଂପୁର ଆଦି ଜିଲ୍ଲା ଆଗରେ ଅଛି । ସେହିଭଳି ମାଲକାନଗିରି, କୋରାପୁଟ, ବୌଦ୍ଧ ଓ ଗଜପତି ଜିଲ୍ଲା ଗଞ୍ଜେଇ ଜବତରେ ଆଗରେ ଅଛନ୍ତି । ଏବେ ଏବେ ପଶ୍ଚିମ ଓଡ଼ିଶାରେ କଫସିରଫ ବ୍ୟବହାର, ଅଧିକ । ଆଗକୁ ନୂଆବର୍ଷ ଥିବାରୁ ବ୍ରାଉନସୁଗାର, ଗଞ୍ଜେଇ, କଫସିରଫ, ମାରିଜୁଆନା, ସିନ୍ଥେଟିକ ଡ୍ରଗ୍ସ ଆଦି ନିଶା କାରବାର ନିଶ୍ଚୟ ଭାବରେ ବଢ଼ିବ । ଏବେ ଠୁ ସରକାରଙ୍କ ବିଭାଗ ଗୁଡ଼ିକ ସଜାଗ ନ ରହିଲେ ବା ଅଙ୍କୁଶ ନ ଲଗାଇଲେ ଆଗକୁ ଯେ କୌଣସି ଘଟଣା ଘଟିପାରେ ।

ଏବେ ପ୍ରଶ୍ନ ଉଠୁଛି ଏହାକୁ ରୋକିବ କିଏ ? ମୂଳ ବିଭାଗ ପୋଲିସ ଏବଂ ଅବକାରୀ । ଏବେ ଏବେ ମୁଖ୍ୟମନ୍ତ୍ରୀଙ୍କର ନିଜ ଜିଲ୍ଲାରେ ଏକ୍ସାଇଜ ଅଧକ୍ଷ୍ୟ (ମହିଳା) ଜଣେ ମଦ ବ୍ୟବସାୟୀଙ୍କଠୁ ୪୦୦୦୦ ହଜାର ଟଙ୍କା ନେଇ ଧରା ପଡ଼ିଛନ୍ତି ଏବଂ ଜେଲ ହାଜତକୁ ଯାଇଛନ୍ତି । ରକ୍ଷକ ଯଦି ଭକ୍ଷକ ହୁଅନ୍ତି ତେବେ ଜନସାଧାରଣ ବା ସରକାର କିଏ କଣ କରି ପାରିବ ? ପୁଣି ଆଶ୍ଚର୍ଯ୍ୟର କଥା ହେଉଛି ଅଧକ୍ଷ୍ୟ ମହୋଦୟା ୩୦୦୦୦ ଟଙ୍କା ବଟି ଆକାରରେ ନେଉଥିଲେ ଆଉ ୧୦୦୦ ଟଙ୍କା ମାସିକିଆ । କହିବା କଥା ହେଲା ଏମିତି ଯଦି ସବୁ ଜିଲ୍ଲାରେ ଅଧକ୍ଷ୍ୟମାନେ କରିବେ ତେବେ ସରକାର ଦୁଇଟି ଜିନିଷ ହରାଇବେ । ଗୋଟାଏ ହେଲା ସରକାର ରେଭିନିଉ ଏବଂ ଏହା ସହିତ ବଦନାମ ହେବାକୁ ପଡ଼ିବ । ଏଇଟା ଠିକ୍ ଖୁବ୍ କମ ସରକାର ଅଫସରଙ୍କ ସରକାରଙ୍କୁ ବେଖାତିର କରିବା ଏବଂ କୌଣସି ଡର ଭୟ ମଧ୍ୟ ନାହିଁ । ଏହାର ଦୁଇଟା କାରଣ ଏମାନେ ରାଜନୈତିକ ନେତାଙ୍କ ଛତ୍ରଛାୟା ତଳେ କାମ କରୁଛନ୍ତି ଏବଂ ଦଣ୍ଡ ମଧ୍ୟ ସେମିତି କଠିନ ନୁହଁ । ସିଧା ସଳଖ ଚାକିରୀରୁ ବାହାର କରିବା ହେଉଛି ଏକମାତ୍ର ଉପଯୁକ୍ତ ଦଣ୍ଡ । ସରକାର ଏହା କରିପାରିବେ କି ?

## ନିଶ୍ଚିହ୍ନ ପଥରେ ମାଓବାଦୀ ଆନ୍ଦୋଳନ



**ସୌଭାଗ୍ୟ ରଂଜନ ମହାନ୍ତି**

ଆନ୍ଧ୍ର, ଓଡିଶା ଏବଂ ଛତିଶଗଡ ସୀମାନ୍ତ ସଂଲଗ୍ନ ମାରେଦୁମିଲି ଜଙ୍ଗଲରେ ଗ୍ରେହାଉଣ୍ଡ ଯବାନଙ୍କ ଏନକାଉଟଂରରେ ଦୁର୍ଦ୍ଧର୍ଷ ମାଓବାଦୀ ମାଜଭି ଭିଡମାର ମୃତ୍ୟୁ ବାମପନ୍ଥୀ ଚରମପନ୍ଥୀ (ଏଲଡବ୍ଲୁଇ) ବିରୁଦ୍ଧରେ ଭାରତର ଦୀର୍ଘ ଦଶନ୍ଧି ଦଶନ୍ଧି ଧରି ଚାଲିଥିବା ଲଢେଇ ଏକ ନିର୍ଣ୍ଣାୟକ ମାଇଲଖୁଂଟ ସଦୃଶ ବୋଲି କୁହାଯାଇପାରିବ । ଯାହାକି ମାଓବାଦୀ ମୁକ୍ତ ଭାରତ ଘୋଷଣା ଆଉ ବେଶୀ ଦୂର ନଥିବା ସଂକେତ ପ୍ରଦାନ କରେ । ଏହା ନିସନ୍ଦେହ ଯେ, ହିଡମା ଗତ ତିନି ଦଶନ୍ଧି ଧରି ମାଓବାଦୀ ସଂଗଠନରେ ଜଣେ ଧରାପଡୁନଥିବା ବସ୍ତରଭୂତ ଭାବେ ପରିଚିତ ଥିଲା । ସେ ସାଧାରଣ ଜନତା ଓ ନିରାପତା ଯବାନଙ୍କ ବିରୁଦ୍ଧରେ ବହୁ ନୃଶଂସ ଆକ୍ରମଣର ମୁଖ୍ୟ ସେନାପତି ଥିଲା । ବସ୍ତର ମାଓବାଦୀ ଡିଭିଜନରେ ଜଣେ ସାଧାରଣ ସୈନିକରୁ ସେ ପିପୁଲସ ଲିବେରସନ ଗରିଲା ଆର୍ମୀ ବାଟାଲିଅନ ନଂ ୧ର କମାଣ୍ଡର ଭାବେ କାର୍ଯ୍ୟଭାର ସମ୍ଭାଳି ଥିଲା । ୨୦୧୦ରେ ପନ୍ତେୱାଡାର ଚିନ୍ତାଲନାରରେ ୭୬ଜଣ ସିଆରପିଏଫ ଯବାନଙ୍କ ହତ୍ୟାରେ ସମ୍ପୃକ୍ତ ଥିବାବେଳେ ୨୦୧୩ରେ ଝିରାମଘାଟି ଆକ୍ରମଣରେ କଂଗ୍ରେସର ୨୬ଜଣ ନେତାଙ୍କ ମୃତ୍ୟୁର କାରଣ ଥିଲା । ଆହୁରି ମଧ୍ୟ ସୁକୁମାରେ ବହୁ ଜଘନ୍ୟ ଗଣହତ୍ୟା କାଣ୍ଡର ନେତୃତ୍ୱ ନେଇଥିଲା । ଉଲ୍ଲେଖଯୋଗ୍ୟ ଯେ, ଗତ ମୋ' ମାସରେ ଛତିଶଗଡ ପୋଲିସର ଗୁଳିରେ ସିପିଆଇ (ମାଓବାଦୀ)ର ସର୍ବୋଚ୍ଚ ନେତା ତଥା ସାଧାରଣ ସମ୍ପାଦକ ନମ୍ବାଲ କେଶବ ରାଓ ଓରଫ ବାସବରାଜର ହତ୍ୟା ପରେ ହିଡମାର ମୃତ୍ୟୁ ଅତ୍ୟନ୍ତ ଗୁରୁତ୍ୱ ବହନ କରେ । ଏହି ସବୁ ହତ୍ୟା ଏବଂ ସଂଗଠନର ବରିଷ୍ଠ କର୍ମକର୍ତା ତଥା କେନ୍ଦ୍ରୀୟ କମିଟିର ସଦସ୍ୟ ମାଲୋଦୁଲା ବେଣୁଗୋପାଳ ରାଓ ଓରଫ ଭୂପତି ଗତ ଅକ୍ଟୋବର ମାସରେ ଆତ୍ମସମର୍ପଣ କରିବା ପରେ ମାଓବାଦୀ ସଂଗଠନ ଏବେ ଘୋର ଦୁର୍ଦ୍ଦିନର ସମ୍ମୁଖୀନ ହେବର ସହ ନେତାଶୂନ୍ୟ ହୋଇପଡିଛି । ପରିସ୍ଥିତି ଏପରି ହୋଇଛି ଯେ, ଆଉ କେହି ସଂଗଠନର ନେତୃତ୍ୱ ନେବାକୁ ରାଜି ହେଉନଥିବା କୁହାଯାଏ । ଇତି ମଧ୍ୟରେ ଯବାନଙ୍କ ଏନକାଉଂଟର ଏବଂ ଆତ୍ମସମର୍ପଣ ଯୋଗୁଁ ମାଓବାଦୀ ସଂଗଠନର ୨୫ଜଣିଆ କେନ୍ଦ୍ରୀୟ କମିଟିରେ ସଦସ୍ୟ ସଂଖ୍ୟା ୧୦କୁ ଖସିଆସିଥିବା ରିପୋର୍ଟ ପ୍ରକାଶ ପାଇଛି । ସେହିପରି ଗତ ଦୁଇବର୍ଷିଆ ୨୦୨୪ ଏବଂ ୨୦୨୫ରେ ୫୨୩ ଜଣ ନକସଲଙ୍କ ମୃତ୍ୟୁ ଘଟିଥିବା ବେଳେ ୨୨୩୫ ଜଣ ଗିରଫ ହୋଇଥିଲେ ଏବଂ ୧୮୬୫ ଜଣ ଆତ୍ମସମର୍ପଣ କରିଥିଲେ । କେବଳ ଏତିକି ମାଓବାଦୀ ସମର୍ଥକଙ୍କ ଗଣ ଆତ୍ମସମର୍ପଣ ମଧ୍ୟ ବଢିବାରେ ଲାଗିଛି । ଗତ ୧୦ମାସ ମଧ୍ୟରେ କେବଳ ୧୨୨୫ ଜଣ ଆତ୍ମସମର୍ପଣ କରିଥିବାବେଳେ ୨୭୦ଜଣ ନିହତ ହୋଇଛନ୍ତି ଏବଂ ୨୮୦ଜଣଙ୍କୁ ଗିରଫ କରାଯାଇଛି । କହିବା ବାହୁଲ୍ୟ ବାମବରାଜୁର ହତ୍ୟା ପରେ ଏବେ ଥିପିରି ତିରୁପତି ଓରଫ ଦେଭୁଜୀ ଏକ ବୁଡିଯାଉଥିବା ସଂଗଠନର ନେତୃତ୍ୱ ସମ୍ଭାଳିଛି । ତିରୁପତି ମିଶିର ବେସ୍ରା ଓରଫ ସୁନିମାଲ ପରି କେତେକ କୁଖ୍ୟାତ ମାଓବାଦୀ ସଂଗଠନର ନେତୃତ୍ୱ ସମ୍ଭାଳିଛନ୍ତି । ଏନକାଉଟଂର, ଗିରଫ ଏବଂ ଆତ୍ମସମର୍ପଣ ଯୋଗୁଁ ସଂଗଠନ ଦିନକୁ ଦିନ ସଂକୁଚିତ ହେବାରେ ଲାଗିଥିବାବେଳେ ଆସନ୍ତା ୨୦୨୬ ମାର୍ଚ୍ଚ ଶେଷ ସୁଦ୍ଧା ଭାରତକୁ ମାଓବାଦୀ ମୁକ୍ତ ରାଷ୍ଟ୍ର କରିବା ପାଇଁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ଘୋଷଣା ବାସ୍ତବରେ ସତ୍ୟରେ ହେବାକୁ ଯାଉଥିବା ମନେହୁଏ । ଏହା ନିସନ୍ଦେହ ଯେ, ମାଓବାଦୀ ସଂଗଠନ ପ୍ରତି ଦୁର୍ଗମ ଆଦିବାସୀ ବହୁଳ ଅଂଚଳରେ ସମର୍ଥନ ଅଧିକ । ସରକାରଙ୍କର ଆଦିବାସୀ ବହୁଳ ଅଂଚଳରେ ବିକାଶ ସାଙ୍ଗକୁ ଆତ୍ମସମର୍ପଣ ପାଇଁ ଆକର୍ଷଣୀୟ ପ୍ରୋତ୍ସାହନ ଯୋଜନା ଏବଂ ସୁରକ୍ଷା ବାହିନୀର ଲଗାତାର ଚଢାଉ ଏବଂ ତଲାସୀ ଅଭିଯାନ ଯୋଗୁଁ ସଂଗଠନ କେବଳ ଦୁର୍ବଳ ହେଉନାହିଁ, ନିଶ୍ଚିହ୍ନ ଆଭିମୁଖ୍ୟ ଗତି କରୁଛି । ଦେଶର ୭ଟି ରାଜ୍ୟର ମାତ୍ର ଅଳ୍ପ କେତୋଟି ଜିଲ୍ଲାରେ ମାଓବାଦୀମାନେ ସକ୍ରୀୟ ଥିବା ସତ୍ତ୍ୱେ କାଖାଁ ହିଂସାକୁ ଛାଡି ଦେଲେ ପରିସ୍ଥିତି ପ୍ରାୟତଃ ମିଲିଅନ ଆଦିବାସୀଙ୍କ ମଧ୍ୟରେ ୬୫ମିଲିଅନ ଏବେ ବହୁମୁଖୀ ଗରିବ ଅଛନ୍ତି । ସେମାନଙ୍କ ବିକାଶ ଲାଗି ସରକାର ଧ୍ୟାନ ଦେବା ଆବଶ୍ୟକ ଅନ୍ୟଥା ମାଓବାଦୀ ଆନ୍ଦୋଳନ ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହେବା ସମ୍ଭବ ନୁହେଁ ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-
୭୫୧୦୦୨
ମୋ: ୭୯୭୮୬୬୬୪୦୩

### କବିତା କୋଣାର୍କ

## ହେ ମହାମହିମ

**ଅ. ପ୍ରଦୀପ୍ତ କୁମାର ଦାସ**



ହେ ମହାମହିମ କରୁଣାର ତୁମ
ଦେବୋପମ ମହତାବ -
ତୁମରି ସ୍ମୃତିର ମଧୁର ମହକେ
ଜାଗେ ଆଜି ମହଭାବ ।

କାନ୍ଦେ କଇଁ କଇଁ ଏ ଉକ୍ରଳ ଭୂଇଁ
ତୁମ କଥା ଭାବି ମନେ -
ତୁମେ ଥିଲ ତାର ଆଶା ପାରିଜାତ
ତା ' ସୁଖର ଉପବନେ ।

ମୀନା ମିନି ଏବେ ଦୁଃଖରେ ଅଛନ୍ତି
ଯେଣୁ ତୁମେ କକା ନାହଁ -
କିଏ ଦେବ ତାଙ୍କୁ ଶରଧାର ସୁଧା
କିଏ ଦେବ ତାଙ୍କୁ ସ୍ନେହ ।

ବିଷୁବ ମିଳନ ଲାଗୁଛି ଅପୂର୍ଣ୍ଣ
ତୁମ ଉପସ୍ଥିତି ବିନା -
ଭାରି ଏକା ଏକା ଲାଗୁଅଛି ଏବେ
ତୁମ ବଇଠକୀ ଖାନା ।

ତୁମରି ସପନ ଯାଇଛି ମଉଳି
ହଜିଛି ସେନେହ ପ୍ରୀତି -
ରାଜନୀତି ଏବେ ଯାଇଛି ବଦଳି
ବଢ଼ିଅଛି ଜାଲିୟାତି ।

ସବୁଠି ବହୁଛି ସମସ୍ୟାର ଝଡ଼
ଘୋଟିଛି ଦୁଃଖର ରାତି -
ନାହାଁନ୍ତି ତ କେହି ତୁମ ପରି ନେତା
ଜାଳି ଦେବେ ସତ୍ୟ ବତୀ ।

ଆଜି ତୁମ ଶୁଭ ଜନମ ଦିବସେ
ମନେପଡ ତୁମେ ବେଶି -
ପରସ୍ତ ପରସ୍ତ ହୋଇ ଖୋଲିଯାଏ
ତୁମରି ସୁଗୁଣ ରାଶି ।

ଅଅଅ

କଣ୍ଟାବଣିଆ, ପ୍ରୀତିପୁର, ଯାଜପୁର
ମୋ - ୯୪୩୭୮୫୪୧୭୫

## ସାଇତା ଅତୀତ

**ପ୍ରଶାନ୍ତ କୁମାର ନାୟକ**



ଯେତେ ଚେଷ୍ଟାକଲେ ଭୁଲିହୁଏ ନାହିଁ
ଅତୀତର ଇତିହାସ,
ମନେପଡେ ଯେତେ ତାଜାହୁଏ ସେତେ
ପ୍ରେମରେ ପ୍ରାପତ କ୍ଷତ ।।

ସେ ଅତୀତ ଅଟେ ମୃତପ୍ରାୟ ସତେ
ତଥାପି ଦିଏ ସେ କଷ୍ଟ,
ବିତି ଯାଇଥିବା ମିଠା ଅନୁଭୂତି
କ୍ଷତକୁ କରେ ଜୀବିତ ।।

ତଥାପି ସାଇତା ସେ ଅତୀତ ଆଜି
ତା'କୁ ଭୁଲିବାଟା କଷ୍ଟ,
ଭୁଲି ନପାରିଲେ ଭାରି ଦୁଃଖଲାଗେ
କରିଚାଲେ କେତେ ଅନିଷ୍ଟ ।।

ଭିଜିବାକୁ କାଇଁ ପ୍ରେମର ବର୍ଷାରେ
ଏତେ ମଜାଲାଗେ କୁହ,
ମନ ବୁଝେନାହିଁ ଯେତେ ଭିଜିଲେବି
ଇଏ କି ଅଜଣା ମୋହ ।।

ୟୁନିଟ୍- ୦୫; ଭୁବନେଶ୍ୱର
ଫୋନ୍: ୮୨୪୯୬୫୦୪୧୪

# ଧାରେ ଆଲୁଅ

ନିର୍ବିକାର ପ୍ରଭାତ



ଅଣ୍ଟାରେ ଲୁଗା ଖୋସି ଚପଲ ହଳକୁ ଖୋଜି ହେଲା ବନିତା। ଏବେ ସେ କୋଠଘରକୁ ଯିବାକୁ ତତ୍ପର। ଦୁଆର ଡେଇଁଲେ ବାଟ ଫିଟିବ। ବର୍ଷକେ ଥରେ କି ଦିଥର ପିନ୍ଧିବାକୁ ସୁଯୋଗ ପାଉଥିବା ଷ୍ଟୋନଲଗା ଚପଲକୁ ଅନେକ ସ୍ଥାନ ଦରାଣ୍ଡିଲା । ଝିଅ ହେନା ତାକୁ ଲୁଚାଇ ରଖିଛି ବୋଧେ । ପଡ଼ିଶାଘର ଖୁଡୀ କି ବଡବୋଉ ଯାତ ତୀର୍ଥ ଯିବାବେଳେ ସେହି ଚପଲକୁ ପିନ୍ଧି ପଳାଇଯାଆନ୍ତି । ନଦେଲେ ସେମାନେ କେତେ ପ୍ରକାରର ଛିଗୁଲିଆ କଥା କୁହନ୍ତି। ପିନ୍ଧିବାକୁ ଦେଲେ, ଯଦି ବାଟରେ ଘାଟରେ ଛିଡିଯାଏ, ସେମାନେ ଦୁଆରେ ଫିଙ୍ଗି ଦେଇ ଯିବେ ପଛେ ମରାମତି କରିବେ ନାହିଁ। ବଡ ପାଟିରେ ଝିଅକୁ ଡାକ ପକାଇଲା, 'ହେନା, ମୋ ଚପଲ ହଳକ ଖୋଜି ଦେଲୁ।' ବଡଯାଆ ଝୁମ ଶୁଣି କର୍କଶ କଣ୍ଠରେ କହିଲା,-'ଚପଲ ପିନ୍ଧି ଗୁହାଳକୁ ଯିବୁ ନା ଘାସ କାଟିବାକୁ ଯିବୁ ବା ?' ବନିତା ନଶୁଣିବା ପରି ହେଲା।

ଲୁଚା ଯାଇଥିବା ଚପଲକୁ ଚାଳରୁ ବାହାର କଲା ହେନା। ବଡ ବୋଉ ଉଦ୍ଦେଶ୍ୟରେ ଜବାବ ଦେଲା, -'ଚପଲ କିଣା ହୋଇଛି କଣ ପୂଜା ହବ ?' ତଳେ ପକାଇ ଦବାରୁ ଗୋଡରେ ଗଳାଇ ବନିତା କୋଠଘର ଆଡକୁ ପାଦ ଥାପିଲା।

ବଡ ଯାଆ ଝୁମ କହିଲା, 'ଏ ସରକାରର ତ କିଛି କାମ ଧନ୍ଦା ନାହିଁ । ବୁଢା ବୁଢୀଙ୍କୁ ପାଠ ପଢାଇବ। ସାକ୍ଷର କରିବ। ପାଠ ପଢିଲେ କଣ ସେମାନେ ଚାକିରି କରିବେ ? ଘରକାମ, ରନ୍ଧାବଢା, ଗୁହାଳ- ଗୋବର, ଜାଳେଣି କାଠ କଥା ନବୁଝି ପାଠ ପଢିବେ ? ଛତୁଫୁଟା କାଠ ନିଶଉଠା ପାଠରେ କି ମହତ ଅଛି ? ଘରୁ ବାହାରକୁ ବାହାରି ପାରୁନଥିବା ମାଇପେ କୋଠଘରେ ମେଳି କରିବେ। ପୁଅ ବୋହୂଙ୍କ ନାମରେ ଚୁଗୁଲି କରିବାକୁ ସୁବିଧା ପାଇବେ। ଏବେ ଦେଖ ଦାଣ୍ଡରେ ଯାତରା କରିବାକୁ ଭୁଆଷୁଣୀଟା ବାହାରିଗଲା । ପାଠଶାଠ ପଢି କଲେକ୍ଟର ହବ .....।'

କଥା ଶେଷ ନହେଉଣୁ ହେନା ପ୍ରତିକ୍ରିୟା ପ୍ରକାଶ କଲା,'ତୁ କାହିଁକି ସେମିତି ହଉଛୁ କିଲୋ ବଡବୋଉ ? କାମ କାମ କହି ମୋ ବୋଉକୁ ଫୁରୁସତ ଦଉନୁ। ବାପା ଥିଲାବେଳେ ଟଙ୍କା ପଇସା ତୋ ପାଖକୁ ପଠାଉ ଥିଲେ ବୋଲି ଚୁପ୍ ରହୁଥିଲୁ। ବାପା ଗଲାପରେ ତୁ କେତେ ହିନସ୍ତା କହୁଛୁ ? ସେ ଘର ଜଞ୍ଜାଳ ସାରି କୋଠଘରକୁ ଯାଉଛି । ତୋ ଦେହ ସହୁନି ? ମୁଁ ବଡ ହେଲିଣି। ଏଣିକି ମୋ ବୋଉକୁ ଅଖାଡୁଆ କଥା କହିବୁ ତ ମୋଠାରୁ ଶୁଣିବୁ। ପିଲାବେଳୁ ପାଠ ଦି ଅକ୍ଷର ପଢିଥିଲେ ଟଙ୍କା ପଇସା ହିସାବ ସେ ଜାଣିଥା'ନ୍ତା। ବଖରେ ଘର କରିବାରେ ତିନି ଲକ୍ଷ ଟଙ୍କା ଖର୍ଚ୍ଚ ହୋଇନଥାନ୍ତା । ଦାଣ୍ଡ ଚାଳଘର ପରେ ଏ ଘର ତିଆରିରେ ବାପା ପଠାଇଥିବା ସବୁ ଟଙ୍କା ପାଣି ଭଳି ସରିଗଲା । ମୁଁ ବଡ ହୋଇ ଯାଇଥିଲେ ତୋ ଠାରୁ କଡା ଗଣ୍ଡା କରି ହିସାବ ନେଇଥାନ୍ତି।'

ଉତ୍‌କ୍ଷିପ୍ତ ହେଲା ଝୁମ, -'ପିଲା ମେଞ୍ଚଡଟେ। ଗାଲ ଚିପି ଦେଲେ ଦୁଧ ବାହାରି ପଡିବ। ପିଚାରୁ ନାଳ ଛାଡିନି, କଥାରେ ବାଟୁଳି ବାଜୁନି। ବାଘ ଘରେ ମିରିଗ ନାଟ। ବାପ ମଲା ପରେ ମାଆର ମୁହଁ ପାଇ ଜବାବ ଦଉଛୁ। ଘର, ଜମି, ଗାଈଗୋରୁ ମୋର। ମୋର ଖାଇ ମୋତେ ଜବାବ୍ ! ବାପ ଥେଲେ ବିଡାକୁ ବିଡା ନୋଟ୍ ପଠାଇ ଥେଲେ ତ ତମ ମାଆ ଝୁଅ ଦୋଳିରେ ଝୁଲୁଥାନ୍ତ ନହେଲେ ଦେହରୁ ନୁଗା କାଢି ଦାଣ୍ଡରେ ଥେଇ ଥେଇ ହେଇଥାନ୍ତ। ଏବେ ସୁବିଧା ହେଲା । ପଠନ କେନ୍ଦ୍ରରେ ହୁଲ୍ଲାସ କରିବାକୁ । ଯାଉନ ଯାଅ । ଦାଣ୍ଡରେ ବଦନ ଦେଖେଇ ବୁଲିବ । ତମ ଦର ବଢିଯିବ।'

ହେନାକୁ ବାପା ନାମ କହିଦେଲେ ତାକୁ ଦୁଃଖ ଲାଗେ। ଝୁମର ଗାଳି ଶେଷ ହେବା ଆଗରୁ ମୁହଁ ଖୋଲିଲା ହେନା,'ବେଶି କଥା କହନା। ବାପା ଦାଦନରୁ ଟଙ୍କା ତୋ ଖାତାକୁ ପଠାଉଥେଲେ। ତୁ ମନ ଇଚ୍ଛା ଖର୍ଚ୍ଚ କରୁଥିଲୁ। ବାପା ଗଲା ପରେ ଆମ ପଇସା ଆଉ କିଛି ନଥିଲା। ବୋଉ ପାଠ ଦି ଅକ୍ଷର ପଢିଥେଲେ ତୁ କଣ ଆମକୁ ଭୁଆଁ ବୁଲେଇଥାନ୍ତୁ ? ସେ ଟଙ୍କା ପଇସାର ହିସାବ ଜାଣିନଥିଲା । ଏବେ ବି ସେ ଜମି ବାଡି, ଭଡା ଟଙ୍କା, ଭାରିଆ ପାଖେ ନିତ୍ୟାନି ହିସାବ କରି ପାରୁନି। ସବୁବେଳେ ମତେ ଖୋଜୁଛି । ସିଏ କିଛି ଶିକ୍ଷା ପାଇଲେ ତତେ ବାଧୁଛି । କାମ ବୋଝରେ ସେମିତି ହଉଛୁ ନା ଇର୍ଷାରେ ତୁ ଜାଣିଥିବୁ । ହାଡଶୂଳା କଥା ଶୁଣି ଝୁମ କହିଲା, 'ଆଲୋ ହେ ଛତରି ଟୋକି, ତୋ ବଡବା ଆଇଲେ ସବୁ କହି ତମ ଦିହିଁଙ୍କୁ ଆଚ୍ଛାକରି ପାନେ ନଦେଲେ ମୋର ନାଁ ଝୁମର ପାଣି ନୁହଁ ।'

ଜବାବ ଦେବାକୁ ହେନାର ସମୟ ନଥିଲା। ସେ ଶୀଘ୍ର ଶୀଘ୍ର ଯାଇ ବୋଉ ସହିତ ମିଶିଗଲା। ବନିତା ଧୋବିମା ସହିତ କଥାବାର୍ତ୍ତା ହେଉଥିଲା। -'ତୋ ଝୁଅ ପାଠ ଦି ଅକ୍ଷର ତତେ ପଢେଇ ଦେଇଥିଲେ କଣ ହୋଇନଥାନ୍ତା ?' ବୁଢୀ କଥାରେ ହେନା ଉତ୍ତର ଦେଲା, 'ମୋ ବୋଉର ପଢିବାକୁ ଇଚ୍ଛା। ହେଲେ ସେ ଥୟ ହେଇ ବସୁନି।' - 'ଥୟ ହେବାକୁ ମତେ ଫୁରୁସତ ଅଛି ? ଛୁଆ ବେଳେ ଘୋଷିବା ପରି ଆଉ ମୁଁ ସେ ଅ, ଆ ଘୋଷି ପାରୁନି। ଘରର ଜଞ୍ଜାଳ ମୋ ଉପରେ ଲଦି ଦେଇ ବଡ ତାଆସ ଖେଳିବାକୁ ଖରାବେଳେ ଯାଏ। ମୋତେ ମରିବାକୁ ସମୟ ଟିକିଏ ନାହିଁ। ବାଡିରୁ ଘାସ କାଟି ଆଣିବା ପରେ ଘଣ୍ଟାଏ ଖଣ୍ଡେ ସମୟ ବଳେ। ସେଥିରେ ମୁଁ ପାଲିକୁ ନଯାଇ ପାଠ ଦି ଅକ୍ଷର ପଢିବାକୁ କୋଠଘରକୁ ଯାଉଛି। ଅ, ଆ ଘୋଷା ବଦଳରେ ଆଉ ଗୋଟେ ଉପାୟରେ ପଢା ହବ ବୋଲି ମାଷ୍ଟର କହୁଥେଲେ। ହଉ ମାଆ ମୁଁ କୋଠଘରକୁ ଯାଉଛି।'

ବନିତା ଝିଅକୁ ଧରି କୋଠଘରେ ପହଞ୍ଚିଲା। ସେଠି ଆଉ ଆଠଜଣ ମହିଳାଙ୍କୁ ଦେଖି ତାର ପଢିବା ଆଶା ଦିଗୁଣା ହୋଇଗଲା। କିଛି ଦୂରରେ ସ୍କୁଲ୍। ସାର୍ ସମସ୍ତଙ୍କୁ ସ୍କୁଲ ଆଡକୁ ଡାକି ନେଲେ । ସେଠାରେ ବେଞ୍ଚ ଟେବଲ୍ ଆଉ କଳାପଟା ଅଛି। ପଢିବାକୁ ସୁବିଧା ହେବ।

ସାର୍ ବୟସ୍କ ମହିଳାଙ୍କୁ ସ୍ୱାଗତ କଲେ। ବିଭିନ୍ନ ଆଲୋଚନାରେ ସମସ୍ତଙ୍କୁ ପଠନାଭିମୁଖୀ କରାଇ ଛବି ଦେଖାଇ ପଚାରିଲେ,'ଏଇଟା କଣ ?' ସମସ୍ୱରରେ ଉତ୍ତର ଆସିଲା,-'ବରଗଛ' । ପ୍ରଥମେ ଧ୍ୱନି ସହିତ ବର୍ଣ୍ଣ ଚିହ୍ନିବା ପରେ ସେମାନେ ଶବ୍ଦ ସହିତ ପରିଚିତ ହେଲେ। ଅକ୍ଷର ସହିତ ଅକ୍ଷର ମିଶି ଶବ୍ଦ ହେଲା। ଚାରୋଟିଯାକ ବର୍ଣ୍ଣ ସେମାନେ ଚିହ୍ନି ସେଥିରୁ ଦୁଇ ଅକ୍ଷର ବିଶିଷ୍ଟ ଶବ୍ଦ 'ବଗ' ଆବିଷ୍କାର କଲେ। ବନିତାକୁ ଭାରି ମଜା ଲାଗିଲା। ହେନା କହିଲା,'ବୋଉ, ତୋ ନାମର ପ୍ରଥମ ଅକ୍ଷର କଣ ଚିହ୍ନିଲୁ।' ବନିତା ଉତ୍ତର ଦେଲା,- 'ବ' । ତା ପରଠାରୁ ବନିତା ଛୋଟ ଛୋଟ ଶବ୍ଦ ପଢି ଖୁସି ହେଲା। ସେଦିନ ପରୀକ୍ଷା ଖାତାରେ ନାମ ଲେଖିବାର ଥିବାରୁ ଶିକ୍ଷକ ସେମାନଙ୍କୁ ସାକ୍ଷର କରିବା ପୂର୍ବରୁ ସ୍ୱାକ୍ଷର ଶିଖାଇ ଦେବାକୁ ଚେଷ୍ଟା କଲେ । କିନ୍ତୁ ବୟସ୍କ ଛାତ୍ରୀମାନେ ଲେଖିବାକୁ ଅମଙ୍ଗ ହେଲେ । ଶିକ୍ଷକ ବୁଝାଇଲେ, -'ତୁମମାନଙ୍କ ଆଙ୍ଗୁଠିରେ ଚମତ୍କାରିତା ଅଛି। ତୁମ ହାତରେ ଲକ୍ଷ୍ମୀ ଥିବାରୁ ରୋଷେଇ ସ୍ୱାଦିଷ୍ଟ ହେଉଛି। ଆଙ୍ଗୁଠିରେ ସୁନ୍ଦର ଝୋଟି ପଡୁଛି । ସେଥିଯୋଗୁ ତମେମାନେ ଶିଶୁର ଯତ୍ନନେଇ, ଲାଳନପାଳନ କରି ବଡକରି ପାରୁଛ । ତେଣୁ ଚେଷ୍ଟା କଲେ ତୁମେ ନିଜରନାମ ଲେଖିପାରିବ।' କ୍ରମଶ ଅଭ୍ୟାସ ବଳରେ କେତଜଣ ନିଜ ନିଜରର ନାମ ଲେଖି ପାରିଲେ। ସ୍ୱାକ୍ଷର ଶିଖିଗଲା ବନିତା।

ଦୁଇ ଘଣ୍ଟା ପରେ କିଛି ଖାତା, ବହି, କଲମ ଧରି ଯିଏ ଯାହାର ଘରକୁ ଗଲେ। ପରଦିନ ସାର୍ ଟଙ୍କା ପଇସା ସହିତ ମିଶାଣ ଫେଡାଣ ଉପରେ ଶିକ୍ଷା ଦେଲେ। ଅନେକ ମହିଳା ପଠନ, ଲିଖନ ଓ ସଂଖ୍ୟାଜ୍ଞାନରେ ଆଗେଇଲେ । ବନିତା ଓଡ଼ିଆ ବର୍ଣ୍ଣମାଳାର ଅନେକ ଅକ୍ଷର ଲେଖି ନପାରି ମଧ୍ୟ ଶବ୍ଦ ଓ ଖଣ୍ଡବାକ୍ୟ ପଢି ଖୁସି ହେଲା। ଅଧିକ ଖୁସି ହେଲା ଝିଅ ହେନା।

କିଛିଦିନ ଅଭ୍ୟାସ କରିବାରୁ ବନିତାର ଅଗ୍ରଗତି ହେଲା। ଯେତେ ବେଳେ ଇଚ୍ଛା କଲା ହେନାକୁ ପଚାରି ପଢାପଢିରେ ମନ ଲଗାଇଲା । ଝୁମ ଆଦୌ ସହି ପାରୁ ନଥାଏ।

ଦିନେ ବନିତା ଚୁଲିମୁଣ୍ଡରେ ଜାଳ ରଖି କିଛି ଚିରା ଖବରକାଗଜ ପାଇ ପଢିବାକୁ ଚେଷ୍ଟା କଲା ବେଳେ ଝୁମ ବଡ ପାଟିରେ କାନ୍ଦଣା ଆରମ୍ଭ କଲା। କାନ୍ଦଣା ଭିତରର ଅନେକ ମନ୍ଦ ଉଦ୍ଦେଶ୍ୟ ଥିଲା । ତା ପଢାପଢି ଯୋଗୁ ଘରର କୋଉ କାମ ଶେଷ ହଉନି। ଗାଈ ନଦୁହିଁ ବନି ପଢିବାକୁ ଯିବାରୁ ଗାଈ କ୍ଷୀର କମ୍ ଦଉଛି। ଭଲ ଘାସ ଅଭାବରେ ବାଛୁରୀଟା ରୋଗିଣା ହୋଇ ଯାଉଛି। ଭାରିଆଠୁ କ୍ଷୀର ପଇସାର ହିସାବ ବନିତା ନବାରୁ ନିତ୍ୟାନି ପତଳା କହି ଭାରିଆ ପଇସା କାଟି ଦଉଛି। ବନି ପଢା ବାହାନାରେ ତର୍କାରୀ ପତ୍ର ସ୍ୱାଦହୀନ କରି ଦେବାରୁ ତାର ପେଟପୂରା ଖାଇବା ହେଉନାହିଁ । ସେଥିପାଇଁ ସେ ଦୁର୍ବଳରୁ ପେଲି ହଉଛି । ତାକୁ କିଏ ପାଲରେ ପକାଇ ସାରିଲାଣି । ନହେଲେ ପଢା ନିଶା ଏତେ ହୁଅନ୍ତା ?'

ସବୁ ଶୁଣି ଚୁପ୍ ରହୁଥିବା ଦେଢଶୁର ସେଦିନ ହଳୁଆ ପାଞ୍ଚଣରେ ତାକୁ ପାହାରେ ଦବାରୁ ଝୁମର ଅଭିନୟ ବନ୍ଦ ହୋଇଗଲା। ଦିନସାରା ଗଁ ଗଁ ସଁ ସଁ ହୋଇ ମନେ ମନେ ସେ ବନିତାକୁ ଅଭିଶାପ ଦେଲା।

କିଛିଦିନ ପରେ ରୋଗିଣା ବାଛୁରୀଟା ମରି ଯିବାରୁ ହେନା ସହିତ ବନିତାକୁ ଝୁମ ଧୁମ୍ ଗାଳି ଦେଲା। ଶିକ୍ଷାକେନ୍ଦ୍ରରେ ବନିତା ପାଠ ପଢିବାକୁ ଯାଇ ଗାଈଗୋରୁଙ୍କ ସେବାରେ ଅବହେଳା କରିବାରୁ ବାଛୁରୀ ମଲା । ଆଉ କାହା ସହିତ ତାର ଚୋରା ପୀରତି ଥିବାରୁ ଘରୁ ଲକ୍ଷ୍ମୀ ଚାଲିଗଲେ ବୋଲି ସେ ସବୁଠାରେ ଡିଣ୍ଡିମ ପିଟିଲା । ଦୁନିଆର ନୀତି ନିୟମକୁ ଏଡି ଛତରଖାଇଟା ଗାଁସାରା ପଇଁତରା ମାରି ଇସୁକୁଲରେ ପାଠ ବାହାନାରେ ଯାଇ ଘରର ଇଜ୍ଜତ ଖାଇଲା। ତାର କିଛି ଖରାପ କର୍ମ ଥିବାରୁ ଭେଣ୍ଡା ଗିରସ୍ତ ମରିଥିଲା। ଏବେ ଯାହା କରୁଛି ଆମେ ସବୁ ବଡଦାଣ୍ଡକୁ ତାଟିଆ ଧରି ଯିବୁ। ଭିକ ମାଗିବୁ।'

ସମୟ ଅଭାବରୁ ପ୍ରୌଢ ଶିକ୍ଷା କାର୍ଯ୍ୟରୁ ସାମୟିକ ବିରତି ନେଇଥିବା ଜଣେ ଦିଜଣ ମହିଳା ଝୁମ କଥାକୁ ବିଶ୍ୱାସ କଲାବେଳେ କେହି କେହି ତା କୁତ୍ସାରଟନାରେ ପରତେ ଗଲେ ନାହିଁ। ହେନା ବାହାରୁ ନିନ୍ଦା ଶୁଣି ବୋଉକୁ କହିଲା। ମନ ଦୁଃଖ ହେବା ସତ୍ତ୍ୱେ ବନିତା ଆଦୌ ରାଗିଲା ନାହିଁ। ମାଆ ଝିଅକୁ ବୁଝାଇଲା, 'କହୁଛି ତ କହୁ। ଶାଶୁ ଥିଲେ କହିଥାନ୍ତା। ଶାଶୁ ବଦଳେ ବଡ ଯାଆ ସଜ ମାଛରେ ପୋକ ପକାଇଲେ ସମସ୍ତେ କଣ ବିଶ୍ୱାସ କରିବେ। ଆମେ ଆମ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାକୁ ହେଲେ ଛୋଟମୋଟ କଥାକୁ ଗୁରୁତ୍ୱ ଦେବା ଉଚିତ ନୁହଁ। ତୁ ତୋ ପାଠପଢା ଦେଖ୍। ଗାଁ ଲୋକ କଥାରେ ନଥା ଯୋଖିବାକୁ ଭଲ ପାଆନ୍ତି।' ହେନା ଚାଲିଗଲା।

ପରଦିନ ଝୁମ ରାଗରେ ଗରଗର ହେଲା। ତାଆସ ଖେଳକୁ ଯିବା ପୂର୍ବରୁ ଧମକ ଦେବା ଭଙ୍ଗୀରେ ବନିତାକୁ କହିଲା, -'ଘରର ମଙ୍ଗଳ ପାଇଁ ତୁ ଇସୁକୁଲ ଯାଆନା ।' ଝୁମ ଆଦେଶକୁ ହେନା ଇଶାରାରେ ବନିତା ଅବମାନନା କରି ପଢିବାକୁ ଚାଲିଗଲା। ମୁହଁରେ ମାଡ ଦେଲା ପରି ଝୁମକୁ ଲାଗିଲା । ତା ପାଟି ବନ୍ଦ୍ ହୋଇଗଲା। ଯାଆକୁ ଅମାନ୍ୟ କରିଥିବାରୁ ବନିତାକୁ ଭଲ ଲାଗୁନଥାଏ। ତଥାପି ସେ ବିଭିନ୍ନ ବହିପତ୍ର ପଢିବାର ଚେଷ୍ଟା ଜାରି ରଖିଲା।

ବନିତା ଉପରେ ଶାସନ କିଛି କାଟୁ କରୁ ନଥିବାରୁ ଝୁମ ଅବେଇ ଖବେଇ ହେଉଥିଲା। ବନିତାକୁ ସମର୍ଥନ ଦେଇ ସ୍ୱାମୀ ଅପମାନିତ କରୁଥିବାରୁ ଝୁମ ବାପଘରକୁ ଚାଲିଗଲା। ମନେ ମନେ ଭାବିଲା ଘରୁ ପାଇଟି ଶେଷ ନହେଲେ ବନିର ପଢା ଶେଷ ହବ। ଦେଢଶୁର ପାଇଁ ନ ରାନ୍ଧି ଯିବ କୁଆଡେ ? ବନି ଖଟି ଖଟି ମରିବ ସେ ବାପଘରେ ଢିଲା ମାରି ଆସିବ। ମୂରୁଖ ବନିର ବିଧବା ଭତ୍ତାରେ ସୁଝା ଯାଉଥିବା ଋଣର ଭାଗମାପ କରି ପାରିବନି କି ତାଠାରୁ ବନି କୈଫତ ତଲପ କରିପାରିବନି। ଗୋଷ୍ଠୀର କିସ୍ତି ଦବାକୁ ଅସୁବିଧା ହବନି।

ମାଣବସା ଆଗଦିନ ଝୁମ ଆସିଲା। ଗୁରୁବାର ସକାଳୁ ବନିତାକୁ ସେ ଭରସି କିଛି କହିଲା ନାହିଁ । ମାଣ ବସିଲେ କେତେ ନବସିଲେ କେତେ ଗାଲେଇ ହୋଇ ଶୋଇ ରହିଲା ଝୁମ । ତାର କୌଣସି କଥାକୁ ଖାତିର କରୁନଥିବା ଉଦ୍ଧତ୍ ବନି ମାଣ ନବସାଇ ଗାଁରେ ଅପଦସ୍ତ ହଉ। ଏହା ହିଁ ତାର ଇଚ୍ଛା। ଅଛୁଆଁ ହୋଇ ଗାଧୋଇ ଯାଇ ବହୁତ ଡେରିରେ ଝୁମ ପୋଖରୀରୁ ଫେରିଲା। ଦାଣ୍ଡ ଚାଳଘର ଡେଇଁ ଛାତଘରେ ସତର୍କତା ସହିତ ପଶିଲା । ତା କାନରେ ପଡିଲା ମାଣବସାରେ ଲକ୍ଷ୍ମୀ ପୁରାଣ ଆବୃତି । ଝୁମର ଉତ୍ସୁକତା ବଢିଲା।

ହେନା ଘରୁ ବାହାରି ଆସି କହିଲା, 'ଆଜି ତୁ ଆଉ ଝଗଡା କରନା। ଗୁରୁବାରଟାରେ ଲକ୍ଷ୍ମୀ ଚାଲି ଯିବେ। ମାଣ ଠାକୁରାଣୀଙ୍କ ପାଖେ ବୋଉ ପୁରାଣ ପଢୁଛି।' ଝୁମର ମୁଣ୍ଡ ଉପରକୁ ରାଗ ଚଢିଗଲା। ମାର୍ଗଶିର ମାସ ଗୁରୁବାର ମାଣବସାଟାରେ ଏମିତି କଥା ତାକୁ ଶୁଣିବାକୁ ପଡିବ ବୋଲି ଝୁମ ଜାଣିନଥିଲା। ବଡ ପାଟିରେ ଚିଲ୍ଲେଇଲା, -'ତୋ ମୁହଁ ବଢି ଗଲାଣିଲୋ ଛତରଖାଇ। ବଡବା ଗେଲବସର କରିଛି ବୋଲି ତୁ ଇନ୍ଦର ଚନ୍ଦର ମାନୁନୁ। ଆଜି ଗୋଟେ ଫଇସଲା ହବ। ମୁଁ ଏ ଘରେ ରହିବି ନହେଲେ ତମେ ମା ଝୁଅ ଏ ଘରେ ରହିବ। ଦି' ଅକ୍ଷର ପଢିଦେଲା ବୋଲି ରାଣ୍ଡ ମାଇପିଟା ପୁରାଣ ପଢିବ ? ମୋ ଥେଲା ଥୋଇଲା ଘରକୁ ହତଲକ୍ଷ୍ମୀ କରିବ ! ଆସୁ ମୋ ଗିରସ୍ତ । କାନିରେ ଗଣ୍ଠି ପଇଲା । ସବୁ ଭାଗ ବଖରା ନଛିଡିଲେ ମୁଁ ଅନ୍ନଜଳ ଛୁଇଁବି ନାହିଁ ।' ଗୋଟିଏ ମୁହଁତୋଡ ଜବାବ ଦବାକୁ ହେନା ଉଦ୍ୟମ କଲାବେଳେ ଡାକବାଲା ଚିଠିଟିଏ ତା ହାତକୁ ବଢାଇ ଦେଲେ। ହେନାର କ୍ରୋଧ ଶାନ୍ତ ହୋଇଗଲା। ଚିଠି ଖୋଲି ପଢିଲା । ବାପାଙ୍କର ମୃତ୍ୟୁ ପରର ଗ୍ରାଚୁଇଟି ଟଙ୍କା ଆସିବାକୁ ବନିତାର ବ୍ୟାଙ୍କ ଆକାଉଣ୍ଟ ନମ୍ବର ଦରକାର ବୋଲି ଜଣେ ବନ୍ଧୁ ସୁରଟରୁ ଲେଖିଥିଲେ। ହିସାବ ସବୁ ଭୁଲ୍ ଭାଲ୍ ହୋଇ ଯିବାରୁ ଝୁମ ଲଥ୍ ହୋଇ ତଳେ ବସି ପଡିଲା । ହେନା ବଡବାପା ଦେଖି ନଦେଖିବା ପରି ଦୂରେଇ ଗଲେ।

+ହାପିକଲୋନୀ, ଗୋପ, ପୁରୀ
ମୋ : ୭୯୭୮୬୩୫୨୭୬

# ସମ୍ପର୍କ ମୋବାଇଲର

ଜୟଶ୍ରୀ ପଟ୍ଟନାୟକ



ଛୋଟ ଝିଅଟିଏ ସିଲୁ। ପିଲାଟି ଦିନରୁ ବଢିଛି ମାମୁଁଘରେ। କାରଣ ତା ବାବା ମାଆ ଚାକିରି କରୁଥିଲେ ତେଣୁ ସେ ପିଲାଟି ଦିନରୁ ମାମୁଁଘରର ଗେଲବସର ଭାଣିଜୀ। ପିଲାଟି ଦିନରୁ ଖୁବ ଭଲ ପାଠ ପଢେ, ଚିତ୍ରାଙ୍କନ କରେ ଏବଂ ଗୀତ ବି ଗାଏ। ଦଶମ ଶ୍ରେଣୀ ଯାଏଁ ପ୍ରାୟ ମାମୁଁଘର ସହିତ ତାର ସବୁ ପର୍ବ ପର୍ବାଣିରେ ଭେଟ ହୁଏ। ନୂଆ ଜାମା ପିନ୍ଧିବାଠାରୁ ଗୋଡ଼ରେ ପାଉଁଜି ନାଇବା ଯାଏଁ ଟିକିନିଖି ପରଖି ଦେଖେ ବଡ଼ମାଉସୀ। ନିଜେ ଅବିବାହିତ ଥିଲେ ବି ସବୁବେଳେ ନଜର ଥାଏ ସିଲୁ ଉପରେ। ଚୁଡ଼ି ଠାରୁ ଟିକିଲି, ମେହେନ୍ଦି ସବୁ କିଣିଆଣେ ମାଉସୀ, ଆମ ଟିକି ଝିଅ ପିନ୍ଧିବ ନାଇବ, ଖୁସି ହେବ ବୋଲି। ଦିନେ ବଦଳି ହୋଇଗଲା ବାପାଙ୍କର ଅନ୍ୟ ଗୋଟିଏ ସହରକୁ। ମାମୁଁଘର ସହିତ ଆଉ ଆଗଭଳି ଦେଖା ହୋଇ ପାରିଲାନି। ପ୍ରଥମାଷ୍ଟମୀ କି ଜନ୍ମଦିନ ଆସିଲେ ସିଲୁ ଆଗ ଗୋଡ଼ କାଢି ବସିଥାଏ ତା ମାମୁଁ ଆସିବେ ଆଉ ମାମୁଁଘର ଜାମା ପିନ୍ଧି ସାହି ପଡିଶା ସମସ୍ତଙ୍କୁ ମୁଣ୍ଡିଆ ମାରି ଯିବ ବୋଲି। ଦୂରରୁ ମାମୁଁଙ୍କର କାର ଆସିବା ଦେଖି ଦୌଡ଼ି ଯାଏ କାର ପାଖକୁ। ମାମୁଁ ମାଇ କେତେ ଗେଲ କରି ପକାନ୍ତି ତାକୁ ଦେଖିବା ମାତ୍ରକେ। ମୁଣ୍ଡିଆ ମାରିଲା ବେଳକୁ କୁହନ୍ତି ବୁଢ଼ୀଟା ହୋଇଥା। ତାଙ୍କ ସହିତ ମିଶିକି ଆସି ଡାକ ପକାଏ ମାଆ ଦେଖିଲୁ ମୁଁ କାହାକୁ ସାଙ୍ଗରେ ନେଇକି ଆସିଛି। ମାମୁଁ ମାଇ ବି ଦୁଇ ପରିବାର ମାନେ ଅଜାଘର ଆଉ ଜେଜେଘରର ଗୋଟିଏ ଝିଅ ବୋଲି ଢେର ଗେଲା କରନ୍ତି ତା ପାଇଁ ବିସ୍କୁଟ, ମିକ୍ସର, ଚକୋଲେଟ, ରବର, ପେନସିଲ, କାହାଣୀ ଭଲପାଏ ପଢିବାକୁ ବୋଲି କିଛି ବହି ସାଥିରେ ନେଇକି ଆସିଥାନ୍ତି। ବହୁତ ଖୁସିହୁଏ ସିଲୁ। ତା ପାଦ ଭୂଇଁରେ ଲାଗେନା ମାମୁଁ ମାଇ ଘରକୁ ଆସିବା ଦିନ।

ଏବେ ବଦଳିଛି ସମୟ। ଗାଁ ଛାଡ଼ି ସହରକୁ ଲୋକମାନେ ଆସିବା ଦିନରୁ ସମ୍ପର୍କର ସ୍ୱାଦ ବି ଧିରେ ଧିରେ ମଉଳିବାକୁ ଲାଗିଲାଣି। ଆଗଭଳି ଆଉ ସେତେଟା ଚିଠିରେ ଭଲ ମନ୍ଦ କଥା ଲେଖିକି ଡାକବାକ୍ସରେ ପକାଉନାହାନ୍ତି କି ସକାଳ କୁଣିଆ ହୋଇ ଘରକୁ ବି ଆସୁନାହାନ୍ତି। କି ବୋଲି ମୋବାଇଲର ଯୁଗ ହେଲା ଖାଲି ହେଲୋ ହାଏରେ ସମ୍ପର୍କ ତିଷ୍ଠି ରହିଲା। ତାକୁ ତାଳ ଦେଇକି ଟଙ୍କା ପଇସା ବି ଘରେ ବସିକି ପଠାଇଦେଇ ଗୋଟେ ଫୋଟୋ ପଠେଇଦେଲେ ତାର ପ୍ରମାଣ ବି ମିଳିଯାଉଛି। ଆଗଭଳି କେହି ଆଉ କାହା ଘରକୁ କୁଣିଆ ହୋଇ ଆସୁନାହାନ୍ତି କି କାହାକୁ ପିଢା ପାଣି ଦେଇ ବସ ବୋଲି ବି କୁହାଯାଉନି। ଫୋନରେ କଥାବାର୍ତ୍ତା, କୁଶଳତା ପଚାରି ବୁଝିବା, ଟଙ୍କା ପଠାଇବା, ଧନ୍ୟବାଦ ବା କୃତଜ୍ଞତା ଜଣାଇବା ସବୁ ଯେମିତି ଯନ୍ତ୍ରବତ ଘଟିଯାଉଛି। ସମ୍ପର୍କ କହିଲେ କେବଳ ଗାଁରେ ସୀମିତ ରହିଯାଉଛି। ପଡିଶା ଘର ପୂଜା ପୁନେଇଁରେ, ସାବିତ୍ରୀ, ଦଶହରା, କୁଆଁରପୁନେଇଁ ହେଲେ ଗାଁରୁ ଗାଡ଼ି ଭଡ଼ା କରି ପହଁଚୁଛନ୍ତି ଭାର ବେଭାର ନେଇକି। କେହି ଦେଖିଲେ ଜାଣିପାରିବେ ଯେ ଆଗକୁ କିଛି ପୁନେଇଁ ପରବ ଆସୁଛି ବୋଲି । ଆଉ କିଛି ଘରେ ଚପଲର ଶବ୍ଦ ବି ଶୁଭୁନି। ଏସବୁ କଥା ସିଲୁ ମନକୁ ଆନ୍ଦୋଳିତ କରୁଥାଏ ବହୁତ। ଅନେକ ସମୟରେ ଭାବେ ଏହି ବିଷୟରେ କିଛି ମୁହଁ ଉଠାଇ କହିବ ବୋଲି ହେଲେ କହିପାରେନାହିଁ କାଳେ ମୋବାଇଲ ସମ୍ପର୍କ କଟିଗଲେ ସୂତାଖିଅର ସମ୍ପର୍କରେ ଭଟ୍ଟା ପଡ଼ିଯିବ ବୋଲି।



ଏଥର କିନ୍ତୁ ତାର ଅଭିମାନୀ ମନ ମାନିଲାନାହିଁ। ସେ ନିଷ୍ପତ୍ତି ନେଲା ଯଦି ମାମୁଁ ମାଇ ଏଥର ନିଜେ ନ ଆସି ଟଙ୍କା ପଠାଇଦେବେ ଫୋନ ପେରେ, ତେବେ ସେ ନୂଆ ଜାମା ମାଆ ତାଙ୍କ ଟଙ୍କାରେ ବଜାରରୁ କିଣିକି ଆଣି ଦେଲେ ବି ପିନ୍ଧିବନାହିଁ କି ପ୍ରଥମାଷ୍ଟମୀ କରିବନାହିଁ କି ଜନ୍ମଦିନରେ ନୂଆ ଜାମା ପିନ୍ଧି ଫୋଟୋ ଉଠାଇ ମାମୁଁ ପାଖକୁ ପଠାଇବନାହିଁ। ସତକୁ ସତ ସେଇୟା ହେଲା। ମାମୁଁଘର ଟଙ୍କା ଫୋନ ପେରେ ପାଇ ମାଆ ଖୁସି ହୋଇ ବଜାରକୁ ଗଲେ ନୂଆ ଜାମା ସଉଦା, ହଳଦୀପତ୍ର ସବୁ କିଣି ଆଣିବାପାଇଁ। ଅଷ୍ଟମୀ ଦିନ ଷଠୀମାଆକୁ ପୂଜା କରିସାରିବା ପରେ ଯେତେବେଳେ ପିଢ଼ାପକାଇ ନୂଆଜାମା ପିନ୍ଧେଇ ବନ୍ଦେଇବାକୁ ଗଲେ ସିଲୁ ସେତେବେଳେ ମନା କରିଦେଲା ନୂଆ ଜାମା ପିନ୍ଧିବାକୁ। ତା ମାଆ କିଣିଥିବା ଫ୍ରକ ମାନଙ୍କ ଭିତରୁ ଗୋଟିଏ ନୂଆ ଫ୍ରକ ବାହାରକରି ପିନ୍ଧିଲା ଆଉ ପିଢ଼ାରେ ଯାଇ ବସିଲା। ତା ମାଆ ଜାଣିପାରିଲେ ତାର ଅଭିମାନ ପଛର କାରଣ କଣ ବୋଲି। କହିଲେ ପାଖରେ ଥିଲେ ବୋଲି ସିନା ମାମୁଁଘର ଆସୁଥିଲେ ଏବେ ତ ଦୂର ହେଲା ବାଟ ତେଣୁ ସେ ଫୋନରେ ଟଙ୍କା ପଠାଇଦେଲେ ସେଥିପାଇଁ ଅଭିମାନ କରିକି ତାଙ୍କ ଟଙ୍କାରେ କିଣିଥିବା ଜାମାପଟା ନ ପିନ୍ଧି ଫୋଟୋ ଉଠାଇ ନ ପଠାଇଲେ ମାମୁଁ ମାଇ ମନ ଖରାପ କରିବେନି ନା ? ସିଲୁ ଉତ୍ତରରେ କହିଲା ମାମା ବର୍ଷକୁ ଥରେ ସବୁ ପର୍ବ ପଡ଼େ ତା ବି ତୁମର ଜ୍ୟେଷ୍ଠ ମାସରେ ସାବିତ୍ରୀ ଆଉ ମୋର ମାର୍ଗଶିର ମାସରେ ପ୍ରଥମାଷ୍ଟମୀ ଆଉ ଜନ୍ମଦିନ। ଯଦି ଏତିକି ଦିନ ବି ମାମୁଁ ମାଇ କି ଅଜା ଆଈର ପାଦ ଝିଅ କି ନାତୁଣୀ ପାଇଁ ପଡ଼ିବନି ତେବେ କଣ ଲାଭ ଏ ଟଙ୍କା ପଠା ଆଉ ଫୋଟୋ ପଠା ସମ୍ପର୍କରେ କହିଲ। ତୁମ ପାଖରେ କଣ ପଇସା ନାହିଁ ନୂଆ ଜାମା କିଣିବାପାଇଁ । ମୁଁ ତ ସମସ୍ତଙ୍କ ଠାରୁ ଶୁଣିଛି ଆଉ ଜାଣିଛି ମାମୁଁଘର ଆସିକି ନୂଆ ଜାମାପଟା ଦେବାକଥା ବୋଲି । ମାମୁଁଘର ପୋଢୁଆଁ ଭାର ଆଣି ଆସନ୍ତି ବୋଲି ମାମୁଁଙ୍କୁ ଅଷ୍ଟମୀ ବନ୍ଧୁ କୁହାଯାଏ। ସାହି ପଡିଶା ସବୁ ଘରେ ମାମୁଁ ଆସି ଗଲେଣି ଅଥଚ ମୋ ମାମୁଁ ଘରକୁ ନ ଆସି ଫୋନ ପେରେ ଟଙ୍କା ପଠାଇଦେଲେ। ଜୀବନରେ ସମ୍ପର୍କ ବଡ଼ ନା ଟଙ୍କା ମା' କୁହ ।

କିଛି କହି ନ ପାରି ନିରବ ରହିଲେ ମା'। କି ଉତ୍ତର ଦେଇ ସିଲୁର ଅଭିମାନୀ ମନକୁ ବୁଝାଇବେ ଜାଣି ପାରିଲେନାହିଁ। ଯଦିବା ଏକଥା ତାର ମାମୁଁ ମାଇ ଜାଣିବେ ସେମାନେ କହିଦେବେ କି ସମୟ ନ ଥିଲା ବୋଲି ହେଲେ ଅଜା ଆଈ ତ ଆସି ପାରିଥାନ୍ତେ ନା ତାଙ୍କ ଝିଅକୁ, ନାତୁଣୀକୁ ଟିକେ ଦେଖିବାକୁ । ସତରେ ସିଲୁ ପରି ତାଙ୍କ ମନ ବି ଅଭିମାନ ରେ ଭାଙ୍ଗିରୁଜି ଯାଉଥିଲା ସେ କେବଳ ସମ୍ପର୍କର ସଂଜ୍ଞା ଖୋଜୁଥିଲେ। ଝିଅ ବାହାହୋଇ ବିଦା ହେଲାବେଳେ ବୁଝାଇଦିଅନ୍ତି କାନ୍ଦେନା ଚୁପ ହୋଇଯା ଝିଅ ଜନମ ପରା ପରଘରକୁ। ଭଲ ମନ୍ଦରେ ଆମେ ତୋ ଘରେ ପାଦ ପକାଇବୁ ନିଶ୍ଚୟ। ସେହି ପଦେ କଥାର ଖିଅ ଖୋଜୁଥାଏ ଝିଅ। ମୋ ପାଇଁ ନ ହେଲେ ବି ନାତୁଣୀ ପାଇଁ ତ ଆସିପାରିଥାନ୍ତେ। ଏହି ସମୟରେ ସିଲୁ ମା'କିଣିଥିବା ଫ୍ରକ ଟିଏ ପିନ୍ଧି ସେଲଫି ଉଠାଉଥିଲା ଆଉ କହୁଥିଲା ମା' ମୁଁ ଏହି ଫୋଟୋଟି ମାମୁଁ ପାଖକୁ ପଠାଇବି ଭଲ ହୋଇଛି ନା । ଏ ଫ୍ରକକୁ ଦେଖିଲେ ମାମୁଁ ନିଶ୍ଚୟ ଅନୁମାନ କରିନେବେ ଯେ ତାଙ୍କ ଭାଣିଜୀ ଅଭିମାନ କରିକି ନୂଆଜାମା ନ ପିନ୍ଧି ତା ମାମା କିଣିଥିବା ଫ୍ରକ ପିନ୍ଧି ପ୍ରଥମାଷ୍ଟମୀ ପାଳିଛି। ମା' ତାକୁ ଚାହିଁଥିଲେ ସେମିତି । କଣ କହି ସିଲୁର ଅଭିମାନୀ ମନକୁ ସାନ୍ତ୍ୱନା ଦେବେ ବୁଝି ପାରୁନଥିଲେ।

+ଗଙ୍ଗନଗର, ଭୁବନେଶ୍ୱର
ମୋ: ୭୯୭୮୧୧୦୪୭୪

## ଗ୍ୟାସ ପାଇପ ଫାଟି ଚିକିତ୍ସିତ ମହିଳା ମୃତ

ଜୟପୁର,୨୩/୧୧ (ନି.ପ୍ର): ଜୟପୁର ସଦରଥାନା ଅନ୍ତର୍ଗତ ହାଟକଙ୍ଗା ଗ୍ରାମରେ ଏକ ହୋଟେଲରେ ଗ୍ୟାସ ପାଇପ ଫାଟି ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ନେଇ ସଦରଥାନାରେ ଅଭିଯୋଗ ହୋଇଛି। ପୁଲିସର ମିଳିଥିବା ସୂଚନା ଅନୁଯାୟୀ ଗତ ୧୬ ତାରିଖରେ ହାଟକଙ୍ଗା ଗ୍ରାମର ରାଜେଶ୍ୱରୀ ବିଷୋୟୀ ଏକ ହୋଟେଲରେ କାମ କରୁଥିବା ସମୟରେ ହଠାତ ଗ୍ୟାସ ପାଇପ ଫାଟି ଯାଇଥିଲା। ଯାହା ଫଳରେ ରାଜେଶ୍ୱରୀଙ୍କୁ ଦେହ ୯୦ ପ୍ରତିଶତ ଜଳିଯାଇଥିଲା। ଉତ୍ତମ ଚିକିତ୍ସା ନିମନ୍ତେ ପ୍ରଥମେ ଜୟପୁର ଜିଲ୍ଲା ଚିକିତ୍ସାଳୟକୁ ନେବା ପରେ ସ୍ୱାସ୍ଥ୍ୟ ଅବସ୍ଥାରେ ସୁଧାର ନ ଆସିବାରୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାକରୁଥିବା ସମୟରେ ମହିଳାଙ୍କ ମୃତ୍ୟୁ ହୋଇଥିଲା। ପରିବାର ବର୍ଗ ମୃତ ଶରୀରକୁ ଜୟପୁର ଆଣିବା ପରେ ସଦରଥାନାରେ ଏକ ମାମଲା ରୁଜୁ କରାଯିବା ସହ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।

## ହୃଦଘାତରେ ଫୁଲବାଣୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଗୁରୁଜୀଙ୍କ ପରଲୋକ

କନ୍ଧମାଳ,୨୩/୧୧ (ନି.ପ୍ର): ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଫୁଲବାଣୀ ର ବରିଷ୍ଠ ଆଚାର୍ଯ୍ୟ ଆନନ୍ଦେଶ୍ୱର ବେହେରା ଗତକାଲି ବିଳମ୍ବିତ ରାତ୍ରୀରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ଫୁଲବାଣୀ ମୁଖ୍ୟ ଡାକ୍ତରଖାନାରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ଆଜି ସକାଳେ ଚିକିତ୍ସାଧୀନ ଅବସ୍ଥାରେ ହୃଦଘାତରେ ତାଙ୍କର ଦେହାନ୍ତ ଘଟିଛି । ମାତ୍ର ୪୩ ବର୍ଷ ବୟସ ତାଙ୍କୁ ହୋଇଥିଲା। ଯାହା ସୂଚନା ରହିଛି ସ୍ୱର୍ଗତ ଆନନ୍ଦେଶ୍ୱରଙ୍କ ଘର ଚକାପାଦ ବ୍ଲକ ଅନ୍ତର୍ଗତ ପସରା ପଂଚାୟତର ବର୍ଡିକିଆ ଗ୍ରାମରେ। ସେ ଆଜକୁ ବହୁ ବର୍ଷ ହେଲା ଫୁଲବାଣୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଆଚାର୍ଯ୍ୟ ଭାବରେ କାର୍ଯ୍ୟ କରି ଆସୁଥିଲେ କ୍ଷ ଗତ କିଛି ଦିନ ତଳେ ତାଙ୍କର ହାର୍ଟ ସର୍ଜରୀ ହୋଇଥିଲା ଏବଂ ଉଚ୍ଚ ରକ୍ତ ଚାପ ଥିବାର ସୂଚନା ସ୍କୁଲ କର୍ତ୍ତୃପକ୍ଷଙ୍କଠାରୁ ଶୁଣିବାକୁ ମିଳୁଛି । ସେ ଜଣେ ସରଳ,ଶାନ୍ତଶିଷ୍ଟ , ପରୋ ପକକ୍ଷରୀ ଓ ମେଳାପୀ ସ୍ୱଭାବର ଥିଲେ । ତାଙ୍କର ବିୟୋଗରେ ସମଗ୍ର ବିଦ୍ୟାଳୟ ସମେତ ଆଚାର୍ଯ୍ୟ/ଆଚାର୍ଯ୍ୟାମାନଙ୍କ ମହଲରେ ଶୋକର ଛାୟା ଖେଳି ଯାଇଛି । ଏଥି ସହିତ ତାଙ୍କ ବିୟୋଗ ରେ ବିଦ୍ୟାଳୟ ପରିଚାଳନା କମିଟି ପରାମର୍ଶରେ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବର ସମାରୋପ କାର୍ଯ୍ୟକ୍ରମକୁ ବନ୍ଦ କରିଦିଆଯାଇଛି । ଆଜି ଖବର ଶୁଣିବା ପରେ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମାଙ୍କ ସମେତ ପ୍ରଧାନ ଆଚାର୍ଯ୍ୟ ରାଜେନ୍ଦ୍ର କୁମାର ପାଢ଼ୀ ଶେଷ ଦର୍ଶନ କରିବା ନିମନ୍ତେ ତାଙ୍କ ନିଜସ୍ୱ ଗ୍ରାମକୁ ଯାଇଥିଲେ । ତାଙ୍କ ବିୟୋଗରେ ପରିଚାଳନା କମିଟି ସଭାପତି ବ୍ରଜବନ୍ଧୁ ମଲ୍ଲିକ ,ସମ୍ପାଦକ ଟି. ଶିବ ଶଙ୍କର ପାତ୍ରଙ୍କ ସମେତ ପରିଚାଳନା କମିଟିର ସମସ୍ତ ସଦସ୍ୟ ଗଭୀର ଦୁଃଖ ପ୍ରକାଶ କରିଥିଲେ।

## ଜଜାଙ୍ଗ ପଡିଆରେ ସାଂସଦ କ୍ରୀଡା ମହୋତ୍ସବ

କେନ୍ଦ୍ରାପଡା,୨୩/୧୧ (ନି.ପ୍ର): ପିଏମଶ୍ରୀ କପାଳେଶ୍ୱର୍ ପଂଚାୟତ ଅଧୀନ ରେ ଥିବା ବିଦ୍ୟାଳୟର ଜୋନ ସ୍ତରୀୟ ସାଂସଦ କ୍ରୀଡା ମହୋତ୍ସବ ଉଦଘାଟନ ହେଇଯାଇଛି । ଏହି କାର୍ୟ୍ୟକ୍ରମ ରେ କେନ୍ଦ୍ରାପଡ଼ା ବିଡ଼ିଓ ଅଭିଷେକ ସ୍ୱାଇଁ , କେନ୍ଦ୍ରାପଡ଼ା ବିଧାନ ସଭା ନେତ୍ରୀ ଗୀତାଞ୍ଜଳି ସେଠୀ,ଜୋନ ୮ ର ମଣ୍ଡଳ ସଭାପତି ବାସୁଦେବ ତ୍ରିପାଠୀ,ଗଗନ ସାହୁ ,କପକେଶ୍ୱର୍ ସରପଂଚଙ୍କ ଉପସ୍ଥିତି ଓ ବିଦ୍ୟାଳୟର ଶିକ୍ଷକ ଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କ୍ରୀଡା ମହୋତ୍ସବକୁ ଉଦଘାଟନ କରିଥିଲେ । ଦୁଇଦିନ ଧରି ଚାଲିବାକୁ ଥିବା ଏଇ କ୍ରୀଡାରେ ବିଭିନ୍ନ ବିଭାଗରେ ଅଂଶ ଗ୍ରହଣ କରିବାକୁ ପଂଚାୟତରୁ ସ୍କୁଲ ର ଶତାଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ ।ଆମ ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନରେ ମାନ୍ୟବର ସାଂସଦଙ୍କ ଅଧୀନରେ ହେଉଥିବା ସାଂସଦ ଖେଳର ଆଭିମୁଖ୍ୟ ସମ୍ବନ୍ଧରେ ଆଲୋଚନା କରିବା ସହ କିପରି ଭାରତର ଯୁବଶକ୍ତିକୁ ସୁସ୍ଥ ଓ ଫିଟ କରିପାରିବ ଓ ସୁସ୍ଥ ଶରୀର କିପରି ବିକଶିତ ଭାରତ ଗଠନରେ ସହାୟକ ହେବ ତାହା ଅତିଥିମାନେ ପିଲାମାନଙ୍କୁ ଦିଗଦର୍ଶନ ଦେଇଥିଲେ । ପ୍ରତିଯୋଗିତା ମନୋଭାବ ନନେଇ ବା ଜିତିବାର ଆଶା ନରଖି ଖେଳ କିପରି ନିଜ ଶରୀରକୁ ନିରୋଗ ରଖିବାରେ ସହାୟକ ହେବ ସେମିତି ବିଷୟରେ ମତ ଦେଇଥିଲେ । ଦୁଇଦିନ ଧରି ଚାଲିବାକୁ ଥିବା କ୍ରୀଡା ମହୋତ୍ସବରେ କବାଡି, ଭଲିବଲ,୧୦୦ମିଟର ରେସ, ୪୦୦ମିଟର ରେସ,ଲଙ୍ଗ ଜମ୍ପ,ହାଇ ଜମ୍ପ,ରିଲେ ରେସ, ସଟ ଦ ଫୁଟ ଖେଳରେ ପିଲାମାନେ ତାଙ୍କ କ୍ରୀଡା ନୈପୁଣ୍ୟ ପ୍ରଦର୍ଶନ କରିଥିଲେ । ଖେଳ ଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । ଜୋନରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶାରୀରିକ ଶିକ୍ଷକମାନେ ଖେଳକୁ ପରିଚାଳନା କରିବା ସହ ବିଦ୍ୟାଳୟର ସମସ୍ତ ଶିକ୍ଷକମାନେ ସହଯୋଗ କରିଥିଲେ । ଏହି କାର୍ୟ୍ୟକ୍ରମ ରେ ଅଂଶୁମାନ ଦାସ, ପ୍ରଭାତ ସ୍ୱାଇଁ, ମନୋରଞ୍ଜନ ସାମଲ,ଶୁ ଭେନ୍ଦୁ ଜେନା, ପୁରୁଷୋତ୍ତମ ଦାସ, କୁମାର ସତ୍ୟଜିତ,ନିରଞ୍ଜନ ବାରିକ, ଜଗବନ୍ଧୁ ପ୍ରଧାନ, ଆଦିତ୍ୟ ଲେଙ୍କା, ନଳିନୀକାନ୍ତ ଜେନା ସ୍ୱରାଜ ମଲ୍ଲିକ, ରବୀନ୍ଦ୍ର ବାରିକ,ଯୋଗ ଦେଇଥିଲେ।

## ଜୁନିଅର ରେଡକ୍ରସ ତରଫରୁ ଏକମ୍ରା ଉଚ୍ଚ ବିଦ୍ୟାଳୟରେ ରକ୍ତଦାନ ଶିବିର

ଜୟପୁର ,୨୩/୧୧ (ନି.ପ୍ର): ଶହୀଦ ଲକ୍ଷ୍ମଣ ନାୟକ ଜୟନ୍ତୀ ପାଳନ ଅବସରେ ସରକାରୀ ଉଚ୍ଚ ବିଦ୍ୟାଳୟ, ଏକମ୍ରାରେ ଜୁନିଅର ରେଡ କ୍ରସ ତରଫରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ୨୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଏକମ୍ରା ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, ଅଧିକାଂଶ ଜୀବନର ପ୍ରଥମ ଥର ଦେଇଥିବା ରକ୍ତଦାତା,ଦମ୍ପତି ରକ୍ତଦାତା ଓ ଅନ୍ୟାନ୍ୟ ସ୍ୱେଚ୍ଛାସେବୀ ରକ୍ତଦାତାମାନେ ରକ୍ତ ଦାନ କରି ଅନ୍ୟର ଜୀବନ ବଂଚେଇବାରେ ସାହାଯ୍ୟର ହାତ ବଢ଼େଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ବି ନଳୀନ କୁମାର ସଭାପତିତ୍ୱ କରିଥିଲେ ।ଜୁନିଅର ରେଡ କ୍ରସ ପରାମର୍ଶଦାତା ଶ୍ରୀଯୁକ୍ତ ମନୋଜ କୁମାର ମିଶ୍ର ବେଦପାଠ କରିବା ସହିତ ସଭା ପରିଚାଳନା କରି ରକ୍ତଦାନ ଶିବିରରେ ସହଯୋଗ କରିଥିଲେ । ମୁଖ୍ୟ ଅତିଥି ଭାବରେ ଏକମ୍ରା ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ( ଓଇ ଏସ୍ - ଓଓ) ଶ୍ରୀମତୀ ଡ଼ଃ ଜ୍ୟୋତ୍ସ୍ନା ମିଶ୍ର ଓ ସମ୍ମାନିତ ଅତିଥି ଭାବରେ ଜୟପୁରର ରକ୍ତ ପ୍ରେରଣା ଦାତା ତଥା ସମାଜ ସେବକ ଶ୍ରୀଯୁକ୍ତ ପ୍ରମୋଦ ରାଉଳ ମହୋଦୟଙ୍କ ସହିତ ସଭ୍ୟ ଲଇଚନ ହରିଜନ ଓ ଅନ୍ୟାନ୍ୟ ସଭ୍ୟସଭ୍ୟା ଯୋଗ ଦେଇଥିଲେ । ଆଲୁମିନୀ ସଦସ୍ୟମାନେ, ଗ୍ରାମବାସୀ, ଅଭିଭାବକ, ଜୁନିଅରମାନେ, ବ୍ଲଡ଼ ବ୍ୟାଙ୍କ ଟିମ ଓ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଉମାରାଣୀ ସାହୁ, ରାଜଲକ୍ଷ୍ମୀ ପ୍ରିୟା ସାମନ୍ତରାୟ, ପ୍ରସନ୍ନ କୁମାର ପାଣିଗ୍ରାହୀ,ବୃନ୍ଦାବତୀ ଖୋରା, ଶୁଭଙ୍କର ଦାଶ ମହୋଦୟମାନେ ବିଶେଷ ଭାବରେ ସହଯୋଗ କରିଥିଲେ ।

## ଡିସେମ୍ବର ୧୯ରେ ରାଜ୍ୟସ୍ତରୀୟ ସତ୍ୟସାଇ କ୍ରିକେଟ୍ ଟୁର୍ଣ୍ଣାମେଂଟ

ଧର୍ମଶାଳା,୨୩/୧୧ (ନି.ପ୍ର): ଯାଜପୁର ବ୍ଲକ ଝାଲପଡା ପଂଚାୟତସ୍ଥ କାକୁଡିକୁଦ-ନୀଳକଣ୍ଠପୁର ସତ୍ୟ ସାଇ କ୍ରିକେଟ୍ ପଡିଆରେ ଡିସେମ୍ବର ମାସ ୧୯ ତାରିଖରେ ରାଜ୍ୟ ସ୍ତରୀୟ ସତ୍ୟ ସାଇ କ୍ରିକେଟ୍ ଟୁର୍ଣ୍ଣାମେଂଟ ଅନୁଷ୍ଠି ହେବ । ଏନେଇ ଆୟୋଜକ ପକ୍ଷରୁ ସୂଚନା ଦିଆଯାଇଛି । ସତ୍ୟ ସାଇ କ୍ରିକେଟ ଆସୋସିଏସନର ସଭାପତି ପ୍ରୀୟନାଥ ରାଉତଙ୍କ ସଭାପିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଂଟରେ ଯାଜପୁର ଇଲେଭେନଷ୍ଟାର ଯାଜପୁର ଟାଉନ,ଏୱାଇପି ପଂଚୁପାଣ୍ଡବ, ବଟ ମଙ୍ଗଳା କ୍ରିକେଟ୍ ଟିମ୍ ଗୋଳକୁଣ୍ଡ,ସତ୍ୟ ସାଇ କ୍ରିକେଟ ଟିମ୍ କାକୁଡିକୁଦ,ଆଦର୍ଶ କ୍ଲବ ବାଲେଶ୍ୱର,ଡିଆରକେ ବାରିପଦା, ଇନ୍ଦୁପୁର କ୍ରିକେଟ୍ କ୍ଲବ କେନ୍ଦ୍ରାପଡା, ୟୁନିକ୍ ଏକାଡେମୀ ଭଦ୍ରକ,ବାପୁଜୀ କ୍ଲବ ଭୁବନେଶ୍ୱର ଓ ସାଇ ଇଲେଭେନ ଭୁବନେଶ୍ୱର ଆଦି ରାଜ୍ୟର ପ୍ରମୁଖ କ୍ରିକେଟ୍ ଟିମ୍ ଯୋଗ ଦେବେ । ଏହି ପ୍ରତିଯୋଗିତା ଡିସେମ୍ବର ୧୯ତାରିଖରୁ ଆରମ୍ଭ ହୋଇ ୨୮ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ । ଏହି ବୈଠକରେ ଆସୋସିଏସନର ସମସ୍ତ କର୍ମକର୍ତା ସାମିଲ ହୋଇଥିଲେ ।

## ବଣ୍ଡା ଘାଟିରେ ଆବାସ ନିର୍ମାଣ ପାଇଁ ରାତିରେ ଗାଁ ବୁଲି ବୁଲି ସଚେତନ କରୁଛନ୍ତି ବ୍ଲକ ପ୍ରଶାସନ

ମାଲକାନଗିରି,୨୩/୧୧ (ନି.ପ୍ର): ଆଦିମ ଜନଜାତି ପାଇଁ ଏବେ ଆବାସ ଚିନ୍ତା । ସରକାରଙ୍କ ଆବାସ ଯୋଜନାରେ ବଢୁନି କାମ । ଘର କରିବାକୁ ମଣୁନାହାନ୍ତି ବଣ୍ଡା ଜନଜାତି । ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ବଣ୍ଡାଘାଟିରେ ଆବାସ ଗୃହ କରିବାକୁ ହିତାଧିକାରୀ ଦିନରେ ରହୁନାହାନ୍ତି ଘରେ । ରାତିରେ ପହଂଚି ସଚେତନତା କରୁଛି ବ୍ଲକର ପ୍ରଶାସନିକ ଦଳ । ସରକାରୀ ଆବାସ କରିବାକୁ ବଣ୍ଡାଙ୍କ ନା'। କୋଠା ଘର କରିବାକୁ ଉଚିତ୍ ମଣୁନାହାନ୍ତି ଆଦିମ ଜନଜାତି ହିତାଧିକାରୀ । ଦିନରେ ରହୁନାହାନ୍ତି ଘରେ । ଏପରି ସ୍ଥିତିରେ ରାତିରେ ପହଂଚି ଘର କରିବାକୁ ସଚେତନ କରୁଛନ୍ତି ପ୍ରାଶାସନିକ ବାବୁ । ରାତିରେ କାହିଁକି ବାବୁମାନେ ପହଁଚୁଛନ୍ତି ବଣ୍ଡା ଲୋକଙ୍କ ଘରେ । କାରଣ ଦିନରେ ଏମାନେ ଚାଷ କାମ ଲାଗି ଯାଆନ୍ତି । ତେଣୁ ରାତିକୁ ବାଛିଛନ୍ତି ଅଧିକାରୀ । ବଣ୍ଡା ଗାଁରେ ପହଂଚିଥିଲେ ବିଡିଓ ଠାରୁ ଆରମ୍ଭ କରି ସହକାରୀ ଯନ୍ତ୍ରୀ, ପିଇଓ, ଏଡିଓ ଏବଂ ଯନ୍ତ୍ରୀ ପ୍ରମୁଖ। ଘାଟି ମଣିଷଙ୍କୁ ଏକାଠି କରି ବୁଝାଇଛନ୍ତି । କାହାକୁ କହୁଛନ୍ତି ଘର କାମ ଆରମ୍ଭ କରନ୍ତୁ, ତ ଆଉ କାହାକୁ ଘର ନିର୍ମାଣ ସାରିବାକୁ ପରାମର୍ଶ ଦେଇଛନ୍ତି । ସପ୍ତାହେ ହେଲା ମୁଦୁଲିପଡ଼ା ଏବଂ ଅଣ୍ଡ୍ରାହଲ ପଂଚାୟତର ବିଭିନ୍ନ ଗାଁ ବୁଲି ସଚେତନ କରୁଛନ୍ତି ପ୍ରାଶାସନିକ ଦଳ। ଅନେକ ତ ଆବାସ ଅର୍ଥ ଅନ୍ୟ ବାଟରେ ଖର୍ଚ୍ଚ କରି ଦେଉଛନ୍ତି । ତେଣୁ ଘର କରିପାରୁନାହାନ୍ତି । ଘାଟିରେ ସରକାରୀ ସ୍ତରରେ ଯୋଗାଇ ଦିଆଯାଇଥିବା ଆବାସ ଘର ତଥ୍ୟ ଉପରେ ଖଇରପୁଟ ବ୍ଲକର ମୁଦୁଲିପଡା ପଂଚାୟତରେ ୫୯୮ ଘର ଅନୁମୋଦନ ହୋଇଛି । ସେଥିରୁ ମାତ୍ର ୩୬ ଘର ସମ୍ପୂର୍ଣ୍ଣ ହୋଇଛି, ୨୫୧ ଘର ଆରମ୍ଭ କରିନାହାନ୍ତି ହିତାଧିକାରୀ । ସେହିପରି ଅଣ୍ଡ୍ରାହଲ ପଂଚାୟତରେ ଅନୁମୋଦିତ ୫୭୦ ଆବାସ ଗୃହ ମଧ୍ୟରୁ ମାତ୍ର ୬୭ ଘର ନିର୍ମାଣ ସରିଛି । ୨୫୬ ଘର ଆରମ୍ଭ କରିନାହାନ୍ତି ବଣ୍ଡା ହିତାଧିକାରୀ । ଘାଟି ଅଂଚଳରେ ଘର ନିର୍ମାଣ ସାମଗ୍ରୀ ନେବାକୁ ଅଧିକ ଗାଡ଼ି ଭଡ଼ା ଏବଂ ଅଧିକ ଦର ମଧ୍ୟ ପକ୍କାଘର ନ କରିବାର ଅନ୍ୟ ଏକ କାରଣ ବୋଲି କହିଛନ୍ତି ସ୍ଥାନୀୟ ବାସିନ୍ଦା। ପ୍ରଶାସନ ଏବେ ବଡ଼ ଚିନ୍ତାରେ । କେମିତି ବୁଝାଇବେ, କେମିତି ଲକ୍ଷ୍ୟ ପୂରଣ କରିବେ । ବଣ୍ଡାଘାଟିରେ କେମିତି ତିଆରି ହେବ ପକ୍କା ଘର। ପାହାଡ଼ ଉପରେ ରହୁଥିବା ଆଦିମ ଜନଜାତିର ଏହି ନିରିହ ଅଧିବାସୀ ଟଙ୍କା ପାଇ ବି ଘର କରୁନଥିବାରୁ ଆଗେଇ ପାରୁନି ଆବାସ ଯୋଜନା। ଆବାସର ନୈରାଶ୍ୟଜନକ ପ୍ରଦର୍ଶନ ଦେଖି ଆଗକୁ ଆସିଛନ୍ତି ପ୍ରାଶାସନିକ ଅଧିକାରୀ। କୌଣସି ଉପାୟ ନପାଇ ଗାଁ ରେ ବୁଲି ବୁଲି ରାତିରେ ସଚେତନ କରାଉଛନ୍ତି। ଏବେ ବଡ ପ୍ରଶ୍ନ ବାବୁମାନେ ବୁଝାଇପାରିବେ ତ ଏଠାକାର ଅଧିବାସୀଙ୍କୁ ।

## ଭଦ୍ରକରେ ରାଜ୍ୟ ତାଇକୋଣ୍ଡୋ ରେଫେରୀ ଶିବିର ଉଦ୍‌ଘାଟିତ

ଭଦ୍ରକ,୨୩/୧୧ (ନି.ପ୍ର): ଭଦ୍ରକ ସ୍ଥିତ କାରମେଲ ସ୍କୁଲ ଅଡ଼ିଟୋରିଅମରେ ରାଜ୍ୟ ତାଇକୋଣ୍ଡୋ ରେଫେରୀ ସେମିନାର୨୦୨୫ ଉଦ୍‌ଘାଟିତ ହୋଇଯାଇଅଛି। ଏହି ସେମିନାରରେ କାରମେଲ ସ୍କୁଲର ଅଧକ୍ଷା ସିଷ୍ଟର ସେମା, ଜ୍ୟୋତି କନଭେଂଟ ସ୍କୁଲର ଅଧକ୍ଷ ଫାଦର ଆଲେକ୍ସ ଅତିଥି ଏବଂ ଦକ୍ଷିଣ କୋରିଆର ଗ୍ରାଣ୍ଡମାଷ୍ଟର ସିଂ ଅଗକୋକ ଦିଅଂଗ ମୁଖଅତିଥି ରୂପେ ଯୋଗଦାନ କରିଥିଲେ। ମାଷ୍ଟର ଦିଅଂଗ ବିଭିନ୍ନ ଜିଲ୍ଲାରୁ ଆସିଥିବା ଶତାଧିକ ରେଫେରୀମାନଙ୍କୁ ତାଇକୋଣ୍ଡୋ କ୍ରିଡ଼ାର ଗୁରୁମନ୍ତ୍ର ପ୍ରଦାନ କରିଥିଲେ। ଏହି ଶିବିର ୨ଦିନ ଧରି ଚାଲିବ ଏହା ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହେବ। ତାଇକୋଣ୍ଡୋ ଆସୋସିଏସନ୍ ଅଫ୍ ଓଡ଼ିଶା (ତାଓ)ର ସାଧାରଣ ସଂପାଦକ ରବିନାରାୟଣ ପାଣିଗ୍ରାହୀ ଏହି ପ୍ରଶିକ୍ଷଣ ଓଡ଼ିଶାର ତାଇକୋଣ୍ଡୋ କ୍ରୀଡା କ୍ଷେତ୍ରରେ ଇତିହାସ ରଚିବ ବୋଲି କହିଥିଲେ। ସହ ସଂପାଦକ ଯୋଗେଶ୍ୱର ମହନ୍ତ, ଉପସଭାପତି ରମେଶ କୁମାର ପ୍ରଧାନ, ବରିଷ୍ଠ ସଦସ୍ୟ ଆଡ଼ଭୋକେଟ ପବନ ଶର୍ମା, ବିଦ୍ୟାଧର ବାରିକ, ଅଜୟ କୁମାର ଧଳ ପ୍ରମୁଖ ଏହି ଶିବିରରେ ଯୋଗଦେଇ ରେଫେରୀ ମାନଙ୍କ ଭୂମିକା, କାର୍ଯ୍ୟଶୈଳୀ ଆଦିର ଅନୁଧ୍ୟାନ ପୂର୍ବକ ପରାମର୍ଶ ପ୍ରଦାନ କରିଥିଲେ। ସିନିୟର ରେଫେରୀ ଅଶୋକ କୁମାର ସାହୁ ପରିଚାଳନାରେ ମାଷ୍ଟର ଦିଅଂଗକୁ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଭଦ୍ରକ ସଂଘର ସଂପାଦକ ଧନେଶ୍ୱର ଜେନା, ଢେଙ୍କାନାଳ ସଂପାଦକ ସୁଧାକର ଜେନା, ବାଲେଶ୍ୱର ଜିଲ୍ଲାର ଆଦ୍ୟାଶା ଦାସ, ଭୁବନେଶ୍ୱରରୁ ବିପନ ସାମଲ ଓ ରାଜେଶ ବିଶ୍ୱାଳ ପୁରୀରୁ ପ୍ରଭୁପାଦ ଖମାରୀ, କାର୍ମେଲ ସ୍କୁଲର ଅଧ୍ୟାପିକା ସଂଘମିତ୍ରା ଦାଶ ପରିଚାଳନାରେ ସହଯୋଗ କରିଥିଲେ। ଏହି ସେମିନାରରେ ଉତୀର୍ଣ୍ଣ ରେଫେରୀମାନେ ଆସନ୍ତା ଡିସେମ୍ବର ମାସ ୨୭ ଓ ୨୮ ତାରିଖ ଦୁଇଦିନ ଧରି ହେବାକୁ ଥିବା ରାଜ୍ୟ ତାଇକୋଣ୍ଡୋ ଚମ୍ପିଆନସିପ୍‌କୁ ପରିଚାଳନା କରିବେ। ଏହି ଚମ୍ପିଆନସିପ ଭଦ୍ରକ ସ୍ଥିତ ମହାରାଜା ଅଗ୍ରସେନ ଭବନରେ ହେବ ବୋଲି ସଂପାଦକ ପାଣିଗ୍ରାହୀ ସୂଚନା ଦେଇଥିଲେ। ଏହି ଚାମ୍ପିଆନସିପରେ ଭାରତର ତାଇକୋଣ୍ଡୋର ଜନକ ତଥା ତାଇକୋଣ୍ଡୋ ଫେଡେରେସନ ଅଫ୍ ଇଣ୍ଡିଆର ପ୍ରତିଷ୍ଠାତା ଡ. ଗ୍ରାଣ୍ଡମାଷ୍ଟର ଜିମି ଆର ଜାଗତିଆନି ଯୋଗ ଦେବେ ବୋଲି ଶ୍ରୀଯୁକ୍ତ ପାଣିଗ୍ରାହୀ ସୂଚନା ଦେଇଥିଲେ। ଜିଲ୍ଲାର ସମସ୍ତ ସଂପାଦକଙ୍କୁ ଏହି ସେମିନାରର ସଫଳତା ପାଇଁ ଧନ୍ୟବାଦ ପ୍ରଦାନ କରାଯାଇଥିଲା।

## ବିକ୍ରମ ଦେବ ବିଶ୍ୱବିଦ୍ୟାଳୟରେ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ

ଜୟପୁର ,୨୩/୧୧ (ନି.ପ୍ର): ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପରିସରରେ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। କୁଳପତୀ ପ୍ରଫେସର ଦେବୀ ପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୁଳସଚିବ ମହେଶ୍ୱର ନାୟକ, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ଡ.ପ୍ରଶାନ୍ତ କୁମାର ପାତ୍ର ଉପସ୍ଥିତ ଥିଲେ। ମୁଖ୍ୟ ବକ୍ତା ଭାବେ ଗବେଷକ ତଥା ବିଶିଷ୍ଟ ଆଲୋଚକ ଡ. ବିଜୟ କୁମାର ମିଶ୍ର ଯୋଗଦେଇ ଓଡିଶା ସ୍ୱାଧିନତା ସଂଗ୍ରାମର ବହୁ ଅନାଲୋଚିତ ଅଧ୍ୟାୟ ସଂପର୍କରେ ଆଲୋକପାତ କରିବା ସହ ଲକ୍ଷ୍ମଣ ନାୟକଙ୍କ ଭୁମିକା ବିଷୟରେ ଆଲୋଚନା କରିଥିଲେ।

## ୧୭ ବର୍ଷରୁ କମ୍ ବାଳକ ବିଭାଗ ବିଭାଗର କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ

କେନ୍ଦୁଝର,୨୩/୧୧ (ନି.ପ୍ର): ଘସିପୁରା ବ୍ଲକ ଅନ୍ତର୍ଗତ ପୁରୁଣାବାନ୍ଧଗୋଡ଼ା ସ୍ଥିତ ବଳରାମ ଧୀର ସରକାରୀ ଉଚ୍ଚ ବିଦ୍ୟାଳୟରେ ଘସିପୁରା ମଣ୍ଡଳ ସ୍ତରୀୟ ୧୭ ବର୍ଷରୁ କମ ବାଳକ ବିଭାଗ ବିଭାଗର କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ନିର୍ମଳ ଚନ୍ଦ୍ର ମହାପାତ୍ର ସଭାପତିତ୍ୱ କରି ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ମୁଖ୍ୟ ଅତିଥିଭାବେ ବିଦ୍ୟାଳୟର ଚେୟାରମ୍ୟାନ ଦେବବ୍ରତ ପଟ୍ଟନାୟକ ଯୋଗଦେଇ ଆନୁଷ୍ଠାନିକ ଆନୁଷ୍ଠାନି ଭାବେ ପତାକା ଉତ୍ତୋଳନ କରି ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ଏହି ସଭାରେ ସମ୍ମାନିତ ଅତିଥିଭାବେ କ୍ର ବେ କ୍ରୀଡା ସମ୍ପାଦକ ବିଜୟ କୁମାର ସାହୁ, ପ୍ରଭାସିନୀ ଷଡ଼ଙ୍ଗୀ ଯୋଗଦେଇଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ନାରାୟଣ ଦାସ ସଭାର ସଂଯୋଜନା କରିଥିବା ବେଳେ ଶିକ୍ଷକ ଅତୀଶ କୁମାର ଜେନା, ଶୁଭ୍ର ଜ୍ୟୋତି ଧୀର, ବିଶ୍ୱଜିତ ଖୁଣ୍ଟିଆ,ଳ ଥା,ଲକ୍ଷ୍ମୀପ୍ରିୟା ସାହୁ, ବାସନ୍ତୀ ରଣା, ଲକ୍ଷ୍ମୀଧର ରାଉତ ସହଯୋଗ କରିଥିଲେ। ଅଳତୀ, ସାଇଁକୁଳ, ବଳରାମପୁର ଓ ପୁର ଓ କୁଶଳେଶ୍ୱର ଜୋନରୁ ସତୁରି ଜଣ ପ୍ରତିଯୋଗୀ ଭାଗନେଇଥିଲେ। କ୍ରୀଡା ଶିକ୍ଷକ ସୁରେଶ କୁମାର ଭୂୟାଁ ଙ୍କ ତତ୍ୱାବଧାନରେ ପ୍ରକାଶ ବିଶ୍ୱାଳ, ବରଦା ପ୍ରସନ୍ନ ଖୁଣ୍ଟିଆ, ମିନହରୀ ପେରେଇ, ରାଜେଶ ଘଡେଇ, ବିଭୁ ପ୍ରସାଦ ମହାନ୍ତି, ପ୍ରତ୍ୟୁଷ ମହାନ୍ତି ବିଚାରକ ଭାବେ ଯୋଗ ଦେଇ ଥିଲେ। ଉମାଶଙ୍କର ରାଉତରାୟ, ରଞ୍ଜନ ବେହେରା, ଶୁଚିସ୍ମିତା ମହାନ୍ତି ଓ ଧର୍ମପ୍ରିୟା ବେହେରା ପ୍ରମୁଖ ଖେଳ ପରିଚାଳନା କରିଥିଲେ।

## ତୁଳସୀକ୍ଷେତ୍ର କଳାକାର ସଙ୍ଘ ଜିଲ୍ଲାସ୍ତରୀୟ ମହୋତ୍ସବ

କେନ୍ଦ୍ରାପଡା,୨୩/୧୧ (ନି.ପ୍ର): ତୁଳସୀକ୍ଷେତ୍ର କଳାକାର ସଙ୍ଘର ଜିଲ୍ଲା ସ୍ତରୀୟ ମହୋତ୍ସବ ଶ୍ୟାମସୁନ୍ଦରପୁର ନିକଟସ୍ଥ ଏକ ମଣ୍ଡପରେ ଉଦଘାଟିତ ହୋଇଯାଇଛି । ଏହି ଉପଲକ୍ଷେ ତୁଳସୀକ୍ଷେତ୍ର କଳାକାର ସଙ୍ଘ ସଭାପତି କେଦାର ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଜିଲ୍ଲାପାଳ ରଘୁରାମ ଆର. ଆୟାର ଉଦଘାଟକ ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବକୁ ଉଦଘାଟନ କରି କେନ୍ଦ୍ରାପଡା ମାଟି ହେଉଛି କଳା, ସଂସ୍କୃତି ଓ ଐତିହ୍ୟ ସମ୍ପନ୍ନ ମାଟି । ଏଠାରେ ବହୁ ପ୍ରତିଷ୍ଠିତ ସାହିତ୍ୟ, କଳାକାର ଓ ବିଦ୍ୱାନ ଜନ୍ମନେଇ ଏମାଟିକୁ ଋଦ୍ଧିମନ୍ତ କରିଛନ୍ତି ବୋଲି କହିଥିଲେ । ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସ୍ତମ୍ଭକାର ତଥା ସାମ୍ବାଦିକ ଶ୍ରୀରାମ ଦାଶ ଯୋଗଦେଇ କେନ୍ଦ୍ରାପଡାର କଳାକାର, ସଂଗୀତକାର, ସାହିତ୍ୟିକ ଓ ବୁଦ୍ଧିଜୀବି ସର୍ବଦା ରାଜ୍ୟ, ଦେଶ ଓ ବିଦେଶରେ ସୁନାମ ଅର୍ଜନ କରି ଏମାଟିକୁ ଗୌରବାନ୍ୱିତ କରି ଆସିଛନ୍ତି । ଅକ୍ଷୟ ମହାନ୍ତିଙ୍କ ଠାରୁ ଆରମ୍ଭ କରି ବିଜୟ ମହାନ୍ତି, ଭିକାରୀ ବଳ, ନିମାଇଁ ହରିଚନ୍ଦନ ପ୍ରଭୃତି ପ୍ରତ୍ୟେକ ନିଜ ନିଜ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇ କେନ୍ଦ୍ରାପଡାକୁ ସମୃଦ୍ଧ କରିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ ବିଜେପି ରାଜ୍ୟ ପ୍ରବକ୍ତା ଉମାକାନ୍ତ ପଟ୍ଟନାୟକ ଯୋଗଦେଇ କେନ୍ଦ୍ରାପଡାରେ ଏଭଳି କଳାକାର ମହୋତ୍ସବର ଆୟୋଜନ ଦ୍ୱାରା ଏହି ଜିଲ୍ଲାର କଳାକାରମାନେ ଆହୁରି ଆଗକୁ ଯାଇ ଆମ ଜିଲ୍ଲାର ଗୌରବ ବୃଦ୍ଧି କରିବେ ବୋଲି ମତବ୍ୟକ୍ତ କରିଥିଲେ । କାର୍ଯ୍ୟକାରୀ ସଭାପତି ଗଗନବିହାରୀ ସିଂହ ମହୋତ୍ସବର ଉଦେଶ୍ୟ ଜ୍ଞାପନ କରିଥିଲେ । ସଭାପତି ଶ୍ରୀ ସାମନ୍ତରାୟ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦକ ବିଧୁଭୂଷଣ ତ୍ରିପାଠୀ ବିବରଣୀ ପାଠ ଓ ଉପସଭାପତି ସବିତା ବରଜ ଧନ୍ୟବାଦେ ଅର୍ପଣ କରିଥିଲେ । ୨ୟ ଦିବସରେ ସସ୍ମିତା ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଡ଼ଃ ରବିନାରାୟଣ ପଣ୍ଡା ସମ୍ମାନିତ ଅତିଥି ଓ ନାରାୟଣ ମହାରଣା ମୁଖ୍ୟବକ୍ତା, ସଂସ୍କୃତ ଉପଦେଷ୍ଟା ମହେଶ ପାଢୀ, ଉପ ସଭାପତି ନିରଂଜନ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । କଳାକାର ସଂଘର ୭୨ଟି ଦଳ ଏଥିରେ ଯୋଗ ଦେଇଥିଲେ ।

## କୃଷ ଉଦ୍ୟାନ ନିର୍ଦ୍ଦେଶକଙ୍କ ଆଳୁ କ୍ଷେତ ପରିଦର୍ଶନ

ଧର୍ମଶାଳା,୨୩/୧୧ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକରେ ଆଳୁ ଫସଲ ପ୍ରତି ଚାଷୀମାନଙ୍କୁ ଆକୃଷ୍ଟ କରିବା ପାଇଁ ଆଜି କୃଷି ଉଦ୍ୟାନ ବିଭାଗର ନିର୍ଦ୍ଦେଶକ କ୍ଷେତ୍ର ପରିଦର୍ଶନ କରି ସରକାରୀ ଅଳୁ ବିହନ ବ୍ୟବହାର କରିବାକୁ ଚଷୀମାନଙ୍କୁ ପରମର୍ଶ ଦେଇଛନ୍ତି । ଧର୍ମଶାଳା ବ୍ଲକର ଚୋରମୁହାଁ, ଭବାନିପୁର , ଜାରକା, ଚହଟା, ଗଙ୍ଗାଧରପୁର, ଦେଓଦା, କାଏମା, ଉତରପ୍ରତାପ, ଅଭୟପୁର, ପାଟପୁର, ମିର୍ଜାପୁର, ମର୍ଯ୍ୟଦାପୁର, ରେଖିଦେଇପୁର, , ମଧୁସୁଧନପୁର, ଜେନାପୁର, କବାଟବନ୍ଧ,ବୃନ୍ଦାଦେଇପୁର ଆଦି ପଂଚାୟତ ଗୁଡିକରେ ଚଳିତ ବର୍ଷ ୧୫୦ ହେକ୍ଟର ଜମିରେ ଆଳୁ ଉତ୍ପାଦନ ପାଇଁ ଧର୍ମଶାଳା କୃଷି ଉଦ୍ୟାନ ବିଭାଗ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି । ସୂଚନା ଅନୁଯାୟୀ ସରକାରଙ୍କ ତରଫରୁ ଚାଷୀ ମାନଙ୍କ ପାଇଁ ଆଳୁ ବିହନ କିଲୋ ପ୍ରତି ୨୦ ଟଙ୍କାରେ ମୂଲ୍ୟରେ କ୍ରୟ କରିପାରିବେ,ପରେ ସବସିଡି ବାବଦକୁ ଚାଷୀ ମାନଙ୍କ ବ୍ୟାଙ୍କ୍ ଖାତାକୁ କିଲୋ ପ୍ରତି ୧୦ ଟଙ୍କା ଫେରିଆସିବା ଜଣେ ଚାଷୀ ୧ ହେକ୍ଟର ପାଇଁ ସର୍ବନିମ୍ନ ଦେଢ଼ କୁଇଁଟାଲ୍ ଓ ସର୍ବୋଚ୍ଚ ତିନି କୁଇଇଟାଲ ବିହନ କିଣିଲେ ୫୦ ପ୍ରତିଶତ ସବସିଡି ପାଇବେ,ଚାଷୀ ମାନଙ୍କୁ ପ୍ରୋତ୍ସାହନ ଦେବା ପାଇଁ ଉଦ୍ୟାନ କୃଷି ନିର୍ଦ୍ଦେଶକ ଶ୍ରୀ କାଲୁଙ୍ଗେ ଗୋରଖ ଓମାନ୍, ସହକାରୀ କୃଷି ନିର୍ଦ୍ଦେଶକ ରାଧେଶ୍ୟାମ ବେହେରା,ସହକାରୀ କୃଷି ଅଧିକାରୀ ଶୁଭଶ୍ରୀ ଶୁଭ ଦର୍ଶନୀ, ସମ୍ପ୍ରସାରଣ କର୍ମଚାରୀ ସୌମ୍ୟରଞ୍ଜନ କର, ନାରଦ କୁମାର ହେମ୍ବ୍ରସ ପ୍ରମୁଖ ବିଭିନ୍ନ ସ୍ଥାନକୁ ଯାଇ କ୍ଷେତ୍ର ପରିଦର୍ଶନ କରିବା ସହିତ ଚାଷୀମାନଙ୍କୁ ସରକାରୀ ନିୟମ ସମ୍ପର୍କରେ ଅବଗତ କରିଥିଲେ ।

## ବାଇଜାପଡ଼ା ଗ୍ରାମ ତଳ ସାହିର ଜନସାଧାରଣ ବିଶୁଦ୍ଧ ପାନୀୟ ଜଳରୁ ବଂଚିତ

କେନ୍ଦୁଝର,୨୩/୧୧ (ନି.ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ବକ୍ସିବାରିଗାଁ ଗ୍ରାମ ପଂଚାୟତ ବାଇଜାପଡ଼ା ଗ୍ରାମ ତଳ ସାହି (ଠାକୁରାଣ ଶାଳ) ପାଖରେ ଥିବା ନଳକୂପଟି ଦୁଇମାସରୁ ଉର୍ଦ୍ଧ୍ୱ ହେବ ସଂପୂର୍ଣ୍ଣ ଭାବେ ଅଚଳ ଅବସ୍ଥାରେ ପଡ଼ିରହିଛି। ଏହା ଦ୍ୱାରା ତଳ ସାହିରେ ବସବାସ କରି ରହିଥିବା ପରିବାର ଲୋକେ ମୁନ୍ଦାଏ ପାଣି ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ ବାଇଜାପଡ଼ା ଗ୍ରାମ ତଳ ସାହିର ଜନସାଧାରଣ ହରିଚନ୍ଦନପୁର ବ୍ଲକ ଅଧୀନରେ କାର୍ଯ୍ୟରତ ଥିବା ଆର.ଡବ୍ଲୁ.ଏସ୍. ଏସ୍ କନିଷ୍ଠ ଯନ୍ତ୍ରୀଙ୍କୁ ବାରମ୍ବାର ଫୋନ୍ କରି ଜଣାଇବା ପାଇଁ ବହୁ ଚେଷ୍ଟା ସତ୍ତ୍ୱେ ମଧ୍ୟ କନିଷ୍ଠ ଯନ୍ତ୍ରୀ ଫୋନ୍ ରିସିଭ୍ କରୁନଥିବା ଗ୍ରାମବାସୀ ଓ ଅଭିଯୋଗ କରିଛନ୍ତି। ବିଶୁଦ୍ଧ ପାନୀୟ ଜଳରୁ ବଂଚିତ ହେଉଛନ୍ତି ଏକ ସହରୁ ଉର୍ଦ୍ଧ୍ୱ ପରିବାର ଜାହାପାଇଁ ତାଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ଏହାକୁ ଯଥା ଶୀଘ୍ର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୃଷ୍ଟି ଦେଇ ବାଇଜାପଡ଼ା ତଳ ସାହିବାସୀଙ୍କୁ ପାନୀୟ ଜଳ ଯୋଗାଣ ଦେବା ପାଇଁ ବିଶୁଦ୍ଧ ସାଧାରଣରେ ଦାବି ହୋଇଛି।

## ସହୀଦ ଲକ୍ଷ୍ମଣ ନାୟକ ଡେଭଲପମେଣ୍ଟ ସୋସାଇଟି ପକ୍ଷରୁ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ ପାଳିତ

ମାଲକାନଗିରି,୨୩/୧୧ (ନି.ପ୍ର): ମାଲକାନଗିରି ଜିଲ୍ଲା ସହିଦ ଲକ୍ଷ୍ମଣ ନାୟକ ଡେଭଲପମେଣ୍ଟ ସୋସାଇଟି ପକ୍ଷରୁ ଦକ୍ଷତା ବିକାଶ କେନ୍ଦ୍ର ପରିସରରେ ସହିଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ ପାଳନ କରାଯାଇଛି। ଏହି ଅବସରରେ ସହିଦ ଲକ୍ଷ୍ମଣ ନାୟକ ଡେଭଲପମେଣ୍ଟ ସୋସାଇଟିର ପରିଚାଳକ ଭାସ୍କର ବେହେରା ଅଧକ୍ଷତା କରିଥିବା ବେଳେ ମାଲକାନଗିରି ବିଧାୟକ ନରସିଂହ ମାଡକାମି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ଅନ୍ୟତମ ଅତିଥି ଭାବେ ଜିଲ୍ଲା ନିୟୋଜନ ଅଧିକାରୀ ଗୁପ୍ତ ମାଢି, ବରିଷ୍ଠ ସାମ୍ବାଦିକ ଗୋପୀ କୃଷ୍ଣ ପଟ୍ଟନାୟକ, ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ ସଭାପତି ତଥା ସାମ୍ବାଦିକ ଅଶୋକ ମିଶ୍ର ମଞ୍ଚାସୀନ ଥିଲେ। ଏହି ଅବସରରେ ଅତିଥି ମାନେ ସହୀଦଙ୍କ ତୈଳ ଚିତ୍ରରେ ମାଲ୍ୟାର୍ପଣ ଓ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପରେ ଦକ୍ଷତା ବିକାଶ ତାଲିମ କେନ୍ଦ୍ରର ଛାତ୍ରୀ ମାନେ ବନ୍ଦେ ଉତ୍କଳ ଜନନୀ ଗାନ ପରିବେଷଣ କରିଥିଲେ। ସ୍ୱାଧୀନତା ସଂଗ୍ରାମର ପ୍ରତ୍ୟେକ ପର୍ଯ୍ୟାୟରେ ଓଡ଼ିଶାର ଆଦିବାସୀ ସମାଜ ସମସ୍ତ ପ୍ରତିବନ୍ଧକକୁ ଅତିକ୍ରମ କରି ସେମାନଙ୍କର ଦେଶପ୍ରେମ, ଜାତୀୟତାବୋଧ ଓ ସ୍ୱାଭିମାନର ପରିଚୟ ଦେବାକୁ କେବେ ଭୁଲି ନାହାନ୍ତି। କୋରାପୁଟ ଜିଲ୍ଲାରେ ଭାରତଛାଡ ଆନ୍ଦୋଳନର ନେତୃତ୍ୱ ନେଇଥିବା ଆଦିବାସୀ ବୀର ଲକ୍ଷ୍ମଣ ନାୟକଙ୍କ ଅସାଧାରଣ ଦେଶପ୍ରେମ, ଅଦମ୍ୟ ସାହସ ଓ ନିର୍ଭୀକ ସଂଗ୍ରାମୀ ଜୀବନ ଓ ଅସୀମ ତ୍ୟାଗ ଏ ଜାତି ପାଇଁ ଗର୍ବ ଓ ଗୌରବର ବିଷୟ। ଲକ୍ଷ୍ମଣ ନାୟକ ଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ପ୍ରତ୍ୟେକ ଦିନ ତାଙ୍କୁ ଭକ୍ତି ଓ ନତମସ୍ତକ କରିବାକୁ ଯୁବ ପିଢୀଙ୍କୁ ଅତିଥି ମାନେ ଆହ୍ୱାନ ଦେଇଥିଲେ। ସେହିପରି ଜିଲ୍ଲାରେ ସହିଦ ଲକ୍ଷ୍ମଣ ନାୟକଙ୍କ ପୂର୍ଣ୍ଣ ପ୍ରତିମୂର୍ତ୍ତି ନିର୍ମାଣ କରିବା ସହ ଅନ୍ୟ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ନିର୍ମାଣ ଦିଗରେ ବିଧାୟକ ପଦକ୍ଷେପ ନେବେ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ବିଧାୟକଙ୍କ ପ୍ରତିନିଧି ନିହାର ରାୟ, ସାଂସଦ ପ୍ରତିନିଧି ବିଜୟ ମହାରଣା, ଦକ୍ଷତା ବିକାଶ କେନ୍ଦ୍ରର ୫୦ରୁ ଉର୍ଦ୍ଧ୍ୱ ଛାତ୍ରୀ, କର୍ମଚାରୀ, ପରିଚାଳକ ଦେବଦତ୍ତ ବେହେରା, ସମାଜସେବୀ ରାହୁଲ ନାୟକ, ପିଣ୍ଟୁ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

# ମୋନା ପକ୍ଷରୁ ନବକୃଷ୍ଣ ଚୌଧୁରୀଙ୍କର ଜୟନ୍ତୀ ପାଳିତ

## ପରିବାରକୁ ନିଶାମୁକ୍ତ କରିବା ପାଇଁ ମୋନାର ଆହ୍ୱାନ




ବାଲିଆପାଳ, ୨୩/୧୧ (ନି.ପ୍ର): ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ମୋନା ପକ୍ଷରୁ ରବିବାର ଅପରାହ୍ନରେ ବାଲିଆପାଳ ବ୍ଲକ ବାଲିକୁଟି ପଞ୍ଚାୟତ ଅଫିସ୍ ସଭାଗୃହରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କର ୧୨୫ ତମ ଜନ୍ମ ଜୟନ୍ତୀ ପାଳନ ଅବସରରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୋନାର ରାଜ୍ୟ ସଂଯୋଜକା ତପସ୍ୱିନି କର ଙ୍କର ଅଧକ୍ଷତାରେ ଆୟୋଜିତ ସଭାରେ ଅତିଥି ଭାବେ ବାଲିକୁଟି ସରପଞ୍ଚ ଯଶୋଦା ମଣି ଧଳ, ବରିଷ୍ଠ ସାମ୍ବାଦିକ ରବିରଞ୍ଜନ ତ୍ରିପାଠୀ,ମିଳିତ ଓଡ଼ିଶା ନିଶା ନିବାରଣର ଜିଲ୍ଲା ସଂମ୍ପାଦକ ପିତାମ୍ବର ଭୂୟାଁ , ସଭାନେତ୍ରୀ ବ୍ରିଜେଶ୍ୱରୀ ପାଳ ପ୍ରମୁଖ ଯୋଗଦେଇ ଗ୍ରାମାଞ୍ଚଳରୁ ନିଶାମୁକ୍ତ କରିବା ପାଇଁ ପ୍ରତ୍ୟେକ ପରିବାରରୁ ସ୍ୱର ଉଠାଇବା ଏବଂ ଚୋରା ମଦକୁ ବିରୋଧ କରିବା,ନିଜ ପରିବାରକୁ ନିଶା ମୁକ୍ତ କରିବା, ରାଜସ୍ୱ ନାଁରେ ସରକାର ମଦକୁ ପ୍ରୋତ୍ସାହନ ଯୋଗାଇବା ପରି ପ୍ରସଙ୍ଗ ଉପରେ ମତବ୍ୟକ୍ତ କରିଥିଲେ। ଏହା ବ୍ୟତିତ ସରକାର ମଦ ମୁକ୍ତ ଓଡିଶା ଗଠନ ଦିଗରେ ନିଶାର ମୂଳ ଉତ୍ପାଟନ କରି ଖଣିଜ ପଦାର୍ଥ ଉପରେ ଅଧିକ ରୋୟାଲଟି ଲଗାଇ ରାଜସ୍ୱକୁ ବୃଦ୍ଧି କରିବା ପାଇଁ ଆହ୍ୱାନ ଦେଇଥିଲେ। ସ୍ୱର୍ଗତ ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ଚୌଧୁରୀ ନିଶା ମୁକ୍ତ ଓଡିଶା ଗଠନ ପାଇଁ ଆହ୍ୱାନ ଦେଇଥିଲେ ମାତ୍ର ଆଜି ପର୍ଯ୍ୟନ୍ତ ସେହି କଥାଟିକୁ ସରକାର କାର୍ଯ୍ୟକାରୀ କରୁନଥିବାରୁ ମୋନା ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଥିଲା।

## ପାଣିକୋଇଲି ସତ୍ୟସାଇ ଭଜନ ମଣ୍ଡଳୀ ପକ୍ଷରୁ ୧୦୦ତମ ଜୟନ୍ତୀ ଉତ୍ସବ

କୋରେଇ, ୨୩/୧୧ (ନି.ପ୍ର): ପାଣିକୋଇଲି ସତ୍ୟସାଇ ଭଜନ ମଣ୍ଡଳୀ ପକ୍ଷରୁ ଓଟିନ୍ଦା ରୋଡରେ ଥିବା ସାଇ ମନ୍ଦିର ପରିସରରେ ୧୦୦ତମ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରାତଃରୁ ଓମକାରମ, ସୁପ୍ରଭାତମ, ନଗର ସଙ୍କୀର୍ତନମ, ପରେ ଷୋଡଶ ଉପଚାର ପୂଜା, ଲକ୍ଷାର୍ଚ୍ଚନା, ଚତୁର୍ଥ ସଙ୍କଳ୍ପିତ ଭଜନ ଓ ବାଳ ବିକାଶ ପିଲାମାନଙ୍କ ଦ୍ୱାରା ସଂଗୀତ ନୃତ କରାଯାଇଥିଲା । ସମସ୍ତଙ୍କୁ ଭଲପାଅ, ସମସ୍ତଙ୍କର ସେବା କର ଶିକ୍ଷାବିତ୍ ତୁହିୟାଂଶୁ ରଥଙ୍କ ଦ୍ୱାରା ଆଧାତ୍ମିକ ଆଲୋଚନା କରାଯାଇଥିଲା । ଶ୍ରୀ ସତ୍ୟସାଇ ସଂଗଠନରେ ଯୁବକ ଓ ଯୁବତୀ ମାନଙ୍କ ଭୂମିକା ଶୀର୍ଷକ ଆଲୋଚନାଚକ୍ର କାର୍ତିକ ଚନ୍ଦ୍ର ସ୍ୱାଇଁଙ୍କ ଦ୍ୱାରା କରାଯାଇଥିଲା । ବାଳ ବିକାଶ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ନାଟକ ମା ପରି କିଏ ହେବ ପରିବେଷଣ କରାଯାଇଥିବା ବେଳେ ସୁକାନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ମଙ୍ଗଳ ଆରତୀ ସହ ସମୂହ ପ୍ରସାଦ ସେବନ କରାଯାଇଥିଲା । ସନ୍ଧ୍ୟାରେ ମଙ୍ଗଳ ଆଳତୀ କରାଯାଇ କାର୍ଯ୍ୟକ୍ରମ ସମାପନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଲତିକା ପୃଷ୍ଟି, ସୁରେନ୍ଦ୍ର ସେଠୀ, ବିଦ୍ୟାଧର ଦାସ, ନରୋତମ ଓଝା, ଧର୍ମାନନ୍ଦ ସାହୁ, ସୁକାନ୍ତ ସାହୁ, ସନ୍ତୋଷ ମହାକୁଡ, ସୁଧାଂଶୁ ବାରିକଙ୍କ ସମତେ ପାଣିକୋଇଲି ସାଇ ଭଜନ ମଣ୍ଡଳୀର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ପୂର୍ବ ସରକାରରେ ରାଜ କରୁଥିବା ବାଲି ମାଫିଆମାନେ ସରକାରୀ ଦଳକୁ ଆସିବା ପାଇଁ ପ୍ରସ୍ତୁତି ଚାଲିଛି

ବସ୍ତା, ୨୩/୧୧ (ନି.ପ୍ର): ୨୪ ବର୍ଷ ପରେ ସରକାର ବଦଳିଛି ସତ କିନ୍ତୁ ପୂର୍ବ ସରକାରରେ ସୁବର୍ଣ୍ଣରେଖାରୁ ବାଲି ଚୋରି କରି ବାଲି ମାଫିଆ ମାନେ ସରକାରଙ୍କ ରାଜସ୍ୱ ଲୋଟ କରି ନିଜର ପୁଞ୍ଜି ବଢ଼ାଉଥିଲେ । ସେହି ମାଫିଆ ମାନଙ୍କ ଭିତରୁ କିଛି ଜଣ ଦଳ ପରିବର୍ତନ କରି ଏବେ ଶାସକ ଦଳରେ ରାଜ କରୁଛନ୍ତି ସତ କିନ୍ତୁ ଯେଉଁ ବାଲି ମାଫିଆ ମାନେ ବିରୋଧୀ ଦଳରେ ଅଛନ୍ତି ସେମାନେ ଏବେ ଶାସକ ଦଳକୁ ଆସିବାର ଚେଷ୍ଟା କରୁଛନ୍ତି ବୋଲି




ଶୁଣିବାକୁ ମିଳୁଛି । ବିଶେଷ ସୂତ୍ରରୁ ପ୍ରକାଶ କିଛି ଦିନ ଭିତରେ ବିଜେପିର ଏକ ମିଶ୍ରଣ ପର୍ବ ହେବାର ପ୍ରସ୍ତୁତି ଚାଲିଛି ସେହି ବାଲି ମାଫିଆ ମାନେ ବିଜେପିକୁ ଆସିଲେ ସରକାରୀ ଦଳରେ ରହି ବାଲିଆପାଳ ରେ ବାଲି ହରିଲୋଟ କରି ମାଲାମାଲ ହେବାର ସ୍ୱପ୍ନ ଦେଖୁଛନ୍ତି । ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଭୂମିକା କଣ ରହୁଛି ଦେଖିବାକୁ ବାକି ରହିଲା ।

# ବଡ଼ସାହି ସରକାରୀ ଉଚ୍ଚ ବିଦ୍ୟାଳୟରେ ୭୭ତମ ଏନସିସି ଦିବସ ପାଳିତ

ବଡ଼ସାହି , ୨୩/୧୧ (ନି.ପ୍ର): ପ୍ରତିବର୍ଷ ନଭେମ୍ବର ଚ଼ତୁର୍ଥ ରବିବାର ଭାରତରେ ଏନ୍ ?ସିସି ନିବର ପାଳିତ ହେଉଥିବା ବେଳେ ସ୍ଥାନୀୟ ବଡ଼ସାହି ସରକାରୀ ଉଚ୍ଚ ବିଦ୍ୟାଳୟରେ ୨୭ତମ ଏନସିସି ଦିବସ ମହାସମାରୋହରେ ପାଳିତ ହୋଇ ଯାଇଛି । କାର୍ଯ୍ୟକ୍ରମକୁ ଏନ୍‌ସିସି ଆଫିସର ଦେବାଶିଷ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାରେ ଭୂତପୂର୍ବ ଏନସିସି ଅଫିସର ରଣଜିତ୍ କୁମାର ଦାସ ଯୋଗଦାନ କରି ଏନସିସି ପିଲାମାନଙ୍କ ଭିତରେ ରାଷ୍ଟ୍ର ଚେତନା ଓ ଦେଶପ୍ରେମର ଭାବକୁ ସୁଦୃଢ କରି ଜଣେ ସଚ୍ଚୋଟ ଦେଶଭକ୍ତ ନିର୍ମାଣ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ । ରିଟାଡ଼ ହନରେରୀ ଫୁଲଇଂଗ ଅଫିସର ସରୋଜ କୁମାର ବେହେରା ଓ ଅଧ୍ୟାପକ ବିନୋଦ କୁମାର ପରିଡ଼ା ସମ୍ମାନୀତ ଅତିଥି ଭାବେ ଯୋଗଦାନ କରିଥିଲେ। ଶିକ୍ଷୟତ୍ରୀ ଅନୁସୂୟା ଖମାରୀ, ଶାନ୍ତା ପ୍ରିୟଦର୍ଶନୀ ପ୍ରଧାନ, ବିଶ୍ୱରଞ୍ଜନ ଦଣ୍ଡପାଟ ଓ ହେମନ୍ତ ମୁର୍ମୁ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସକାଳେ ଏନସିସି ପିଲାମାନେ ଏନସିସି ସଙ୍ଗୀତ ଗାନ ସହିତ ରାଷ୍ଟ୍ର ବନ୍ଦନା ଗାନ କରିଥିଲେ।

## ଏମପିସି ହାଇସ୍କୁଲରେ ଏନସିସି ଦିବସ ପାଳିତ

ବେତନଟୀ, ୨୩/୧୧ (ନି.ପ୍ର):ପ୍ରତ୍ୟେକବର୍ଷ ଭଳି ଚଳିତବର୍ଷ ମଧ ନଭେମ୍ବର ମାସର ୪ର୍ଥ ରବିବାର ସମଗ୍ର ଭାରତବର୍ଷରେ ୭୭ତମ ଜାତୀୟ ସମରଶିକ୍ଷାର୍ଥ ବାହିନୀ (ଏନସିସି)ଦିବସ ପାଳନ କରାଯିବା ପରିପେକ୍ଷୀରେ ବେତନଟୀ ଏମପିସି ହାଇସ୍କୁଲରେ ରବିବାର ଏନସିସି ଦିବସ ପାଳିତ ହୋଇଯାଇଛି । ଏମପିସି ହାଇସ୍କୁଲର ଏନସିସି ଶିକ୍ଷକ ପ୍ରକାଶ କୁମାର ଗିରିଙ୍କ ସଂଯୋଜନା ଏବଂ ପରିଚାଳନାରେ ଆୟୋଜିତ ଏନସିସି ଦିବସରେ ମୁଖ୍ୟଅତିଥ ପ୍ରଧାନଶିକ୍ଷକ ଅର୍ଜୁନ ସିଂ ଯୋଗଦେଇ ଏନସିସି ପତାକା ଉତ୍ତୋଳନ ପୂର୍ବକ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏହି ଅବସରରେ ଏନସିସି କ୍ୟାଡେଟ ମାନଙ୍କ ଦ୍ୱାରା ପ୍ରଦର୍ଶିତ ସାମୂହିକ ପ୍ୟାରେଡରେ ମୁଖ୍ୟଅତିଥୁ ଅର୍ଜୁନ ସିଂ ଅଭିବାଦନ ଗ୍ରହଣ କରିଥିଲେ । ଶୃଙ୍ଖଳା ଏବଂ ଏକତାକୁ ଆଧାରକରି ଜାତୀୟ ସମର ଶିକ୍ଷାର୍ଥ ବାହିନୀର ଗଠନ ହୋଇଥିବା ବେଳେ ଛାତ୍ର ଜୀବନରେ ଶୃଙ୍ଖଳା, ଏକତା ଏବଂ ସମୟାନୁବର୍ତ୍ତିତାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଏବଂ ଆବଶ୍ୟକତା ଉପରେ ମୁଖ୍ୟଅତିଥି ଶ୍ରୀଯୁକ୍ତସିଂ ନିଜର ବହୁ ମୂଲ୍ୟ ବକ୍ତବ୍ୟ ମାଧ୍ୟମରେ ଏନସିସି କ୍ୟଡେଟ ମାନଙ୍କୁ ସଚେତନ କରାଇଥିଲେ। ଶୃଙ୍ଖଳିତ ଜୀବନ ହିଁ ସଫଳତାର ଆଧାର ବୋଲି ପ୍ରଧାନଶିକ୍ଷକ ଅର୍ଜୁନ ସିଂ ନିଜର ବକ୍ତବ୍ୟରେ କହିଥିଲେ । ଏହି ଅବସରରେ ଏନସିସି କ୍ୟାଡେଟ ମାନଙ୍କୁ ନେଇ ସ୍ୱଚ୍ଛଭାରତ ଅଭିଯାନ ପରିପ୍ରେକ୍ଷୀରେ ସଫେଇ କାର୍ଯ୍ୟକ୍ରମ କରାଯିବା ପରେ ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଏବଂ ସୃଜନଶକ୍ତିର ବିକାଶ ପାଇଁ ସଂସ୍କୃତିକ କାର୍ଯ୍ୟକ୍ରମର ମଧ ଆୟୋଜନ କରାଯାଇଥିଲା। ପରିଚାଳନାରେ ହାଇସ୍କୁଲର ବିଜ୍ଞାନ ଶିକ୍ଷକ ନିରୋଜ କୁମାର ମହାନ୍ତ, ଖଗେନଚନ୍ଦ୍ର ମହାନ୍ତ, ହୃଷିକେଶ ମହାପାତ୍ରଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଅଣଶିକ୍ଷା କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ଏନସିସି ଶିକ୍ଷକ ପ୍ରକାଶ କୁମାର ଗିରି ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଏଣିକି ଆବାସିକ ...

ସେହିପରି ବାଲି ମାଫିଆମାନେ ଘାଟରୁ ବାଲି ନେଇ ବିଭିନ୍ନ ସ୍ଥାନରେ ଗଚ୍ଛିତ ରଖିବା ସହ ଅଧିକ ଦାମରେ ବିକୁଥିବା ଅଭିଯୋଗ ହେଉଛି । ଏହାକୁ ନଜରରେ ରଖି ରାଜ୍ୟ ସରକାର ବାଲି ଗଚ୍ଛିତ ରଖିବା ପାଇଁ ଷ୍ଟୋରେଜ୍ ଲାଇସେନ୍ସ ଜାରି କରିବେ। ଏହା ବାଲି ସମେତ ବିଭିନ୍ନ ଲଘୁ ଖଣିଜ ପଦାର୍ଥ ପାଇଁ ଲାଗୁ ହେବ । ବିନା ଷ୍ଟୋରେଜ୍ ଲାଇସେନ୍ସରେ କେହି ବେଆଇନ ଭାବେ ବାଲି କି ଅନ୍ୟ କୌଣସି ଲଘୁ ଖଣିଜ ପଦାର୍ଥ ଗଚ୍ଛିତ କରି ରଖିପାରିବେ ନାହିଁ। ଯିଏ ରଖିବେ ସରକାର ତାକୁ ଜବତ କରିବେ। ସେହିପରି ଓଭରଲୋଡ଼ିଂ ଏବଂ ହାଇଗ୍ରେଡ୍ ଖଣିଜ ପଦାର୍ଥକୁ ଲୋ-ଗ୍ରେଡ୍ ଦର୍ଶାଇ ହେଉଥିବା ଅନିୟମିତତା ଉପରେ ବି କାର୍ଯ୍ୟାନୁଷ୍ଠାନ ହେବ । ଲିଜ୍ ଅଞ୍ଚଳକୁ ଛାଡ଼ି ଅନ୍ୟ ଅଞ୍ଚଳରେ ଖଣି ଖନନ ବା ଅତ୍ୟଧିକ ଖନନ ଉପରେ ରୋକ୍ ଲାଗିବ। ଏବେ ଆଉ ମନୁଷ୍ୟକୃତ ଭାବେ ନୁହେଁ, ସଂପୂର୍ଣ୍ଣ ଡିଜିଟାଲ୍ ଜ୍ଞାନକୌଶଳ ପଦ୍ଧତିରେ ଖଣିଜ ପଦାର୍ଥଗୁଡ଼ିକର ମାନ ନିରୂପଣ, ନମୁନା ପରୀକ୍ଷଣ, ଷ୍ଟକିଂ ହେବ । ଯେଉଁଠି ଚୋରା ଖଣିଜ ପଦାର୍ଥ ଜବତ ହେବ, ସେଠାରେ ପୋର୍ଟେବଲ୍ ଆନାଲାଇଜର ମାଧ୍ୟମରେ ଗ୍ରେଡ୍ ଟେଷ୍ଟ କରାଯିବ । ସବୁ ଖଣିରେ ଆରଏଫ୍‌ଆଇଡି ବୁମ୍ ବ୍ୟାରିୟର ଲଗାଯିବ। ଏହାଦ୍ୱାରା ଖଣିରୁ ମାଲବାହୀ ଗାଡ଼ି ବାହାରିବା ସମୟରେ ଟ୍ରାକିଂ କରାଯାଇପାରିବ । ପୂର୍ବରୁ ଅଧିକ ପ୍ରିମିୟମ ଦେଇ ତାକୁ ଭରଣାର ଆଳ ଦେଖାଇ ଗ୍ରେଡ୍ ମ୍ୟାନେଜମେଣ୍ଟରେ ହେରଫେର ହେଉଥିଲା। ତେଣୁ ଏହାକୁ ସଂପୂର୍ଣ୍ଣ ରୋକିବା ପାଇଁ ନୂଆ ନିୟମ ଲାଗୁ କରାଯାଇଛି । ଓଡ଼ିଶା ଖଣିଜ ପଦାର୍ଥ (ବେଆଇନ ଖଣି ଖନନ ନିବାରଣ ଏବଂ ବାଣିଜ୍ୟ, ପରିବହନ ଓ ସଂରକ୍ଷଣ ନିୟନ୍ତ୍ରଣ) ୨୦୨୫ ନିୟମାବଳୀରେ ଏହି ସବୁ ବ୍ୟବସ୍ଥା ହୋଇଛି । ରାଜ୍ୟ ସରକାର ବାଲି ଓ ଅନ୍ୟାନ୍ୟ ଲଘୁ ଖଣିଜ ପଦାର୍ଥ ଚୋରା ଚାଲାଣ ରୋକିବାକୁ ଅନେକ ପଦକ୍ଷେପ ନେଇଥିବା କହୁଥିଲେ ହେଁ ବିଜେଡି ରାଜ୍ୟ ସରକାରଙ୍କ ପଦକ୍ଷେପକୁ ସମାଲୋଚନା କରିଛି। ବିଜେଡି ବିଧାୟକ ଅରୁଣ ସାହୁ କହିଛନ୍ତି ଯେ ଇ-ଲଟେରି ମାଧ୍ୟମରେ ବାଲିଘାଟ, ଲଘୁ ଖଣି ଲିଜ୍ ଦେବା ନିଷ୍ପତ୍ତି ସଂପୂର୍ଣ୍ଣ ଭୁଲ୍।

### ଓଜନ ହେବ ଅଳଙ୍କାର...

ସେ ଅଳଙ୍କାର ଭିତର ନା ବାହାର ଭଣ୍ଡାରର? ଏସବୁ ଟିକନିଖି ତଥ୍ୟ ସ୍ପଷ୍ଟ ଭାବେ ଉଲ୍ଲେଖ ରହିବ। ଯେହେତୁ ଆଗକୁ ମହାପ୍ରଭୁଙ୍କ ପହିଲି ଭୋଗ ସହ ଇଂରାଜୀ ନୂଆ ବର୍ଷ ଆସୁଛି। ତେଣୁ ଠାକୁରଙ୍କ ଶୃଙ୍ଖଳିତ ନୀତିକାନ୍ତି ସାଙ୍ଗକୁ ଭକ୍ତଙ୍କ ପ୍ରବଳ ଭିଡ଼ ପାଇଁ ଜାନୁଆରୀରୁ ଗଣତି ମଣତି ଆରମ୍ଭ ପାଇଁ ଲକ୍ଷ୍ୟ ରଖାଯାଇଛି। ଶେଷ ଥର ପାଇଁ ୧୯୭୮ ମସିହାରେ ହୋଇଥିଲା ଶ୍ରୀମନ୍ଦିର ରତ୍ନଭଣ୍ଡାର ଅଳଙ୍କାର ଗଣତି। ମେ ୧୩ରୁ ଜୁଲାଇ ୨୩ ମଧ୍ୟରେ ପ୍ରାୟ ୭୦ ଦିନ ଧରି ଚାଲିଥିଲା ଅଳଙ୍କାର ଗଣତି। ତଥ୍ୟ ଅନୁସାରେ ରତ୍ନଭଣ୍ଡାରରେ ମହାପ୍ରଭୁଙ୍କର ୪୫୪ ପ୍ରକାର କେବଳ ସୁବର୍ଣ୍ଣ ଅଳଙ୍କାର ରହିଛି- ଯାହାର ଓଜନ ୧୨ ହଜାର ୮୩୮ ଭରି ବା ୧୨୮ରୁ ୧୪୨ କେଜି ମଧ୍ୟରେ ହେବ। ସେହିପରି ୨୯୩ ପ୍ରକାର ରୌପ୍ୟ ଅଳଙ୍କାରର ଓଜନ ୨୨ ହଜାର ୨୪୨ ଭରି ବା ପ୍ରାୟ ୨୨୪ କିଲୋ ବୋଲି ଉଲ୍ଲେଖ ରହିଛି। ତେବେ କେବଳ ଭିତର ଭଣ୍ଡାରରେ ୩୬୭ ପ୍ରକାରର ସୁବର୍ଣ୍ଣ ଅଳଙ୍କାର ରହିଛି ଯେଉଁଥିରେ-ବହୁ ମୂଲ୍ୟ ହାର ମାଳ ସହ ମୁକୁଟ ମଧ୍ୟ ଅନ୍ତର୍ଭୁକ୍ତ। ସେମିତି ୨୩୧ ପ୍ରକାର ରୂପା ଅଳଙ୍କାର ବି ଭିତର ଭଣ୍ଡାରରେ ରହିଛି। ଦୈନ୍ୟଦିନ ନୀତିକାନ୍ତି ଓ ଯାନିଯାତ୍ରା ପାଇଁ ବାହାର ଭଣ୍ଡାରରେ ୮୭ ପ୍ରକାର ସୁବର୍ଣ୍ଣ ଅଳଙ୍କାର ଓ ୬୨ ପ୍ରକାର ରୌପ୍ୟ ଅଳଙ୍କାର ରହିଛି, ଯାହାକି ଠାକୁରମାନଙ୍କୁ ଲାଗି ହେଉଛି।

### ପ୍ରଶାନ୍ତ ଦାସଙ୍କ କବିତା...

ପ୍ରକାଶିତ ପୁସ୍ତକ ଓ ପ୍ରଚ୍ଛଦ ମୋତେ ପ୍ରେମମୟ ଆଲିଙ୍ଗନ କରିଲା ବୋଲି ତ ମୁଁ ' ପ୍ରଚ୍ଛଦ କବିତା' ପୁସ୍ତକ ରଚନା କଲି ଓ ପ୍ରକାଶ କଲି । ଏହି କବିତାପୁସ୍ତକ ପାଠକମାନଙ୍କ ହାତରେ ଅର୍ପଣ କରୁଅଛି । ଏହି ଉତ୍ସବରେ କବି ଦାସଙ୍କ ପ୍ରଥମ କବିତା ପୁସ୍ତକ 'ଜରି ଗୋଟାଇବା ଝିଅ' ଓ ଗଳ୍ପପୁସ୍ତକ 'ନୀଳ ମଣିଷ'ର ପ୍ରଚ୍ଛଦ ଶିଳ୍ପୀ କେଶୁ ଦାସଙ୍କୁ ଶ୍ରୀ ଦାସଙ୍କ ତରଫରୁ 'ପ୍ରଚ୍ଛଦ କବିତା ସମ୍ବର୍ଦ୍ଧନା' ପ୍ରଦାନ କରାଯାଇଥିଲା । ଶିଳ୍ପୀ ଶ୍ରୀ ଦାସ ସମ୍ବର୍ଦ୍ଧନା ଗ୍ରହଣ କରି କବିଙ୍କର ଏହି ନୂତନ ସୃଜନକୁ ପ୍ରଶଂସା କରିଥିଲେ। ମୁଖ୍ୟଅତିଥି ବୈଜ୍ଞାନିକ ପଣ୍ଡା କବିତା ପୁସ୍ତକରେ ସ୍ଥାନୀତ ଲେଖକମାନଙ୍କୁ ପୁସ୍ତକ ଅର୍ପଣ କରିବା ସହ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । 'ପ୍ରଚ୍ଛଦ କବିତା' ପୁସ୍ତକରେ ସ୍ଥାନୀତ କବିତାଗୁଡ଼ିକ ଦିପ୍ତୀ ଦାସ, ଗଙ୍ଗାଧର ବିଶ୍ୱାଳ, କୃଷ୍ଣକୁମାର ମହାନ୍ତି, ଶ୍ରୀଦେବ, ସମରେନ୍ଦ୍ରନାଥ ମହାପାତ୍ର, ଡ. ରାଧାରଂଜନ ପଟ୍ଟନାୟକ, ଉଦୟ ନାରାୟଣ ଦାସ, ସୈରିନ୍ଧ୍ରୀ ସାହୁ, ଡ. ହରିଶ୍ଚନ୍ଦ୍ର ବେହେରା, ନିବାରଣ ଜେନା, ସିତାଂଶୁ ଲେଙ୍କା, ଅଭୟ ଦାସ, ରଂଜନ ବାଗ, ଡ. ଦେବାଶିଷ ପାତ୍ର, ଉତ୍ପଳ ମହାନ୍ତି, ଡ. ଶୁଭଶ୍ରୀ ଲେଙ୍କା, ଜ୍ୟୋତ୍ସ୍ନା ବିଶ୍ୱାଳ, ସତ୍ୟ ସାହୁ, ପ୍ରୀତିଲେଖା ଦାସ, ଶୁଭେନ୍ଦୁ ଦାସ, କ୍ଷୀରୋଦ ବିହାରୀ ବିଶ୍ୱାଳ, ଡ. ସନ୍ତୋଷ ନାୟକ, ସଂଜୟ ପଣ୍ଡା, ପ୍ରିୟଙ୍କା ପ୍ରିୟଦର୍ଶନୀ ଓ ପ୍ରଶାନ୍ତ ଦାସଙ୍କ ପ୍ରକାଶିତ ପୁସ୍ତକ ଓ ପ୍ରଚ୍ଛଦ ଉପରେ କବି ଦାସଙ୍କ ଦ୍ୱାରା ଲେଖାହୋଇଛି। ପ୍ରାରମ୍ଭରେ ଆବାହକ ବିପ୍ଳବ ଦାସ ମହାପାତ୍ର ଓ ରାଜେଶ ଗିରି ଉତ୍ସବ କଥା ରଖିଥିବାବେଳେ କବି ମଧୁସୂଦନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । କବିତାଗୁଡ଼ିକର ପ୍ରିୟ ପାଠକ ଡ. ଜଗନ୍ନାଥ ଖଟୁଆ କବିତା ସଂପର୍କରେ ନିଜର ଅନୁଭବ ଓ ସୂଚନା ପ୍ରଦାନ କରିଥିଲେ । ଶେଷରେ ଏକ କବିତା ମୟ ପରିବେଶ ଭିତରେ ନିଜ ପୁସ୍ତକ ଉପରେ ଲିଖିତ କବିତାକୁ ଉପସ୍ଥିତ ଲେଖକମାନେ 'ପ୍ରଚ୍ଛଦ କବିତା ପର୍ବ'ରେ ପାଠ କରିଥିଲେ। ଏହି ଉତ୍ସବରେ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସମେତ ସାହିତ୍ୟପ୍ରେମୀ ବ୍ୟକ୍ତିବିଶେଷ ଯୋଗଦାନ କରି ଉତ୍ସବକୁ ସଫଳ କରାଇଥିଲେ ।

### କର୍ଣ୍ଣାଟକ ନେତୃତ୍ୱ ପରିବର୍ତ୍ତନ...

ବୋଲି ଶିବକୁମାର କହିଛନ୍ତି। ସିଦ୍ଦରମୈୟା ୫ ବର୍ଷ ମୁଖ୍ୟମନ୍ତ୍ରୀ ରହିବେ ବୋଲି କହିଥିବାରୁ ଡି.କେ ଶିବକୁମାର ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । କିନ୍ତୁ ଶିବ କୁମାର ଯାହା କହିଲେ ବି ସ୍ଥିତିରୁ ସ୍ପଷ୍ଟ ହେଉଛି ଯେ କର୍ଣ୍ଣାଟକରେ କ୍ଷମତା କନ୍ଦଳରେ ପୂରା ପୂର୍ଣ୍ଣଛେଦ ପଡ଼ିନାହିଁ ।

### ନିଶା ଦେଇ...

ପୀଡିତା ଆଖି ଖୋଲି ଦେଖିବା ବେଳକୁ ତାଙ୍କ ହାତ ଗୋଡ ବନ୍ଧା ଯାଇଥିବା ବେଳେ,ସେ ଉଲଗ୍ନ ଅବସ୍ଥାରେ ଏକ ଘର ଭିତରେ ନିଜକୁ ପାଇଥିଲେ । ଚିତ୍କାର କରିବାରୁ ପୁଣି ଥରେ ଅଚେତ୍ କରାଇ ଦେଇଥିଲେ ଦୁଷ୍କର୍ମକାରୀ । ଖୋର୍ଦ୍ଧାର ଏହି ଘଟଣା ସାରା ରାଜ୍ୟରେ ଚାଞ୍ଚଲ୍ୟ ଖେଳାଇ ଦେଇଥିବା ବେଳେ, ପିଡ଼ିତାଙ୍କୁ ଭେଟିଛି ଜିଲ୍ଲା କଂଗ୍ରେସ ପ୍ରତିନିଧି ଦଳ । ପୀଡିତାଙ୍କୁ ନ୍ୟାୟ ଦେବା ପାଇଁ ଏସପିଙ୍କୁ ଭେଟି ଅଭିଯୁକ୍ତଙ୍କ ଗିରଫ କରି ଦାବି କରିଛନ୍ତି । ସେପଟେ ଖୋର୍ଦ୍ଧା ଏସପି ଏହି ଘଟଣାର ତଦାରଖ କରୁଛନ୍ତି । ପୁଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳକୁ ଯାଇ ଛାନଭିନ୍ କରିଛି । ପୀଡ଼ିତାଙ୍କ ଡାକ୍ତରୀ ମାଇନା କରାଯାଇଛି । ସିସିଟିଭି ଯାଞ୍ଚ ସହ ତଥ୍ୟ, ପ୍ରମାଣକୁ ଏକାଠି କରି ୬ ଜଣଙ୍କୁ ଅଟକ ରଖାଯାଇଛି । ତେବେ ପୁଙ୍ଖାନୁପୁଙ୍ଖ ତଦନ୍ତ ପରେ, ପୁରା ଘଟଣା ଉପରୁ ପର୍ଦ୍ଦା ହଟିବ ।

# ନିଶାସକ୍ତ ସ୍ୱାମୀ ମାଡରେ ସ୍ତ୍ରୀ ମୃତ: ସ୍ୱାମୀ ଗିରଫ

ବାରିପଦା, ୨୩/୧୧ (ନି.ପ୍ର): ନିଶା ପାଇଁ ସ୍ୱାମୀ-ସ୍ତ୍ରୀ ସଂପର୍କରେ ଲାଗିଲା ରକ୍ତର ଛିଟା। ନିଶାସକ୍ତ ସ୍ୱାମୀର ଆକ୍ରମଣରେ ଲହୁଲୁହାଣ ହେଲା ସ୍ତ୍ରୀ। ରକ୍ତ ରଞ୍ଜିତ ହେଲା ଘର। ଚାଲିଗଲା ସ୍ତ୍ରୀର ଜୀବନ। ହତ୍ୟାକାରୀ ସାଜିଲା ସ୍ୱାମୀ। ଅଗ୍ନିକୁ ସାକ୍ଷୀ ରଖି ଯାହାର ହାତଧରି ସ୍ତ୍ରୀ ଭାବେ ଘରକୁ ନେଇ ଆସିଥିଲା ସେହି ପବିତ୍ର ବନ୍ଧନର ମହତ୍ୱ ରଖିଲାନି ସ୍ୱାମୀ । ନିଶା ପାଇଁ ଉଜୁଡ଼ି ଗଲା ଆଶା ଓ ବିଶ୍ୱାସର ସଂସାର। ଅନାଥ ହୋଇଗଲେ ଦୁଇ ଝିଅ ଏବଂ ନାବାଳକ ସନ୍ତାନ। ଏଭଳି ଏକ ଅପ୍ରୀତିକର ଘଟଣା ସାମ୍ନାକୁ ଆସିଛି ମୟୂରଭଞ୍ଜ ଜିଲ୍ଲା ମୋରଡା ଥାନା ଅନ୍ତର୍ଗତ ପାଂଚଗୁଛିଆ ଗ୍ରାମରେ । ଗତକାଲି ବିଳମ୍ବିତ ରାତିରେ ନିଶାସକ୍ତ ସ୍ୱାମୀର ମାଡରେ ସ୍ତ୍ରୀର ମୃତ୍ୟୁ ହୋଇଯାଇଥିବା ଜଣାପଡିଛି । ସୂଚନାଯୋଗ୍ୟ ଯେ ପାଂଚଗୁଛିଆ ଗ୍ରାମରେ ବେଆଇନ ଭାବେ ଅଧିକାଂଶ ଘରେ ଦେଶୀମଦ ବିକ୍ରି ହେଉଛି । ବେଆଇନ ମଦ ବିକ୍ରି ବନ୍ଦ ପାଇଁ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରିଛନ୍ତି । ମଝିରେ ମଝିରେ ମଦ ବେପାରୀମାନେ ମଧ ଗିରଫ ହୋଇ ଜାମିନରେ ଆସି ପୁଣି ମଦ ବେପାର ଜାରି ରଖିଛନ୍ତି । ତେବେ ଗତକାଲି ବିଳମ୍ବିତ ରାତିରେ ଶଙ୍କର୍ଷଣ ଧଣିକ ମଦପିଇ ଘରକୁ ନିଶାସକ୍ତ ଅବସ୍ଥାରେ ଫେରିବା ପରେ ସ୍ତ୍ରୀ ରଇବାରୀ ଧଣିକ ସହିତ କୌଣସି ବିଷୟକୁ ନେଇ ଯୁକ୍ତିତର୍କ ହୋଇଥିଲା । ଯୁକ୍ତିତର୍କ ବଢିବାରୁ ଶଙ୍କର୍ଷଣ କ୍ରୋଧର ବଶବର୍ତ୍ତୀ ହୋଇ ଏକ ବାଉଁଶ ବାଡିରେ ସ୍ତ୍ରୀ ରଇବାରୀକୁ ମୁଣ୍ଡ ଓ ଦେହରେ ପିଟି ପିଟି ରକ୍ତାକ୍ତ କରି ଦେଇଥିଲା । ତେବେ ବାପାର ଏଭଳି ଉନ୍ମତ୍ତକାଣ୍ଡ ଦେଖି ଘରେ ଥିବା ନାବାଳକ ପୁଅ ଭୟଭୀତ ଅବସ୍ଥାରେ ଥିଲା । ସକାଳୁ ପୋଡଶୀ ଲୋକେ ଖବରପାଇ ପୋଲିସକୁ ଖବର ଦେଇଥିଲେ । ଖବରପାଇ ମୋରଡ଼ା ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ମୃତଦେହ ଜବତ କରିବା ସହିତ ହତ୍ୟାକାରୀ ସ୍ୱାମୀ ଶଙ୍କର୍ଷଣ ଧଣିକକୁ ଗିରଫ କରିବା ସଙ୍ଗେ ସଙ୍ଗେ ମାଡ ମାରିଥିବା ବାଉଁଶ ବାଡିକୁ ମଧ ଜବତ କରି ତଦନ୍ତ ଆରମ୍ଭ କରିଛି । ଏଥିସହିତ ପୋଲିସ ଘଟଣାର ଅଧିକ ପ୍ରମାଣ ସଂଗ୍ରହ ପାଇଁ ଫରେନସିକ ଟିମର ସହାୟତା ନେବା ସଙ୍ଗେ ସଙ୍ଗେ ଥାନାରେଏକ ହତ୍ୟା ମାମଲା ରୁଜୁ କରାଯାଇଛି ଏବଂ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବାରିପଦା ପିଆରଏମ ମେଡିକାଲ କଲେଜ ଏଣ୍ଡ ହସ୍ପିଟାଲ ପଠାଇଥିବା ଜଣାପଡିଛି। ତେବେ ହତ୍ୟାକାରୀ ଶଙ୍କର୍ଷଣ ଏବଂ ମୃତ ସ୍ତ୍ରୀ ରଇବାରୀଙ୍କ ଦୁଇ ଝିଅ ସହିତ ଗୋଟିଏ ନାବାଳକ ପୁଅ ଥିବା ଜଣାପଡିଛି ।

# ଡମ୍ଫର ମାଲିକ ସଂଘ ନିର୍ବାଚନ : ବିଜୟଙ୍କ ଟିମ୍‌ର ବିପୁଳ ବିଜୟ



ପାରାଦୀପ, ୨୩/୧୧ : ପାରାଦୀପ ଅଠରବାଙ୍କୀସ୍ଥିତ ଡମ୍ଫର ମାଲିକ ସଂଘ ନିର୍ବାଚନ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ନିର୍ବାଚନ ନିମନ୍ତେ ରବିବାର ଦିନ ସକାଳୁ ମତଦାନ ଅନୁଷ୍ଠିତ ହୋଇଥିଲା । ସଭାପତି ଭାବେ ବିଜୟ କୁମାର ନାୟକ (ସଦା) ପୁର୍ନବାର ବିଜୟ ଲାଭ କରିଛନ୍ତି । ବିଜୟ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ମନୋରଂଜନ ମିଶ୍ରଙ୍କୁ ବିପୁଳ ବ୍ୟବଧାନରେ ହରାଇ ବିଜୟ ଲାଭ କରିଛନ୍ତି । ବିଜୟଙ୍କୁ ୨୮୪ ଭୋଟ ମିଳିଥିବା ବେଳେ ମନୋରଂଜନଙ୍କୁ ମାତ୍ର ୬୨ ଖଣ୍ଡ ଭୋଟ ମିଳିଛି । ସେହିପରି ସାଧାରଣ ସମ୍ପାଦକ ସୁରଜ କୁମାର ବାରିକ ୨୭୪ ଖଣ୍ଡ ଭୋଟ ପାଇ ନିକଟତମ ପ୍ରତିଦ୍ୱନ୍ଦୀଙ୍କୁ ହରାଇଛନ୍ତି । ତାଙ୍କ ପ୍ରତିଦ୍ୱନ୍ଦୀ ଦିଲ୍ଲୀପ କୁମା ବେହେରାଙ୍କୁ ମାତ୍ର ୭୨ ଖଣ୍ଡ ଭୋଟ ମିଳିଛି । ବିଜୟଙ୍କ ଟିମ୍‌ରେ ପୂର୍ବରୁ ଦୁଇ ଗୋଟି ପଦବୀ ନିଦ୍ୱନ୍ଦରେ ବିଜୟ ଲାଭ କରିଥିବା ବେଳେ ରବିବାର ଦିନ ତିନି ଗୋଟି ପଦବୀ ପାଇଁ ନିର୍ବାଚନ ହୋଇଥିଲା । ତିନି ଗୋଟି ପଦବୀ ହାତେଇବା ପରେ ସଂଘର ୫ଗୋଟି ପଦବୀ ଏବେ ବିଜୟଙ୍କ ହାତରେ ।

# ହେଲଦି ଲାଇଫ ଯୋଗ ମହାବିଦ୍ୟାଳୟର ତିନି ଦିନିଆ ଆବାସିକ ପ୍ରାକୃତିକ ଚିକିତ୍ସା ଓ ଆରୋଗ୍ୟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ




ବାଲେଶ୍ୱର, ୨୩/୧୧ (ନି.ପ୍ର): ବାଲେଶ୍ୱରରର ଅଗ୍ରଣୀ ଯୋଗ ପ୍ରଶିକ୍ଷଣ ଅନୁଷ୍ଠାନ ହେଲଦି ଲାଇଫ ଯୋଗ ମହାବିଦ୍ୟାଳୟ ଓ ଇନଷ୍ଟିଚ୍ୟୁଟ ଅଫ ନେଚର୍ କିୟର ଏଣ୍ଡ ଯୋଗିକ ସାଇନସ୍ ମିଳିତ ଆନୁକୁଲ୍ୟରେ ଚାନ୍ଦିପୁର ସ୍ଥିତ ପୁରବୀ ରିସୋର୍ଟ ପରିସରରେ ଆବାସିକ ଭାବେ ଚାଲିଥିବା ପ୍ରାକୃତିକ ଚିକିତ୍ସା ଓ ଆରୋଗ୍ୟ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି । ଭୁବନେଶ୍ୱରର ହେଲଥ ଭିଲ୍ଲା ଯୋଗ ଓ ପ୍ରାକୃତିକ ଚିକିତ୍ସା କେନ୍ଦ୍ର ଓ ଡକ୍ଟର ବିଆରସି କ୍ଲିନିକ ସହଯୋଗରେ ଏହି ତିନି ଦିନିଆ ଶିବର ଆୟୋଜିତ ହୋଇଥିଲା। ଉଦଯାପନୀ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଆମେ ଯେତେ ଆଧୁନିକ ହେଲେ ବି ପ୍ରକୃତି ସହ ସମ୍ପର୍କ ରଖିବା ଏକାନ୍ତ ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ । ପ୍ରକୃତି ପ୍ରଦତ୍ତ ଶକ୍ତି ମାଧ୍ୟମରେ ବିଭିନ୍ନ ରୋଗର ଉପଶମ ସହିତ ନିରୋଗ ଜୀବନ ଶୈଳୀ ପ୍ରଶିକ୍ଷଣ ପାଇଁ ନିୟମିତ ଏହିଭଳି ଶିବିର ଆୟୋଜନ ଉପରେ ଶ୍ରୀ ନାୟକ ଗୁରୁତ୍ୱାରୋପ କହିଥିଲେ । କବି ପ୍ରଶାନ୍ତ ଦାସ ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରାକୃତିକ ଚିକିତ୍ସା ମାଧ୍ୟମରେ ରୋଗ ମୁକ୍ତ ହେବାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏ କ୍ଷେତ୍ରରେ ହେଲଦି ଲାଇଫର ଉଦ୍ୟମକୁ କବି ଶ୍ରୀ ଦାସ ପ୍ରଶଂସା କରିଥିଲେ। ଇଣ୍ଟରନ୍ୟାସନାଲ ନେଚୁରୋପାଥି ସଂଗଠନର ସଭାପତି ଡାକ୍ତର ସୁବାଷ ଚନ୍ଦ୍ର ଷଡଙ୍ଗୀ ଓ ଉପଦେଷ୍ଟା ଡାକ୍ତର ସୁଜାତା ପଣ୍ଡା ଏହି ଶିବିରରେ ଯୋଗ ଦେଇ ପ୍ରାକୃତିକ ଚିକିତ୍ସାର ଆବଶ୍ୟକତା ଓ ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ। ହେଲଦି ଲାଇଫ ଯୋଗ ମହାବିଦ୍ୟାଳୟର ପ୍ରତିଷ୍ଠାତା ଚିତ୍ତ ରଞ୍ଜନ ସାହୁ ଏଥିରେ ଶିବିର ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଅଧକ୍ଷା ଦେବୀ ଅର୍ଚ୍ଚନା ଦାସ ଏଥିରେ ସଭା ପରିଚାଳନା ସହ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଶିବିରରେ ବାଲେଶ୍ୱର, ଭୁବନେଶ୍ୱର, ଖୋର୍ଦ୍ଧା, ଭଦ୍ରକ, କେଉଁଝର, ମୟୂରଭଞ୍ଜ ପ୍ରଭୃତି ଜିଲ୍ଲା ସମେତ ପଶ୍ଚିମବଙ୍ଗରୁ ଶହେରୁ ଅଧିକ ବ୍ୟକ୍ତି ଶିବିରରେ ଯୋଗ ଦେଇ ପ୍ରାକୃତିକ ଚିକିତ୍ସା ସମ୍ପର୍କିତ ପ୍ରଶିକ୍ଷଣ ନେଇଥିଲେ। ଏହା ସହିତ ସେମାନେ ବିଭିନ୍ନ ରୋଗ ଉପଶମ ପାଇଁ ଚିକିତ୍ସିତ ମଧ ହୋଇଥିଲେ। ଅଧ୍ୟାପକ ଅଭିଷେକ ଦାସ, ଅଧ୍ୟାପିକା କାନ୍ତି କ୍ରିଷ୍ଣା ଦାଶ ଓ ଅନିତା ମିଶ୍ର, ହେଲଦି ଲାଇଫ ଯୋଗ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଶିବିରରେ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ସରକାରୀ ଉପମୁଖ୍ୟ ସଚେତକ ତଥା ବିଧାୟକ ରେମୁଣାଙ୍କ ବିଭିନ୍ନ ପ୍ରକଳ୍ପର ଶୁଭ ଶିଳାନ୍ୟାସ

ବାଲେଶ୍ୱର, ୨୩/୧୧ (ନି.ପ୍ର): ରବିବାର ସକାଳ ୧୧ ଘଟିକା ସମୟରେ ସରକାରୀ ଉପମୁଖ୍ୟ ସଚେତକ ତଥା ବିଧାୟକ ରେମୁଣା ଗୋବିନ୍ଦ ଚନ୍ଦ୍ର ଦାସଙ୍କ କରକମଳରେ ଇଞ୍ଜୁଡି ପଞ୍ଚାୟତର ବିଭିନ୍ନ ଲୋକାଭିମୁଖୀ ପ୍ରକଳ୍ପର ଶୁଭ ଶିଳାନ୍ୟାସ କରାଯାଇଥିଲା। ବିକଶିତ ଗାଁ ବିକଶିତ ଓଡିଶା ଯୋଜନା ଅନ୍ତର୍ଗତ ଅଟକଳ ମୂଲ୍ୟ ପାଞ୍ଚ ଲକ୍ଷ ଟଙ୍କାର ମା ଦୁର୍ଗା କମ୍ୟୁନିଟି ଗୃହ ନିର୍ମାଣ ଏବଂ ଶାଳପାଢ଼ୀ ଠାରେ ଅଟକଳ ମୂଲ୍ୟ ତିନି ଲକ୍ଷ ଟଙ୍କାର ଭାଗବତ ଟୁଙ୍ଗୀ ନିର୍ମାଣ, ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନା ଅନ୍ତର୍ଗତ ଅଟକଳ ମୂଲ୍ୟ ଏକ ଲକ୍ଷ ପଚାଶ ହଜାର ଟଙ୍କାର ଘୁଣ୍ଟିଆ ବେହେରା ଘର ପାଖରେ ପକ୍କା କଲଭର୍ଟ ନିର୍ମାଣ, ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ପ୍ରଦତ୍ତ ଅଟକଳ ମୂଲ୍ୟ ଦୁଇ ଲକ୍ଷ ଟଙ୍କାର ଦୁର୍ଗା କମ୍ୟୁନିଟି ସେଣ୍ଟର ପୂର୍ଣ୍ଣାଙ୍ଗୀକରଣ ଆଦି ପ୍ରକଳ୍ପର ଶୁଭ ଶିଳାନ୍ୟାସ କରାଯାଇଥିଲା। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଗ୍ରାମବାସୀଙ୍କ ବହୁ ଦିନର ଆଶା ପୂରଣ ହେବ। ଏହି ଅବସରରେ ବରିଷ୍ଠ ବ୍ୟକ୍ତି କାର୍ତ୍ତିକ ଚନ୍ଦ୍ର ଦାସ, ସରପଞ୍ଚ ରମଣୀ ରଂଜନ ମହାଳିକ, ଶଶିକାନ୍ତ ଦାସ, ସରବିନ୍ଦୁ ଶେଖର ଦାସ, ରାମଚନ୍ଦ୍ର ବେହେରା, ଲକ୍ଷ୍ମୀଧର ମଲ୍ଲିକ, ସୁଶାନ୍ତ କୁମାର ଦାସ, ଅକ୍ଷୟ କୁମାର ବାରିକ, ଅଶୋକ କୁମାର



ବାରିକ, ପ୍ରଶାନ୍ତ କୁମାର ଦାସ, ମହେଶ୍ୱର ଜେନାଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

# ସିପିଆଇ(ଏମ) ପକ୍ଷରୁ ତିହିଡିଠାରେ ଅନୁଷ୍ଠିତ ହେବାକୁ ଥିବା ବସ୍ ବନ୍ଦ ଆନ୍ଦୋଳନ ସ୍ଥଗିତ

ଭଦ୍ରକ/ତିହିଡି , ୨୩/୧୧ (ନି.ପ୍ର): ଭଦ୍ରକ- ଚାନ୍ଦବାଲି ରାଜ୍ୟ ରାଜପଥର ଚାଲୁଥିବା ସମସ୍ତ ଘରୋଇ ବସ୍ ସରକାରଙ୍କ ଧାର୍ଯ୍ୟ ଭଡା ଠାରୁ ଅତ୍ୟଧିକ ଭଡା ଆଦାୟ କରିବା ପ୍ରତିବାଦରେ ସିପିଆଇ(ଏମ) ପକ୍ଷରୁ ନଭେମ୍ବର,୨୪ ରେ ତିହିଡି ଠାରେ ବସ୍ ବଂଦ ଆନ୍ଦୋଳନ ହେବା ପାଇଁ ଆହ୍ୱାନ ଦିଆଯାଇଥିଲା । ଆଜି ଅପରାହ୍ନରେ ତିହିଡି ଥାନାଧିକାରୀ ସତ୍ୟବ୍ରତ ଗ୍ରହାଚାର୍ଯ୍ୟ ଙ୍କ ସଂଯୋଜନାରେ ତିହିଡି ଥାନା ପରିସରରେ ସିପିଆଇ(ଏମ) ନେତୃତ୍ୱ ଓ ଭଦ୍ରକ ବସ ସିଣ୍ଡିକେଟ କର୍ମକର୍ତ୍ତା ଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ସିପିଆଇ(ଏମ) ତିହିଡି ଆଞ୍ଚଳିକ କମିଟି ପକ୍ଷରୁ ଦାବି କରାଯାଇଥିବା ସମସ୍ତ ଦାବି କୁ ବସ ସିଣ୍ଡିକେଟ ମାନିନେଇଥିଲା ଓ ସରକାରୀ ବସ୍ ଚାଲିବା ଦାବି ସଂପର୍କରେ ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯିବ ବୋଲି ସିପିଆଇଏମ ନେତୃବୃନ୍ଦ ପ୍ରକାଶ କରିଥିଲେ । ସମସ୍ତ ଘରୋଇ ସାଧାରଣ ବସ



କିଲୋମିଟର ପିଛା ୮୯ ପଇସା ଭଡା ଆଦାୟ କରିବା, ସମସ୍ତ ଏକ୍ସପ୍ରେସ୍ ବସ କିଲୋମିଟର ପିଛା ୯୩ ପଇସା ଭଡା ଆଦାୟ , ଡିଲକ୍ସ ବସ ରେ କିଲୋମିଟର ପିଛା ୧ ଟଙ୍କା ୨୯ ପଇସା, ଏସି ଡିଲକ୍ସ ବସ ରେ କିଲୋମିଟର ପିଛା ୧ ଟଙ୍କା ୫୭ ପଇସା ଭଡା ଆଦାୟ କରିବା ପାଇଁ ରାଜ୍ୟ ପରିବହନ ଅଥରିଟି ନୋଟିସ୍ କରିଥିବା ବେଳେ ଚାନ୍ଦବାଲି -ଭଦ୍ରକ ରୁଟରେ ଚାଲିଥିବା ବସମାଲିକ ମାନେ ଅତ୍ୟଧିକ ଭଡା ଆଦାୟ କରୁଥିବାରୁ ଭଦ୍ରକ, ତିହିଡି ଓ ଚାନ୍ଦବାଲି ଅଞ୍ଚଳରେ ଜନଅସନ୍ତୋଷ ତୀବ୍ର ରୂପ ଧାରଣ କରିଥିଲା । ଭଦ୍ରକ- ଚାନ୍ଦବାଲି ରାଜ୍ୟ ରାଜପଥରେ ଅଧିକ ସଂଖ୍ୟକ ଓଏସଆରଟିସି ତତ୍ତ୍ୱାବଧାନ ରେ ସରକାରୀ ବସ ଚଳାଚଳ କରିବା, ସମସ୍ତ ଘରୋଇ ବସରେ ଅତ୍ୟଧିକ ଭଡା ପରିବର୍ତ୍ତେ ସରକାରୀ ଧାର୍ଯ୍ୟ ଭଡା ଆଦାୟ କରିବା, ବସ ରେ ମହିଳା ଓ ସିନିଅର ସିଟିଜେନ୍ସ ମାନଙ୍କୁ ସମ୍ମାନ ପ୍ରଦର୍ଶନ କରିବା, ସମସ୍ତ ଘରୋଇ ବସରେ ସରକାରୀ ବସ୍ ଭଡା ଓ ବସର ପ୍ରକାର ପ୍ରଦର୍ଶନ କରିବା, ଘରୋଇ ବସରେ ଓଭରଲୋଡିଂ ଓ ଧାର୍ଯ୍ୟ ସିଟ ଠାରୁ ଅଧିକ ସଂଖ୍ୟକ ଯାତ୍ରୀ ପରିବହନ ବଂଦ କରିବା, ଗୋଟିଏ ଷ୍ଟପେଜ ରୁ ଅନ୍ୟ ପାଖ ଷ୍ଟପେଜ କୁ ସର୍ବନିମ୍ନ ଭଡା ୧୦ ଟଙ୍କା ଆଦାୟ ପରିବର୍ତ୍ତେ ୫ ଟଙ୍କା ଆଦାୟ ଆଦି ଦାବି କୁ ପୂରଣ କରିବା ପାଇଁ ବସ ସିଣ୍ଡିକେଟ ରାଜି ହୋଇଥିବା ବେଳେ, ସରକାରୀ ବସ୍ ଚାଲିବା ସଂପର୍କରେ ରାଜ୍ୟ ସରକାରଙ୍କ ନିକଟରେ ଆଗାମୀ ଦିନରେ ଦାବି ଜଣାଯିବ ବୋଲି ସିପିଆଇ(ଏମ) ନେତୃତ୍ୱ ପ୍ରକାଶ କରିଥିଲେ । ଏହି ଆଲୋଚନା ସଭାରେ ସିପିଆଇ(ଏମ) ଜିଲ୍ଲା ସଂପାଦକ ମଣ୍ଡଳୀ ସଭ୍ୟ ପ୍ରଫୁଲ୍ଲ ପାଢୀ, ତିହିଡି ଆଞ୍ଚଳିକ କମିଟି ସଂପାଦକ ବିଷ୍ଣୁ ଦାଶ, ସିପିଆଇ(ଏମ) ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ , ଓଡିଶା ଟ୍ରାନ୍ସପୋର୍ଟ ୱାର୍କର୍ସ ଫେଡେରେସନ ରାଜ୍ୟ କମିଟି ସଭ୍ୟ ରାଜକିଶୋର ଲେଙ୍କା, ସିପିଆଇ(ଏମ)ର ବରିଷ୍ଠ ନେତା ନିର୍ମଳ ଦଳେଇ, ସିପିଆଇ(ଏମ) ନେତା ସତ୍ୟବ୍ରତ କୁଣ୍ଡ, ମନମୋହନ କୁଣ୍ଡ, ଭଦ୍ରକ ବସ ସିଣ୍ଡିକେଟ ର ସଭାପତି ଶ୍ରୀନିବାସ ପତି, ବସ ସିଣ୍ଡିକେଟ ଯୁଗ୍ମ ସଂପାଦକ ନିଶିକାନ୍ତ ପଣ୍ଡା, ବସ ମାଲିକ ଇମତାଜ ଅଲ୍ଲୀ ଖାନ୍, ବାର ଖାନ୍ ଓ ବରିଷ୍ଠ ସାମ୍ବାଦିକ ରବିନାରାୟଣ ନାୟକ ପ୍ରମୁଖ ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବସ ସିଣ୍ଡିକେଟ ଓ ଜିଲ୍ଲା ଆରଟିଓ ଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରତିଶ୍ରୁତି ପାଇବା ପରେ ନଭେମ୍ବର, ୨୪ ରେ ତିହିଡି ଠାରେ ଅନୁଷ୍ଠିତ ହେବାକୁ ଥିବା ବସ୍ ବଂଦ ଆନ୍ଦୋଳନକୁ ସିପିଆଇ(ଏମ) ପକ୍ଷରୁ ସ୍ଥଗିତ ରଖାଯାଇଛି ।

## ଶୀତ କବିତା ଆସର ଅନୁଷ୍ଠିତ



ବାଲିଆପାଳ, ୨୩/୧୧ (ନି.ପ୍ର): ବାଲିଆପାଳ ଜଗନ୍ନାଥ ସେବା ସଂସ୍ଥା ପରିସରରେ ପୂଜ୍ୟପୂଜା ସଂସଦ ବାଲିଆପାଳ ପକ୍ଷରୁ ଶୀତ କବିତା ଆସର ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ପୂଜ୍ୟପୂଜା ସଂସଦର ଝାଡେଶ୍ୱର ପ୍ରଧାନ ପୌରହିତ୍ୟ କରିଥିବା ବେଳେ ଡ.କାଳିପଦ ପଣ୍ଡା ଉଦଘାଟକ ଭାବରେ ଯୋଗ ଦେଇଥିଲେ । କବି ନଳିନୀକାନ୍ତ ପାଢୀ ସ୍ୱାଗତ ଭାଷଣ , କବିତାର ଉତପତି କ୍ରମବିକାଶ ଏବଂ ଆଗତ ସ୍ଥିତି ସମ୍ବନ୍ଧରେ ଆଲୋଚନା କରି କବିତା ନିଜକୁ ଅନୁଷ୍ଠାନ ନ ଭାବି ଅନୁଷ୍ଠାନର ଭାବିଲେ ସାହିତ୍ୟ ନୂତନ ଦିଗନ୍ତ ପ୍ରାପ୍ତ ହେବ ବୋଲି ବରେଣ୍ୟ ଅତିଥି ମାନେ ମତବ୍ୟକ୍ତ କରିଥିଲେ । ବ୍ୟଙ୍ଗ କବି ଅର୍ଦ୍ଧେନ୍ଦୁ ପାଣୀଗ୍ରାହୀ , ନାରୀ କବି ସୁଜାତା ରଣା ,ବରିଷ୍ଠ କବି ବୀରମାଧବ ଦାସ,ମୀନକେତନ ସେଠୀ, ପ୍ରଭାକର ସାମଲ, ସରୋଜ କୁମାର ଦାସ, ସେହ୍ନଲତା ନାୟକ, ବିଦ୍ୟୁତ ପ୍ରଭାସସାମଲ,ସଙ୍ଗୀତଜ୍ଞ ଗିରିଧାରୀଭୂୟାଁ, ନାଟ୍ୟକାର ପ୍ରଫୁଲ ବାଗ, ଶିଶୁ କବୀ ତୃପ୍ତି ସୂଚୀରେଖା ଗିରି ,ଜଗନ୍ନାଥ ପ୍ରଧାନ, ନଳିନୀକାନ୍ତ ପାଢୀ, ପଙ୍କଜ କୁମାର ସାହୁ, ଉମାକାନ୍ତ ନାୟକ ପ୍ରମୁଖ କବିତା ପାଠ କରିଥିଲେ । ସୁଜାତା ସାହୁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ।

## ରଙ୍ଗାଡିହା ଫୁଟବଲ ଟୁର୍ଣ୍ଣାମେଣ୍ଟ: ୟଙ୍ଗ ବ୍ରଦର ଚମ୍ପିୟାନ



ବଡସାହି, ୨୩/୧୧ (ନି.ପ୍ର): ବଡସାହି ବ୍ଲକ ଅଧିନ ଦେଉଳିଆ ପଞ୍ଚାୟତ ରଙ୍ଗାଡିହା ଗ୍ରାମରେ ଧରମ ଦାଳେ ଜୁଆନ ଜୁମିତ କ୍ଲବ ଆନୁକୂଲ୍ୟରେ ୨୨ତମ ଏକ ଦିବସୀୟ ଆନ୍ତଃଜିଲ୍ଲା ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮ଟି ନାମୀଦାମୀ ଟିମ ଅଂଶ ଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରୁ ୟଙ୍ଗ ବ୍ରଦର ଓ ଏସଏସଏମ ରୟାଲ ଟିମ ଭଲ ଖେଳ ପ୍ରଦର୍ଶନ କରି ଫାଇନାଲକୁ ଉନ୍ନୀତ ହୋଇଛନ୍ତି । ସଂଘର୍ଷପୂର୍ଣ୍ଣ ଫାଇନାଲ ଖେଳରେ କେହି କାହାରିକୁ ଗୋଲ ଦେଇ ନ ପାରିବାରୁ ଟ୍ରାଇବ୍ରେକରର ସହାୟତା ନିଆଯାଇଥିଲା । ଏଥିରେ ୟଙ୍ଗ ବ୍ରଦର ୫-୪ ଗୋଲରେ ଏସଏସଏମ ରୟାଲ ଟିମକୁ ହରାଇ ଚଳିତ୍ୱର୍ଷ ଚମ୍ପିୟାନ ହୋଇଛି । ଏହି ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସମିତି ସଭ୍ୟ ନିହାର ରଞ୍ଜନ ମହାପାତ୍ର, ସମ୍ମାନୀତ ଅତିଥି ଭାବେ ପୂର୍ବତନ ସରପଞ୍ଚ ବୈଦ୍ୟନାଥ ସିଂ, ଶିକ୍ଷକ ରାମହରି ହାଁସଦା ପ୍ରମୁଖ ଯୋଗ ଦେଇ ଚମ୍ପିୟାନ ଦଳକୁ ୩୦ ହଜାର ଓ ରନର୍ସଅପ ଦଳକୁ ୨୦ ହଜାର ପୁରସ୍କାର ରାଶି ପ୍ରଦାନ କରିଥିଲେ । ରେଫେରି ଓ ଲାଇନ୍ସମ୍ୟାନ ଭାବେ ସୁକାନ୍ତ ସିଂ, ସୁମନ୍ତ ସିଂ, ରାମ ସିଂ ଓ ସୋମନାଥ ହେମ୍ବ୍ରମ ଖେଳ ପରିଚାଳନା କରିଥିଲେ । କ୍ଲବ ପକ୍ଷରୁ ସଭାପତି ଅନୀଲ କୁମାର ସରେନ , ସମ୍ପାଦକ ସିପୁନ ସୋରେନଙ୍କ ନେତୃତ୍ୱରେ ସିଦ୍ଧେଶ୍ୱର ସରେନ, ମୁଷୁ ହାଁସଦା, ଟୁନା ସରେନ, ଆନନ୍ଦ ଟୁଡୁ, ବିରଭଦ୍ର ସରେନ ଓ କୁଆଁର ସରେନଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।

## ସାଇ ନୃତ୍ୟ ସଂଗୀତ ମହାବିଦ୍ୟାଳୟର ୫୧ତମ ବାର୍ଷିକ ଉତ୍ସବ

ବାଲେଶ୍ୱର, ୨୩/୧୧ (ନି.ପ୍ର): ସ୍ଥାନୀୟ ସାଇ ନୃତ୍ୟ ସଂଗୀତ ମହାବିଦ୍ୟାଳୟର ୫୧ତମ ବାର୍ଷିକ ଉତ୍ସବ ରବିବାର ସନ୍ଧ୍ୟାରେ ଗାନ୍ଧୀସ୍ମୃତି ଭବନରେ ପାଳିତ ହୋଇଯାଇଛି। ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ସମାରୋହକୁ ଉଦଘାଟନ କରିଥିଲେ। ମହାବିଦ୍ୟାଳୟର ବିକାଶ ପାଇଁ ସେ ସବୁ ପ୍ରକାର ସହଯୋଗ ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। ମହାବିଦ୍ୟାଳୟ ପରିଚାଳନା ପରିଷଦର ଉପସଭାପତି ହୃଷିକେଶ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ସାଧାରଣ ସମ୍ପାଦକ ବିଷ୍ଣୁଚରଣ ମହାନ୍ତି ସଂପାଦକୀୟ ବିବରଣୀ ପାଠ କରିବା ସହ ଅନୁଷ୍ଠାନର ବିଭିନ୍ନ ସମସ୍ୟା ସମ୍ପର୍କରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମୁଖ୍ୟ ବକ୍ତା ଭାବେ ବାଲେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ ନଂ୧ର ଅଧକ୍ଷ ଅଂଜନ କୁମାର ଖଟୁଆ ବକ୍ତବ୍ୟ ରଖି ଅନୁଷ୍ଠାନର ଉତ୍ତରୋତର ଉନ୍ନତି କାମନା କରିଥିଲେ । ସାଂସ୍କୃତିକ ସଂପାଦକ ଗୁରୁ ଗୌରବ ରବୀନ୍ଦ୍ର କୁମାର ବିଶ୍ୱାଳ ଅତିଥିଙ୍କୁ ମଞ୍ଚ



ଆହ୍ୱାନ କରିଥିବା ବେଳେ ଅଧକ୍ଷ ବସନ୍ତ କୁମାର ଦାସ, ଉପସଭାପତି ହରି ମୋହନ ମଲ୍ଲିକ, ଯୁଗ୍ମ ସଂପାଦକ କାହ୍ନୁଚରଣ ଲେଙ୍କା ଉପସ୍ଥିତ ଥିଲେ। ଏହି ଅବସରରେ ଅନୁଷ୍ଠାନ ତରଫରୁ ଗୁରୁ ଦିଲୀପ କୁମାର ମହାପାତ୍ରଙ୍କୁ ପ୍ରତିଭା ସମ୍ମାନ ଦିଆଯାଇଥିଲା। ଆରାଧ୍ୟା ବେହେରାଙ୍କୁ କୋଇଲି ମଣି ଦେବୀ ସ୍ମୃତି ପୁରସ୍କାର, ଏକାମ୍ର ରଂଜନ ଖିଲାରଙ୍କୁ ଅଚ୍ୟୁତାନନ୍ଦ ଦାସ ସ୍ମୃତି ସମ୍ମାନ, ଏସ୍ ଜେ ଦିବାଂଶୀ ପାଣିଗ୍ରାହୀଙ୍କୁ ଯତୀନ୍ଦ୍ର ନାଥ ପଟ୍ଟନାୟକ ସ୍ମୃତି ସମ୍ମାନ, ରାଜଲକ୍ଷ୍ମୀ ମହାଳିକଙ୍କୁ ଧିରେନ୍ଦ୍ର ନାରାୟଣ ଦାସ ସ୍ମୃତି ସମ୍ମାନ, ଦିବ୍ୟଜ୍ୟୋତି ସାହୁଙ୍କୁ ସତ୍ୟସାଧନ ଦାସ ପଟ୍ଟନାୟକ ସ୍ମୃତି ସମ୍ମାନ, ଜନ୍ମଜୟ ତାଲଦିଙ୍କୁ ଅରୁଣ ଦେ ସ୍ମୃତି ସମ୍ମାନ, ପ୍ରିୟାଂଶୁ ସାହୁଙ୍କୁ ହାରାଧନ ଆଚାର୍ଯ୍ୟ ସ୍ମୃତି ସମ୍ମାନ, ଗୌରବ କୁମାର ସାହୁଙ୍କୁ ଶ୍ରୀମା ଅରବିନ୍ଦ ସ୍ମୃତି ସମ୍ମାନ, ସ୍ମୃତିସ୍ୱରୂପା ମିଶ୍ରଙ୍କୁ ସୁବଳଚନ୍ଦ୍ର ରଣା ସ୍ମୃତି ସମ୍ମାନ ଓ ଶ୍ୱେତାଲିସା ଶୁଭଦର୍ଶନୀଙ୍କୁ ଭାଗବତ ଦାସ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥି ସହିତ କର୍ମଚାରୀ ଅନ୍ୟୁତାନନ୍ଦ ଗୋଛାୟତ ଓ ପୁରୁଷୋତ୍ତମ ବେହେରାଙ୍କୁ ଉତ୍ସର୍ଗୀକୃତ ସେବା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପକ ସତ୍ୟରଂଜନ ମହାନ୍ତି, ମନୋରଂଜନ ମହାନ୍ତି, ମାଳା ଦେ, ଅଜିତାନନ୍ଦ ଦେବ ଗୋସ୍ୱାମୀ, ସତ୍ୟନାରାୟଣ ହରିଦାସ, ସୁନୀତା ଶତପଥୀ ଓ ଉପାଧକ୍ଷ ବଂଶୀଧର ରଣା ସହଯୋଗ କରିଥିଲେ। ପରେ ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ, ଗୀତ, ତବଲା, ଗୀଟାର ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅନୁଷ୍ଠାନର ପୂର୍ବତନ ସଂପାଦକ ସ୍ୱର୍ଗତ ଧିରେନ୍ଦ୍ର ନାରାୟଣ ଦାସଙ୍କୁ ବାର୍ଷିକ ଉତ୍ସବ ମଞ୍ଚ ସମର୍ପିତ କରାଯିବା ସହିତ ତାଙ୍କ ଅମର ଆତ୍ମାର ସଦଗତି ପାଇଁ ପ୍ରାରମ୍ଭରେ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା।

## ମନ୍ଦିର ସାମ୍ନାରେ ବୃଦ୍ଧଙ୍କୁ ହତ୍ୟା

ପଟ୍ଟାମୁଣ୍ଡାଇ, ୨୩/୧୧ (ନି.ପ୍ର): ମନ୍ଦିର ସାମ୍ନାରେ ବୃଦ୍ଧଙ୍କୁ ହତ୍ୟା କରାଯାଇଛି । କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକ ଅନ୍ତର୍ଗତ ରିଘାଗଡ଼ ଥାନପତି ମନ୍ଦିର ସାମ୍ନାରେ ରବିବାର ଅପରାହ୍ନରେ ଘଟିଛି ଏହି ହତ୍ୟାକାଣ୍ଡ । ମୃତ ବୃଦ୍ଧ ଜଣକ ହେଲେ ବୁଦ୍ଧଦେବ ସାହୁ । ମନ୍ଦିର ଭୋଗ ରନ୍ଧାକୁ ନେଇ ପ୍ରଥମେ ହୋଇଥିଲା ପାଟିତୁଣ୍ଡ । ପରେ ବୃଦ୍ଧଙ୍କୁ କାଠ ଫାଳିଆରେ ଆକ୍ରମଣ କରିଥିଲେ ଦୁର୍ବୃତ । ସ୍ଥାନୀୟ ଲୋକଙ୍କ ସହଯୋଗରେ ଗୁରୁତର ଆହତ ବୁଦ୍ଧଦେବଙ୍କୁ ଚିକିତ୍ସା ନିମନ୍ତେ ରାଜନଗର ମେଡିକାଲକୁ ଅଣାଯାଇଥିଲା । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

## ସେଙ୍ଗେଲ ଅଭିଯାନ ପକ୍ଷରୁ ସମାଜ ସୁଧାର ଏବଂ ସାର୍ନା ଧର୍ମ ସମ୍ମିଳନୀ

ବାରିପଦା , ୨୩/୧୧ (ନି.ପ୍ର): ଆଦିବାସୀ ସେଙ୍ଗେଲ ଅଭିଯାନର ପ୍ରଦେଶ ପାର୍ଗାନା ସହ ବାରିପଦା ଜୋନାଲ ସଭାପତି ନାରାନ ମୁର୍ମୁଙ୍କ ସଭାପତିତ୍ୱରେ ମୟୁରଭଞ୍ଜ ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଭବନ ଠାରେ ସମାଜ ସୁଧାର ସହିତ ସାର୍ନା ଧର୍ମ ଏକତା ପାଇଁ ସେଙ୍ଗେଲ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମ୍ମିଳନୀରେ ସେଙ୍ଗେଲ ଦିଶୋମ ପାର୍ଗାନା ସୁନାରାମ ସୋରେନ ମୁଖ୍ୟ ଅତିଥି, କେନ୍ଦ୍ରୀୟ ସେଙ୍ଗେଲ ସଂଯୋଜକ ବୁଦ୍ଧାନ ମାର୍ଣ୍ଡି, ସେଙ୍ଗେଲ ରାଜ୍ୟ ସଭାପତି ନରେନ୍ଦ୍ର ହେମ୍ବ୍ରମ, ମହିଳା ମୋର୍ଚ୍ଚା ରାଜ୍ୟ ସଭାପତି ମାଳହ ମାର୍ଣ୍ଡି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଆଦିବାସୀ ମାନଙ୍କର ଏକତା ଏବଂ ଆଦିବାସୀ ସମାଜକୁ ବଞ୍ଚାଇବାକୁ ହେଲେ ସମାଜର ପରମ୍ପରା ନାମରେ ନିଶାଦ୍ରବ୍ୟକୁ ବହିଷ୍କାର, ଅନ୍ଧବିଶ୍ୱାସ ଓ ସାମାଜିକ ବାସନ୍ଦ ଏବଂ ମନଇଚ୍ଛା ଜରିମାନା ଆଦାୟକୁ ବନ୍ଦ କରିବା, ମହିଳା ସଶକ୍ତିକରଣ ସହିତ ସ୍ୱଶାସନ ବ୍ୟବସ୍ଥାରେ ଜନତାନ୍ତ୍ରିକ ସୁଧାର ଆଣିବା ନିତାନ୍ତ ଆବଶ୍ୟକ ଏବଂ ପ୍ରକୃତି ପୂଜକ ଆଦିବାସୀ ମାନଙ୍କର ସାର୍ନା ଧର୍ମକୋଡ଼ ଲାଗୁ କରାଇବାକୁ ପଡିବ ବୋଲି କହିଛନ୍ତି। ସମ୍ମିଳନୀରେ ସେଙ୍ଗେଲ ମାଝୀ-ପାର୍ଗାନା ମାଡୱାର ଜିଲ୍ଲା ସଭାପତି ବିକାଶ ଚନ୍ଦ୍ର ହେମ୍ବ୍ରମ, ଜିଲ୍ଲା ଯୁବା ସଭାପତି ଉଦୟନାଥ ହେମ୍ବ୍ରମ, ଜୋନାଲ ସାର୍ନା ଧରମ ସଭାପତି ଚୈତନ୍ୟ ହେମ୍ବ୍ରମ, ମହିଳା ମୋର୍ଚ୍ଚା ବାରିପଦା ଜୋନାଲ ସଭାପତି ପାନମଣି ହେମ୍ବ୍ରମ, ଝାରଖଣ୍ଡ ରାଜ୍ୟରୁ ଚୁଡ଼ାମଣି ସୋରେନ ପ୍ରମୁଖ ଶତାଧିକ ନେତାମାନେ ଉପସ୍ଥିତ ଥିଲେ।



## ଆଜି ଅନୁଷ୍ଠିତ ହେବ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଜନ ଅଭିଯୋଗ ଶୁଣାଣି

ଭୁବନେଶ୍ୱର, ୨୩/୧୧ (ନି.ପ୍ର): ୨୪ ନଭେମ୍ବର ସୋମବାର ସକାଳ ୧୦.୩୦ ସମୟରୁ ଭୁବନେଶ୍ୱର ୟୁନିଟ ୨ ସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ) ଠାରେ ମୁଖ୍ୟମନ୍ତ୍ରୀ ଜନଶୁଣାଣି କରିବେ । ଗତ ସେପ୍ଟେମ୍ବର ୮ ତାରିଖରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ ଅଭିଯୋଗ କରିଥିଲେ, ଏହି ଶୁଣାଣି ସେମାନଙ୍କ ପାଇଁ ଉଦ୍ଦିଷ୍ଟ । ସେମାନଙ୍କୁ ଆଉ ପୁନଃ ପଞ୍ଜୀକରଣର ଆବଶ୍ୟକତା ନାହିଁ । ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି ।

## ସଦର ନିର୍ବାଚନ ମଣ୍ଡଳୀରେ କଂଗ୍ରେସର ମିଶ୍ରଣ ପର୍ବ ଅନୁଷ୍ଠିତ

ବାଲେଶ୍ୱର, ୨୩/୧୧ (ନି.ପ୍ର): ସଦର ନିର୍ବାଚନ ମଣ୍ଡଳୀ ର କଂଗ୍ରେସର ସବୁଠାରୁ ଦୁର୍ବଳ ୨୫ ନମ୍ବର ଜୋନରୁ ଶତାଧିକ ଅନ୍ୟଦଳର କର୍ମୀ ଓ ଚାନ୍ଦିପୁରର ବହୁ ମହିଳା ସଦର ନିର୍ବାଚନ ମଣ୍ଡଳୀ ର ଯୁବନେତା ସରୋଜ ଲେଙ୍କା ଙ୍କ ପ୍ରଚେଷ୍ଟା ଓ ନେତୃତ୍ୱରେ ଭରସା କରି କଂଗ୍ରେସ ଦଳରେ ଯୋଗ ଦେଲେ । ବରିଷ୍ଠ କଂଗ୍ରେସ ନେତା ପଦ୍ମଲୋଚନ ଲେଙ୍କା ଙ୍କ ସଭାପତିତ୍ୱ ରେ ଆୟୋଜିତ ଏହି ମିଶ୍ରଣ ପର୍ବରେ ପୂର୍ବତନ ବିଧାୟକ




ସୁଦର୍ଶନ ଜେନା, ପୂର୍ବତନ ଜିଲ୍ଲା ସଭାପତି ସଂଜୀବ ଗିରି, ବରିଷ୍ଠ ନାରୀନେତ୍ରୀ ଅର୍ଚ୍ଚନା ନନ୍ଦୀ, ରାଜ୍ୟ ମହିଳା କଂଗ୍ରେସ ସମ୍ପାଦିକା ଜ୍ୟୋତ୍ସ୍ନା ସେନାପତି, ପ୍ରତିମା ପଣ୍ଡା, ଯୁବ କଂଗ୍ରେସ ସଭାପତି ରଞ୍ଜନ ଦାସ, ଛାତ୍ର କଂଗ୍ରେସ ରାଜ୍ୟ ଉପସଭାପତି ଗୌତମ ସାହୁ, କାମରୁଲ ଖାନ, ଶ୍ରୀକାନ୍ତ ବାଗୁଡେଇ, ପରଖୀ ପଞ୍ଚାୟତ ର ସରପଞ୍ଚ କାର୍ତିକ ରାଉତ, ସହେବା ଅଖତାର, ଜୀବନ ମହାପାତ୍ର ,ଅନନ୍ତ ମହାପାତ୍ର, ବିଜୟ ମାଝୀ, ମନୋରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଏହି ମିଶ୍ରଣ ରେ ବାଲେଶ୍ୱର ଟାଉନ ଅମୋର କୁମାର ପାତ୍ର କହିଛନ୍ତି ବିଜେପି ବିଜେଡ଼ି ଗୋଟାଏ ମୁଦ୍ରା ର ଦୁଇଟି ପାର୍ଶ୍ୱ ତେଣୁ ସେମାନଙ୍କ ର ଅନ୍ୟାୟ କୁ ପ୍ରତିହତ କରିବା ପାଇଁ କଙ୍ଗ୍ରେସ ଏକ ମାତ୍ର ବିକଳ୍ପ ଅନ୍ୟ ମାନଙ୍କ ମଧ୍ୟରେ ବଇଞ୍ଚା ପଂଚାୟତର ବିମଳଲୋଚନ ବେହେରା ,କାର୍ତ୍ତୀକ ମାଝୀ,ଶରତ ଦାସ ଶରତ ବଢ଼େଇ, ଅଭିମନ୍ୟୁ ମାଝୀ,ସାନ୍ଦ୍ରା ଟୁଡୁ,ଜିତ ଦାସ ଶ୍ରାବଣୀ ମୁର୍ମୁ ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ଅଜଗର ଅଲ୍ଲୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା

ଭଦ୍ରକ , ୨୩/୧୧ (ନି.ପ୍ର): ଓଡ଼ିଶା ରାଜ୍ୟ ଆଇନ୍‌ସେବା ପ୍ରାଧିକରଣ କଟକଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ଭଦ୍ରକ ପକ୍ଷରୁ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ଶିଶୁ ଅଧିକାର ସଂପର୍କିତ ସଚେତନତା ନିମିତ୍ତ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ଅଧକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଏହି ଚିତ୍ରାଙ୍କନ ପ୍ରତିଯୋଗିତା ଦୁଇଟି ବିଭାଗରେ ଯଥା କନିଷ୍ଠ ଓ ବରିଷ୍ଠ ଛାତ୍ରଛାତ୍ରୀମାନଙ୍କୁ ନେଇ ଜିଲ୍ଲା ନ୍ୟାୟାଳୟ, ନଳାଙ୍ଗ ଭଦ୍ରକ ପରିସରରେ ଅନୁଷ୍ଠିତ ହୋଇ ଯାଇଅଛି । ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ସଚିବ ଶ୍ରୀ ପୁଣ୍ୟଶ୍ଳୋକ ରଥ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି ଚିତ୍ରାଙ୍କନ ପ୍ରତିଯୋଗିତାର ମୁଖ୍ୟ ଆଭିମୁଖ୍ୟ ଶିଶୁ ଦିବସ-୨୦୨୫ - ଶିଶୁ ଅଧିକାର, ପିଲାମାନଙ୍କର ଶିକ୍ଷାଗତ ଅଧିକାର, ଭିନ୍ନକ୍ଷମ ପିଲାମାନଙ୍କୁ ନିରାପତ୍ତା, ଶିଳ୍ପ ବିଜ୍ଞାନ ସମ୍ବନ୍ଧୀୟ ବିଷୟ ପିଲାମାନଙ୍କ ଉପରେ କଣ ପ୍ରଭାବ ରହିଛି, ବାଲ୍ୟ ବିବାହ ବିଲୁପ୍ତ, ଶିଶୁ ଶ୍ରମିକ ବିରୋଧରେ ସମାଜ, ଦାଦନ ଓ ମାନବ ଚାଲାଣ ଯାହାକି ପିଲାମାନଙ୍କ ଉପରେ ଅତ୍ୟନ୍ତ ଖରାପ ପ୍ରଭାବ ପଡୁଛି ସେ ସଂପର୍କିତ ବିଷୟମାନଙ୍କୁ ପିଲାମାନେ ଅତିସୁନ୍ଦର ଓ ନିଖୁଣ ଭାବରେ ନିଜ ନିଜର ଚିତ୍ରାଙ୍କନ ମାଧ୍ୟମରେ କରିଥିଲେ ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida